୬ ଚେସ୍ ଅଲିମ୍ପିଆଡ୍‌ରେ ୯୭ ବର୍ଷର ରେକର୍ଡ ଭାଙ୍ଗିଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୩୮ ● ୨୪ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-238 ● 24th September 2024, Tuesday ● Bhubaneswar
Licensed to post without pre-payment of postage No- BN-60/22-24

## ଭରତପୁର ଥାନା ଘଟଣା

# ତଦନ୍ତରେ ହସ୍ତକ୍ଷେପ କରିବାକୁ ମନା କଲେ ହାଇକୋର୍ଟ

**କଟକ, ୨୩।୯**
**ନ୍ୟୁଜ୍ ବ୍ୟୁରୋ**

ଭରତପୁର ଥାନା ଘଟଣାର ତଦନ୍ତରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ଯେହେତୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ହୋଇସାରିଛି ଏବଂ କ୍ରାଇମବ୍ରାଞ୍ଚ ମଧ୍ୟ ଏହାର ତଦନ୍ତ କରୁଛି ତେଣୁ ତଦନ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ମନାକରିଛନ୍ତି ଓଡ଼ିଶା ହାଇକୋର୍ଟ।

ଭରତପୁର ଥାନା ଘଟଣାକୁ ନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ଶୁଣାଣି କରିଛନ୍ତି । ସବୁ ଥାନାରେ ସିସିଟିଭି ବ୍ୟବସ୍ଥା ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ଥାନାରେ ସି ସି ଟିଭି






ପ୍ରସଙ୍ଗରେ ରିପୋର୍ଟ ତଲବ ବି କରିଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ଏଭଳି ଘଟଣା ଯେପରି ପୁଣି ନ ଘଟେ, ସରକାର ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦ କରିଛନ୍ତି।

ଏଣେ ବିଚାର ବିଭାଗୀୟ ତଦନ୍ତ, କ୍ରାଇମ ବ୍ରାଞ୍ଚକୁ ତିନି ଅଭିଯୋଗର ତଦନ୍ତ ଓ ପୋଲିସଙ୍କ ନିଲମ୍ବନ ସଂକ୍ରାନ୍ତରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସରକାର ଅବଗତ କରିଛନ୍ତି।

ଓଡ଼ିଶାର ୬୫୦ ପୋଲିସ୍ ଥାନା ମଧ୍ୟରୁ ୫୭ଟି ଥାନାରେ ସିସିଟିଭି ନାହିଁ । ଭରତପୁର ଥାନାରେ ସିସିଟିଭି ନ ଥିବା ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ସିସିଟିଭି ବ୍ୟବସ୍ଥା ନେଇ ପୁଲିସ ଆଧୁନିକୀକରଣ ଲାଗି ଏଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୯ ତାରିଖରେ ପରବର୍ତ୍ତୀ ଶୁଣାଣି କରାଯିବ। ଆଗକୁ ସେନା ଅଧିକାରୀଙ୍କ ବାନ୍ଧବୀଙ୍କ ନାଁ ବାହାରେ ପ୍ରକାଶ ନ କରିବାକୁ ତାଗିଦ ବି କରିଛନ୍ତି ହାଇକୋର୍ଟ। ଏଣେ ଏହି ମାମଲାରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଥିବା ନେଇ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଭାରତ-ନେପାଳ ସୀମାରେ ବିପଦ

# ୨୫୦୦ ଜିହାଦୀଙ୍କୁ ତାଲିମ ଦେଉଛି ପାକିସ୍ତାନ

**ଗୋରଖପୁର, ୨୩।୯**

ପାକିସ୍ତାନର ପୃଷ୍ଠପୋଷକତାରେ ବହରାଇଚର ରୁପାଇଡିହାରେ ଭାରତୀୟ ସୀମାଠାରୁ ୬ କିଲୋମିଟର ଦୂରରେ ଥିବା ନେପାଳଗଞ୍ଜରେ ୨୫୦୦ ଜିହାଦୀଙ୍କୁ ତାଲିମ ଦିଆଯାଉଛି। ନେପାଳର ମୁସଲମାନ ଯୁବକମାନଙ୍କୁ ଭାରତ ବିରୋଧରେ ପ୍ରବର୍ତ୍ତାଯାଉଛି, ଯାହା ସୁରକ୍ଷା ଦୃଷ୍ଟିରୁ ଭବିଷ୍ୟତରେ ଏକ ବଡ଼ ବିପଦର ସଙ୍କେତ ଦେଉଛି।

ଗୁଇନ୍ଦା ବିଭାଗ ସ୍ୱତନ୍ତ୍ର ଶାଖାର ଏସପି ଏହାର ରିପୋର୍ଟ ପୋଲିସ ମୁଖ୍ୟାଳୟକୁ ପଠାଇଛନ୍ତି । ୫ ସେପ୍ଟେମ୍ବର ୨୦୨୪ରେ ସରକାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ସୁରକ୍ଷା ଏବଂ ଗୁଇନ୍ଦା ସଂସ୍ଥା ଏହି





ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛନ୍ତି।

ଉତ୍ତରପ୍ରଦେଶର ନେପାଳ ସୀମା ସହ ଜଡିତ ସାପ୍ତାହିକ ଗୁଇନ୍ଦା ରିପୋର୍ଟରେ କୁହାଯାଇଛି ଯେ ନେପାଳର ବାଙ୍କେ ଜିଲ୍ଲାର ନେପାଳଗଞ୍ଜର ଫୁଲଟେକରା ଅଞ୍ଚଳରେ ଏଭଳି ତାଲିମ ପ୍ରଦାନ କାର୍ଯ୍ୟ ଜାରି ରହିଛି।

ପାକିସ୍ତାନର ଆର୍ଥିକ ଅନୁଦାନରେ ଚାଲିଥିବା ଏହି ଅଞ୍ଚଳରେ ଥିବା ମଦ୍ରାସାଗୁଡ଼ିକରେ ପାକିସ୍ତାନର କେତେକ ଲୋକ ତାଲିମ ପ୍ରଦାନ *(ପୃଷ୍ଠା ୭ରେ)*

## ପରଲୋକରେ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହରିହର ମିଶ୍ର



**ପୁରୀ, ୨୩।୯**
**ନ୍ୟୁଜ୍ ବ୍ୟୁରୋ**

ପ୍ରଖ୍ୟାତ କବି, ନାଟ୍ୟକାର, ଗୀତିକାର, ସଂଳାପକାର, ଅଭିନେତା ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ହରିହର ମିଶ୍ରଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି କିଡନୀ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କୁ ୫ ଦିନ ତଳେ ପୁରୀ ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସୋମବାର ସକାଳେ ତାଙ୍କର ଦେହାନ୍ତ ହୋଇଛି । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରୂପକଲ୍ପ ମିଶ୍ର , ପୁତ୍ରବଧୂ ଓ ପତ୍ନୀ ଉପସ୍ଥିତ ଥିଲେ। *(ପୃଷ୍ଠା ୭ରେ)*

## କଟକରେ ସୀମା ଟପିଲା କଳାବଜାର

**କଟକ, ୨୩।୯**
**ନ୍ୟୁଜ୍ ବ୍ୟୁରୋ**

ଅତୀତରେ କଟକରୁ ଖାଇବା ତେଲ, ଘିଅ, ଡିଟରଜେଣ୍ଟ ପାଉଡରଠାରୁ ଆରମ୍ଭ କରି ନାନା ପ୍ରକାର ଖାଦ୍ୟ ସାମଗ୍ରୀର ଅପମିଶ୍ରଣ କରାଯାଉଥିବା ଦେଖିବାକୁ ମିଳିଥିଲା। ଏବେ କିଛି ଖଳ ପ୍ରକୃତିର ଲୋକେ ଏକ ଘରୋଇ କମ୍ପାନୀର ନାଁରେ କଳାବଜାରୀ କରୁଥିବା କାରଖାନାକୁ ସିଲ କରିଛି ପୋଲିସ। ଏଥିସହିତ ପୋଲିସ ନମୁନା ଜବତ କରି ପରୀକ୍ଷା ପାଇଁ ପଠାଇଥିଲା ବେଳେ କମ୍ପାନୀର ମାଲିକଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି।

ସୂଚନା ଅନୁଯାୟୀ, କମିଶନରେଟ ପୋଲିସର ମିଳିତ ଟିମ୍ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନେ ଜଗତପୁର ଥାନା ଅନ୍ତର୍ଗତ ଅତଡ଼ା ଅଞ୍ଚଳରେ ଚାଲିଥିବା ଏହି କମ୍ପାନୀ ଉପରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ଜଣାପଡିଛି ଯେ ରୋହିଣୀ ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ଦହି ଏବଂ ଲସି ପରି *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଲୋକଙ୍କ ମୁଖ୍ୟମନ୍ତ୍ରୀ ଶୁଣିଲେ ଲୋକଙ୍କ ସମସ୍ୟା

# ସମସ୍ୟାର ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

**ଭୁବନେଶ୍ୱର, ୨୩।୯**
**ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣିବାର ଧାରା ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ ହୋଇଥିବା ଏକ ହଜାର ଅଭିଯୋଗକାରୀଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଠାରୁ ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି।

ପୂର୍ବରୁ ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ବ୍ୟାପର ଥିଲା। ଆଜି କିନ୍ତୁ ଲୋକଙ୍କ




ମୁଖ୍ୟମନ୍ତ୍ରୀ ଲୋକଙ୍କୁ ପାଖରେ ବସାଇ ସେମାନଙ୍କ ଦୁଃଖ ଶୁଣୁଛନ୍ତି । ସମାଧାନର ବ୍ୟବସ୍ଥା କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଆଶ୍ୱାସନା ଭରା କଥାରେ ଖୁସିରେ ଆତ୍ମହରା ହୋଇ ଉଠୁଛନ୍ତି । ସମସ୍ତେ ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଠାରୁ *(ପୃଷ୍ଠା ୭ରେ)*

# 'ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଦେଖିବା କିମ୍ବା ଡାଉନ୍‌ଲୋଡ କରିବା ଅପରାଧ'

**ନୂଆଦିଲ୍ଲୀ, ୨୩।୯**

ଚାଇଲ୍ଡ ପର୍ଣ୍ଣୋଗ୍ରାଫିକୁ ନେଇ ବଡ଼ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ପିଲାଙ୍କ ସହ ଜଡିତ ଅଶ୍ଳୀଳ କଣ୍ଟେଣ୍ଟ ଦେଖିବା, ପ୍ରକାଶ କରିବା କିମ୍ବା ଏହାକୁ ଡାଉନ୍‌ଲୋଡ କରିବା ଦଣ୍ଡନୀୟ ଅପରାଧ। ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଡାଉନ୍‌ଲୋଡ କିମ୍ବା ଦେଖିବା ପୋକ୍ସୋ ଅଧିନିୟମ ।

ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି ପାରଡିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି । ଏହି ରାୟ ଦେବାବେଳେ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟ ରାୟକୁ ମଧ୍ୟ ରଦ୍ଦ କରି ଦେଇଛନ୍ତି।

ନିକଟରେ ମାଡ୍ରାସ ହାଇକୋର୍ଟ ମୋବାଇଲ ଫୋନରେ ଶିଶୁ ଅଶ୍ଳୀଳ ବିଷୟବସ୍ତୁ ରଖିଥିବା ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ମାମଲାକୁ ବାତିଲ କରିଦେଇଥିଲେ। କେବଳ ଶିଶୁ ଅଶ୍ଳୀଳତା ଡାଉନଲୋଡ କରିବା ଏବଂ ଦେଖିବା ଆଇନ୍ ଅନୁଯାୟୀ ଅପରାଧ ନୁହେଁ



ବୋଲି ଏଥିରେ ଦର୍ଶାଯାଇଥିଲା। ମାଡ୍ରାସ ହାଇକୋର୍ଟଙ୍କ ଏହି ରାୟ ଆସିବା ପରେ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନେକ ସଂଗଠନ ଏହାକୁ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୋମବାର ଏହି ମାମଲାର ଶୁଣାଣି ହୋଇଛି।

ଶୁଣାଣି ବେଳେ ଜଷ୍ଟିସ ଜେ.ବି ପାରଡିୱାଲା କହିଛନ୍ତି ଯେ ଦୋଷୀମାନଙ୍କ ମାନସିକ ସ୍ଥିତିର ଅନୁମାନ ଉପରେ ସମସ୍ତ ପ୍ରଯୁଜ୍ୟ ବ୍ୟବସ୍ଥା ବୁଝାଇବାକୁ ଆମେ ଚେଷ୍ଟା କରିଛୁ ଏବଂ ନିର୍ଦ୍ଦେଶାବଳୀ ମଧ୍ୟ ରଖିଛୁ। ପୋକ୍ସୋ ଆକ୍ଟରେ ପରିବର୍ତ୍ତନ କରି ଚାଇଲ୍ଡ ପର୍ଣ୍ଣୋଗ୍ରାଫି ଶବ୍ଦ ସ୍ଥାନରେ ଶିଶୁ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାର ଶବ୍ଦ ଲେଖାଯାଉ ବୋଲି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତା କରୁଥିବା ବେଞ୍ଚର ସଦସ୍ୟ ଜଷ୍ଟିଶ ଜେ ବି ପାରଡିୱାଲା ୨୦୦ ପୃଷ୍ଠାର ଏହି ରାୟ ଲେଖିଛନ୍ତି।

ସେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ପୋକ୍ସୋ ଆଇନରେ ପରିବର୍ତ୍ତନ ସଂସଦରେ ଅନୁମୋଦନ ନହୁଏ ସେପର୍ଯ୍ୟନ୍ତ ଏକ ନିୟମ ଆଣିବା ଉଚିତ୍। ସୁପ୍ରିମକୋର୍ଟ ମଧ୍ୟ ଦେଶର ଅଦାଲତମାନଙ୍କୁ ସେମାନଙ୍କ ନିର୍ଦ୍ଦେଶରେ ଲେଖିବାକୁ ପରାମର୍ଶ ଦେଇଛନ୍ତି । ଯାହାଫଳରେ ଏହିପରି ଅପରାଧର ବାସ୍ତବତାକୁ ଅଧିକ ସଠିକ ଭାବରେ ଦର୍ଶାଯାଇପାରିବ।

# ଲେବାନନରେ ଇସ୍ରାଏଲର ଆକ୍ରମଣ : ୧୦୦ ମୃତ

**ଲେବାନନ, ୨୩।୯**

ହିଜବୁଲ୍ଲା ଏବଂ ଇସ୍ରାଏଲର ବିବାଦ ମଧ୍ୟରେ ଲେବାନନ ଉପରେ ଆକ୍ରମଣ କରିଛି ଇସ୍ରାଏଲ ସେନା। ଘନ ଘନ ରକେଟ ମାଡରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି ଲେବାନନର କିଛି ଅଞ୍ଚଳ । ଏଥିରେ ଶହେରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି।

ଇସ୍ରାଏଲର ଆକ୍ରମଣ ନେଇ ଲେବାନନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରଥମେ ମୃତ୍ୟୁସଂଖ୍ୟା ୫୦ ବୋଲି କୁହାଯାଉଥିଲା। ପରବର୍ତ୍ତୀ ସମୟରେ ଏହା ବଢି ଶହେରେ ପହଞ୍ଚିଥିବା ରିପୋର୍ଟ ଆସିଛି। ସେହିପରି ଆହତଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଇସ୍ରାଏଲ ବଡ଼ ଧରଣର ଆକ୍ରମଣ



କରିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି।

ସୂଚନା ଅନୁସାରେ, ସୋମବାର ଇସ୍ରାଏଲ ସେନା ପକ୍ଷରୁ ଭିଡିଓ ଜାରି କରାଯାଇ ଲୋକମାନଙ୍କୁ ଅନ୍ୟ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଥିଲା। ଯେଉଁ ସ୍ଥାନରେ ଲେବାନନର ସମର୍ଥିତ ସଂଗଠନ ହିଜବୁଲ୍ଲା ଅସ୍ତ୍ରଶସ୍ତ୍ର ସଂରକ୍ଷଣ କରି ରଖିଛି, ସେଠାରୁ ତୁରନ୍ତ *(ପୃଷ୍ଠା ୭ରେ)*

# ୩୪ ମାମଲାରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କମ୍ ଦଣ୍ଡ

**ନୂଆଦିଲ୍ଲୀ, ୨୩।୯**

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଳବାଇ ସମେତ ବିଭିନ୍ନ ସରକାରୀ ବିଭାଗ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ(ସିଭିସି)ଙ୍କ ପରାମର୍ଶକୁ

## ସିଭିସିଙ୍କୁ ଅଣଦେଖା

ଅଣଦେଖା କରିଛନ୍ତି । ପ୍ରକୃତରେ ସରକାରୀ ବିଭାଗଗୁଡିକ ନିୟମ ପାଳନ ନ କରିବାର ୩୪ଟି ପ୍ରମୁଖ ମାମଲା ସିଭିସି ଚିହ୍ନଟ କରିଛି। ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗଙ୍କ ପରାମର୍ଶକୁ ଅଣଦେଖା କରାଯାଇଛି ।

୨୦୨୩ ରିପୋର୍ଟରେ ସିଭିସି ମଧ୍ୟ ଉଲ୍ଲେଖ କରିଛନ୍ତି ଯେଉଁଥିରେ ଅନୁସନ୍ଧାନରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଧିକାରୀଙ୍କ ବିରୋଧରେ ଆୟୋଗର ସୁପାରିସକୁ ମଧ୍ୟ ଅଣଦେଖା କରାଯାଇଛି। କେତେକ କ୍ଷେତ୍ରରେ ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ନିର୍ଦ୍ଦୋଷରେ ଖଲାସ ହୋଇଥିବାବେଳେ କେତେକଙ୍କୁ ସମ୍ପୃକ୍ତ ବିଭାଗ ଦ୍ୱାରା ଅତି କୋହଳ ଦଣ୍ଡ ଦିଆଯାଇଥିଲା।

ଏଥିମଧ୍ୟରୁ ସର୍ବାଧିକ ୭ଟି ମାମଲା କୋଇଲା ମନ୍ତ୍ରଣାଳୟ ସହ ଜଡିତ । ସେହିଭଳି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ରେ ପାଞ୍ଚଟି, ଆଇଡିବିଆଇ ବ୍ୟାଙ୍କରେ ଚାରିଟି, ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ତିନୋଟି ଏବଂ ଶକ୍ତି ମନ୍ତ୍ରଣାଳୟ ଏବଂ ଏନବିସିସି (ଭାରତ) ଲିମିଟେଡ ଅଧୀନରେ ଦୁଇଟି ଲେଖାଏଁ ମାମଲା ରହିଛି। ଯେଉଁଥିରେ ସିଭିସି ପରାମର୍ଶକୁ ଅଣଦେଖା କରାଯାଇଛି।

ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ଜଳ ବୋର୍ଡ (ଡିଜେବି), ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଜିଏନସିଟିଡି), ରେଳ ମନ୍ତ୍ରଣାଳୟ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ), ପରୋକ୍ଷ ଟିକସ ଏବଂ କଷ୍ଟମ୍ସ ସେଣ୍ଟ୍ରାଲ ବୋର୍ଡ(ସିବିଆଇସି), କାଉନସିଲ ଅଫ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସଆଇଆର)ରେ *(ପୃଷ୍ଠା ୭ରେ)*

## ଜିଲ୍ଲାସ୍ତରରେ ଖୋଲିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଭୁବନେଶ୍ୱର, ୨୩।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସ୍ତରୀୟ ଅଭିଯୋଗ ଶୁଣାଣି ସହିତ ଆଗାମୀ ଦିନରେ ଜିଲ୍ଲା ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କ୍ୟାମ୍ପ ଖୋଲିବ। ମୁଖ୍ୟମନ୍ତ୍ରୀଙ୍କ ଇଛା ଆଗାମୀ ଦିନରେ ଉତ୍ତର ଓଡ଼ିଶା, ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ସେଠାରେ ଲୋକଙ୍କ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଅନୁସାରେ ତଳସ୍ତରକୁ ଯିବା ପାଇଁ ଆଗାମୀ ଦିନର ବ୍ୟବସ୍ଥା ରହିଛି।

ଏହା ଦ୍ୱାରା ଜନସାଧାରଣ ସହଜରେ ଅଭିଯୋଗ ପତ୍ର ଦାଖଲ କରିବେ । ୧ ହଜାରରୁ ଅଧିକ ଅଭିଯୋଗକାରୀ ଅଭିଯୋଗ ନେଇ ଅଭିଯୋଗ କରିଛନ୍ତି । ଦିବ୍ୟାଙ୍ଗ, ବୟସ୍କ ଏବଂ ବିଭିନ୍ନ ସମସ୍ୟାରେ ଜଡିତ ଥିବା ଅଭିଯୋଗକାରୀ ପଞ୍ଜୀକୃତ *(ପୃଷ୍ଠା ୭ରେ)*

# ୟୁଟିଆଇ, ଟାଇଫଏଡ୍ ଓ ନିମୋନିଆ ଉପରେ କାମ କରୁନି ଆଣ୍ଟିବାୟୋଟିକ



**ନୂଆଦିଲ୍ଲୀ, ୨୩।୯**

ୟୁରିନାରୀ ଟ୍ରାକ୍ଟ ଇନଫେକ୍ସ, ବ୍ଲଡ ଇନଫେକ୍ସନ, ନିମୋନିଆ ଏବଂ ଟାଇଫଏଡ ଭଳି ରୋଗ ଉପରେ ସାଧାରଣ ପ୍ରକାର

## ଆଇସିଏମ୍‌ଆରର ଚିନ୍ତାଜନକ ରିପୋର୍ଟ

ଆଣ୍ଟିବାୟୋଟିକ କାମ କରୁନାହିଁ । ଏକଥା ଆମେ କହୁନୁ, ଭାରତର ମେଡିକାଲ ଗବେଷଣା ସଂସ୍ଥା ଆଇସିଏମଆର'ର ସଦ୍ୟତମ ରିପୋର୍ଟରେ ଏହା ପ୍ରକାଶ ପାଇଛି।

ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚର ଆଣ୍ଟିମାଇକ୍ରୋବାୟଲ ରେଜିଷ୍ଟାନ୍ସ ସର୍ଭେଲାନ୍ସ ନେଟୱାର୍କ କେତେକ ସାଧାରଣ ପ୍ରକାର ଆଣ୍ଟିବାୟୋଟିକର ପ୍ରତିରୋଧତା ଉପରେ ପରୀକ୍ଷଣ କରିଥିଲା। ଯେଉଁଥିରେ ନିମୋନିଆ, ସେପସିସ୍, ରେସ୍ପିଟୋରୀ (ଶ୍ୱାସକ୍ରିୟା) ସଂକ୍ରମଣ ଉପରେ ସାଧାରଣ ଆଣ୍ଟିବାୟୋଟିକ କେତେ ପ୍ରଭାବ ପକାଉଛି ତା ଉପରେ ପରୀକ୍ଷଣ କରାଯାଇଥିଲା।

ଏଥିପାଇଁ ଜାନୁଆରୀ ୧, ୨୦୨୩ରୁ ଡିସେମ୍ବର ୩୧, ୨୦୨୩ ଅର୍ଥାତ ପୂରା ଗୋଟିଏ ବର୍ଷର ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ତଥ୍ୟ ଉଭୟ ରୋଗୀ ଏବଂ ଆଇସିୟୁରେ *(ପୃଷ୍ଠା ୭ରେ)*

# ବଜ୍ରାଘାତରେ ୬ କଲେଜ ଛାତ୍ରଙ୍କ ସମେତ ୮ ମୃତ

**ରାୟପୁର, ୨୩।୯**

ଛତିଶଗଡ଼ର ରାଜନନ୍ଦଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ବଜ୍ରପାତ ହେବାରୁ ୮ ଜଣଙ୍କର ଅସମୟରେ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ୬ ଜଣ ଛାତ୍ର ଥିବା ଜଣାପଡ଼ିଛି । ମୃତ ଛାତ୍ରମାନେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ। ପରୀକ୍ଷା ଦେଇ ଫେରିବା ବାଟରେ ବଜ୍ରପାତ ହୋଇଥିଲା।

ସୂଚନା ଅନୁସାରେ, ଛାତ୍ରମାନେ ପରୀକ୍ଷା ଦେଇ ଫେରିବା ବାଟରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ସେମାନେ ଗଛ ତଳେ ଥିବା ଏକ ଅସ୍ଥାୟୀ ଘରେ ଆଶ୍ରୟ ନେଇଥିଲେ। ସେହି ସ୍ଥାନରେ ଅନ୍ୟ ପଥଚାରୀ ମଧ୍ୟ ଆଶ୍ରୟ ନେଇଥିଲେ।



ଏହି ସମୟରେ ବଜ୍ରପାତ ହେବାରୁ ଛାତ୍ରମାନଙ୍କ ସହ ଆଶ୍ରୟ ନେଇଥିବା ଅନ୍ୟ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ଏଥିସହ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଆହତ ହୋଇଛନ୍ତି । ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ରାଜନନ୍ଦଗାଁ ଏସପି ମୋହିତ ଗର୍ଗ ସୂଚନା ଦେଇଛନ୍ତି।

ସେପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ସେପ୍ଟେମ୍ବର ୨୦୨୪ ମଙ୍ଗଳବାର





## ୟୁପିରେ ପୁଣି ଟ୍ରେନ ଓଲଟାଇବାକୁ ଷଡ଼ଯନ୍ତ୍ର, ରେଳ ଲାଇନରୁ ମିଳିଲା ଗ୍ୟାସ ସିଲିଣ୍ଡର

**ନୂଆଦିଲ୍ଲୀ,**

ଉତ୍ତରପ୍ରଦେଶର କାନପୁରରୁ ପୁଣି ଥରେ ଟ୍ରେନକୁ ଓଲଟାଇବାକୁ ଷଡ଼ଯନ୍ତ୍ର ସାମ୍ନାକୁ ଆସିଲା । ଏହି ଘଟଣା କାନପୁର ଦେହାତ ଜିଲ୍ଲାର ପ୍ରେମପୁର ଷ୍ଟେଶନ ପାଖର ଘଟଣା । ଯେଉଁଠାରେ କାନପୁର – ପ୍ରୟାଗରାଜ ରୁଟରେ ଏକ ମାଲଗାଡ଼ିର ଲୋକ ପାଇଲଟଙ୍କୁ ଟ୍ରାକରେ ଏକ ଛୋଟ ଗ୍ୟାସ ସିଲିଣ୍ଡର ଦେଖିବାକୁ ମିଳିଥିଲା। ଏହାପରେ ଲୋକ ପାଇଲଟ ସତର୍କତା ଦେଖାଇ ଇମରଜେନ୍ସି ବ୍ରେକ ଲଗାଇଥିଲେ ଏବଂ ଦୁର୍ଘଟଣା ପୂର୍ବରୁ ଟ୍ରେନ୍ ଅଟକାଇ ଦେଇଥିଲେ। ଏହାପରେ ଲୋକ ପାଇଲଟ ଏହାର ସୂଚନା ଅଧିକାରୀଙ୍କୁ ଦେଇଥିଲେ । ରେଲୱେ ଏହି ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛି । ଜେଟିଟିଏନ ଗୁଡ୍ସ ଟ୍ରେନ କାନପୁରରୁ ପ୍ରୟାଗରାଜ ଆଡ଼କୁ ଆସିବା ସମୟରେ ଯେତେବେଳେ ପ୍ରେମପୁର ଷ୍ଟେଶନରେ ଲୁପ ଲାଇନରେ ଆସୁଥିଲା ତ ଗାଡ଼ିରେ କାର୍ଯ୍ୟରତ ଡ୍ରାଇଭର ସିଗ୍ନାଲରୁ କିଛି ଦୂର ପୂର୍ବରୁ ଏକ ସିଲିଣ୍ଡର ରଖାଯାଇଥିବା ଦେଖିଥିଲେ। ସେ ତୁରନ୍ତ ଏହା ଦେଖି ଇମରଜେନ୍ସି ବ୍ରେକ ଲଗାଇ ଗାଡ଼ିକୁ ସିଲିଣ୍ଡର ପୂର୍ବରୁ ଅଟକାଇ ଦେଇଥିଲେ। ଏହାପରେ ସେ ସବୁ ବିଭାଗକୁ ଏହାର ସୂଚନା ଦେଇଥିଲେ।

### କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଔଷଧ ଦୋକାନ ଖୋଲିବା ଘଟଣା

## ନୋଟିସ୍ ଜାରି କରିବେ ଡାକ୍ତରଖାନା କର୍ତ୍ତୃପକ୍ଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





କ୍ୟାପିଟାଲ୍ ହସ୍ପିଟାଲ୍ ପରିସରରେ ଏକ ଘରୋଇ ଔଷଧ ଦୋକାନ ଖୋଲିଥିଲା । ଏହି ଘଟଣାକୁ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଉକ୍ତ ଦୋକାନୀଙ୍କୁ ନୋଟିସ୍ ଜାରି କରିବେ । ଯଦି ନୋଟିସ୍ ଦେବାର ୨୪ ଘଣ୍ଟା ଭିତରେ ଦୋକାନୀ ଏହି ନୋଟିସ୍‌ର ଉତ୍ତର ନ ଦିଅନ୍ତି ତାହାହେଲେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି । ଡାକ୍ତରଖାନା କର୍ତ୍ତୃପକ୍ଷ ଔଷଧ ଦୋକାନୀଙ୍କ ବିରୋଧରେ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟଯେ, ୨୦୧୫ ଫେବ୍ରୁଆରୀ ୨୭ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲା । ସେତେବେଳେ ରାଜ୍ୟ ସାରା ସବୁ ସରକାରୀ ଡାକ୍ତରଖାନା ପରିସରରେ ଘରୋଇ ଔଷଧ ଦୋକାନକୁ ବନ୍ଦ କରାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ୍ ପରିସରରେ କେତେକ ଔଷଧ ଦୋକାନ ଖୋଲିଥିବାବେଳେ ସେଗୁଡିକର ଲାଇସେନ୍ସ ବାତିଲ କରାଯିବା ସହ ସେଗୁଡିକୁ ମଧ୍ୟ ବନ୍ଦ କରାଯାଇଥିଲା।

## ବଦଳିବ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଠିକଣା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବଦଳିବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନର ଠିକଣା । ରାଜପଥ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀଙ୍କ ନୂଆ ଠିକଣା । ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ କୁ ଆସିବେ ମୋହନ ଚରର ମାଝୀ । ଲୋୟର ପିଏମ୍‌ଜିରୁ ରାଜପଥ ଅଥବା ଏଜିରୁ ରାଜଭବନ ଭବନ ରାସ୍ତାକୁ ଉଠି ଆସିବ ମୁଖ୍ୟମନ୍ତ୍ରୀଙ୍କ ଠିକଣା।

ଅଭିଯୋଗ ପ୍ରକୋଷ୍ଠ ପାଖରେ ଭିଆଇଆଇଆଇଏମ୍ ଆର-୩ରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବଙ୍ଗଳାରେ ରହିବେ ମୋହନ ଚରଣ ମାଝୀ । ଏଥି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନବୀକରଣ କାମ ଚାଲିଛି।

## ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି ମଙ୍କିପକ୍ସ ଡର

**ନୂଆଦିଲ୍ଲୀ,**

ବିଶ୍ୱକୁ ଡରାଉଛି ମଙ୍କିପକ୍ସ,ରଚୁଛି ଆତଙ୍କ,ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା,ବ୍ୟାପିଲାଣି ୧୧୬ଟି ଦେଶ,୯୯ ହଜାର ଲୋକେ ହେଲେ ସଂକ୍ରମିତ,ଦିନକୁ ଦିନ ବଢୁଛି ମୃତ୍ୟୁ ସଂଖ୍ୟା। କରୋନା ମହାମାରୀ କବଳରୁ ସାରା ବିଶ୍ୱ ନିକଟରେ ରକ୍ଷା ପାଇଥିବା ବେଳେ ଏବେ ପୁଣି ଡରାଇଲାଣି ମଙ୍କିପକ୍ସ। ଏନେଇ ସବୁ ଜିଲ୍ଲାରେ ଗାଇଡଲାଇନ ଜାରି କରାଯାଇଛି ବିମାନ ବନ୍ଦର ସହ ବନ୍ଦର କର୍ତ୍ତୃପକ୍ଷଙ୍କୁ ଗାଇଡଲାଇନ୍ ଜାରି କରାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି ।ଭାରତରେ ମଙ୍କିପକ୍ସ ସଂଖ୍ୟା କମ୍ ରହିଥିଲେ ମଧ୍ୟ ବିଦେଶ ଭ୍ରମଣକାରୀଙ୍କ ଉପରେ ରଖାଯାଇଛି କଡ଼ା ନଜର। ମଙ୍କିପକ୍ସ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ନମୁନା ପରୀକ୍ଷା ପାଇଁ କୁହାଯାଇଛି । ସମସ୍ତ ନମୁନା ଏମ୍ସ ଲାବୋରେଟୋରୀକୁ ପଠାଯିବ । ଲକ୍ଷଣ ଦେଖାଗଲେ ୨୧ ଦିନ ପାଇଁ ଆଇସୋଲେସନରେ ରଖାଯିବ । ସେହିପରି ରିପୋର୍ଟ ନେଗେଟିଭ୍ ଆସିଲେ ଛାଡ଼ି ଦିଆଯିବ। ମଙ୍କିପକ୍ସକୁ ବିଶ୍ୱ ମହାମାରୀ ଘୋଷଣା କରିଛି ଡବ୍ଲ୍ୟୁଏଚଓ ।ଆଫ୍ରିକାରେ କାୟା ବିସ୍ତାର କରିଥିବା ମଙ୍କିପକ୍ସ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି । ଦେଶର ପ୍ରଥମ ମଙ୍କିପକ୍ସ ଆକ୍ରାନ୍ତ ଗତ ୯ ତାରିଖରେ ପ୍ରଥମ ମାମଲା ଆସିଥିଲା ଦିଲ୍ଲୀରୁ,ତା'ର ୯ ଦିନ ପରେ ଦ୍ୱିତୀୟ ଆକ୍ରାନ୍ତ କେରଳରୁ ଚିହ୍ନଟ ହୋଇଛି । କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ମଙ୍କିପକ୍ସ ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ରହିବାକୁ ଦେଇଛନ୍ତି ପରାମର୍ଶ। ଅଗଷ୍ଟ ୧୪ ତାରିଖରେ ଡବ୍ଲ୍ୟୁଏଚଓ ଏହାକୁ ନେଇ ଗ୍ଲୋବାଲି ଡିକ୍ଲେୟାର କରିସାରିଛି । ତେବେ ଏହାକୁ ଚିହ୍ନିବା ପାଇଁ ଭୁବନେଶ୍ୱର ଇମଜିନେକ୍ସ ପକ୍ଷରୁ ପ୍ରସ୍ତୁତ ହୋଇଛି ଇନଷ୍ଟାନ୍ସ ଟେଷ୍ଟିଙ୍ଗ କିଟ୍ । ଦୀର୍ଘ ଦିନର ପରୀକ୍ଷା ନିରୀକ୍ଷା ପରେ ଏହାକୁ ପ୍ରସ୍ତୁତ କରାଯାଇଛି । ଯାହା ଦ୍ୱାରା ଆକ୍ରାନ୍ତଙ୍କୁ ୧୦ ରୁ ୧୫ ମିନିଟ ମଧ୍ୟରେ ଚିହ୍ନଟ କରିହେବ, ଆଉ ସେ ବି ମାତ୍ର ୨୦ ରୁ ୩୦ ଟଙ୍କା ଖର୍ଚ୍ଚ କରି । ଆଇସିଏମଆରର ମୋହର ବାଜିଲା ପରେ ,ଖୁବ୍ ଶୀଘ୍ର ଜନ ସ୍ୱାସ୍ଥ୍ୟ କାର୍ଯ୍ୟରେ ଏହି କିଟ୍ ବ୍ୟବାହର ହେବ । ଜ୍ୱର, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଏବଂ ମାଂସପେଶୀ ଯନ୍ତ୍ରଣା ଭଳି ଲକ୍ଷଣ ଏହି ରୋଗରେ ପ୍ରଥମେ ଦେଖିବା ପାଇଁ ମିଳିଥାଏ । ଜ୍ୱର କମିଯିବା ପରେ ଶରୀରରେ ଘା ଦେଖାଯାଏ,ଯାହା ପ୍ରାୟତଃ ମୁହଁରୁ ଆରମ୍ଭ ହୋଇ ଶରୀରର ଅନ୍ୟ ଅଂଶକୁ ବ୍ୟାପିଥାଏ। ୧୯୫ରେ ଡେନମାର୍କରେ ପ୍ରଥମେ ମାଙ୍କଡ଼ ଠାରେ ଚିହ୍ନଟ ମଙ୍କିପକ୍ସ ଭୂତାଣୁ ମୂଷା ଓ ଅନ୍ୟ ଛୋଟ ସ୍ତନ୍ୟପାୟୀ ଜୀବ ଶରୀରରେ ମଧ୍ୟ ମିଳିଥାଏ। ମଣିଷ ଠାରେ ଏହା ପ୍ରଥମେ ୧୯୭୦ରେ କଙ୍ଗୋରେ ଚିହ୍ନଟ ହୋଇଥିଲା। ପଶୁରୁ ପଶୁକୁ ଏବଂ ମଣିଷକୁ ବ୍ୟାପୁଥିବା ଏହି ସଂକ୍ରମଣ ଏବେ ମଣିଷଠୁ ମଣିଷକୁ ମଧ୍ୟ ଡେଉଁଛି। ସରକାରଙ୍କ ପକ୍ଷକୁ ଗାଇଡଲାଇନ ଜାରି ହେବା ସହ କରାଯାଇଛି ସଚେତନ।

## ଖୋଲୁଛି ଆବାସ କେଳେଙ୍କାରୀର ଗୁମର : କୋଟିଏ ଟଙ୍କାର ମାଲିକଙ୍କ ନାଁରେ ଆବାସ ଘର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାତ୍ରପଡ଼ା ପ୍ରାଇମ୍ ଲୋକେସନରେ ଦୁଇଟି ଦାମୀ ଫ୍ଲାଟ୍ । ଆଖି ତରଟିଲା ଭଳି ବଙ୍ଗଲୋ । ସହର ଭିତରେ ରହିଛି ଦୁଇଟି ରେଷ୍ଟୁରାଣ୍ଟ । ତଥାପି ଏମାନେ ଗରିବ । ଡୁମଡୁମାରେ ଏକ ଦାମୀ ଫ୍ଲାଟ୍। କିଆ କାର୍ ବି ଅଛି । ମାଷ୍ଟରକ୍ୟାଣ୍ଟିନରେ ଅଛି ଦାମୀ ରେଷ୍ଟୁରାଣ୍ଟ । ଏମାନେ ହେଉଛନ୍ତି ଭୁବନେଶ୍ୱରରେ ଆବାସ ଯୋଜନାର ହିତାଧିକାରୀ । ଏହି ଗୋଟିଏ କି ଯୋଡ଼ିଏ ନୁହେଁ, ଏମିତି ମାଳ ମାଳ ନକଲି ହିତାଧିକାରୀ ରହିଛନ୍ତି । ବଡ଼ ବଡ଼ ଅଟ୍ଟାଳିକା ଅଛି । ଦାମୀ କାର୍ ଅଛି। ସେମାନଙ୍କ ନାଁରେ ଏକର ଏକର ଜାଗା ବି ରହିଛି । ହେଲେ ଚଞ୍ଚକତା କରି ସର୍ଭେରେ ପୂରାଇଛନ୍ତି ନିଜ ନାଁ । ରାଜୀବ ଗାନ୍ଧୀ ଆବାସ ଯୋଜନାରେ ଘର ପାଇଛନ୍ତି । ଏଭଳି ଏକ ଅନୁକମ୍ପା ଜଣାପଡ଼ିବା ପରେ ବିଏମ୍‌ସି ଆବାସ କେଳାଙ୍କାରୀର ଗୁମର ଖୋଲିବାରେ ଲାଗିଛି । ସବୁଠୁ ବଡ଼ ପ୍ରଶ୍ନ ଯେ, କେମିତି ମାଳ ମାଳ କୋଟିପତି ହିତାଧିକାରୀ ଆବାସ ହାତେଇଛନ୍ତି ? ଶାନ୍ତିପଲ୍ଲୀ ଆବାସ ଯୋଜନାରେ ଏକାଧିକ ହିତାଧିକାରୀ ଜାଲ ସାର୍ଟିଫିକେଟ୍ ଦେଇ ଘର ପାଇଥିବା ଆସିଥିଲା ଅଭିଯୋଗ । ଏହାର ତର୍ଜମା କରିଥିଲା ବିଏମ୍‌ସି ଓ ବିଡିଏର ଏକ ସ୍ୱତନ୍ତ୍ର ଦଳ । ଯାହା ପରେ ପୁରା ଘଟଣା ସାମ୍ନାକୁ ଆସିଥିଲା । ସମ୍ପୃକ୍ତ ବ୍ୟକ୍ତି ସର୍ଭେ ସମୟରେ ନିଜକୁ ଗରିବ ଦର୍ଶାଇ ଘର ହାତେଇଛନ୍ତି । ଖାଲି ସେ ନୁହଁନ୍ତି, ତାଙ୍କର ଦୁଇ ଭାଇ ମଧ୍ୟ ଆବାସ ସର୍ଭେରେ ନାଁ ପୂରାଇଛନ୍ତି । ଶାନ୍ତିପଲ୍ଲୀ ଆବାସ ଯୋଜନାରେ ସେ ବ୍ଲକ୍-୨



ଫ୍ଲାଟ୍ ନଂ-୨ରେ ଘର ପାଇଛନ୍ତି । ଏନେଇ ଟିମ୍ ସର୍ଭେ ପରେ ଜାଣିବାକୁ ପାଇଥିଲା ଯେ, ପାତ୍ରପଡ଼ାରେ ତାଙ୍କର ୫୪ ଡିସିମିଲ୍ ଏବଂ ୬୦ ଡିସିମିଲ୍‌ର ଜାଗା ରହିଛି । ସେହିପରି ଡୁମଡୁମାରେ ରହିଛି ଏକ ଦାମୀ ଫ୍ଲାଟ୍ ଏବଂ ଏକ କିଆ କାର୍ ମଧ୍ୟ ତାଙ୍କର ରହିଛି । ଖାଲି ସେତିକି ନୁହେଁ ମାଷ୍ଟରକ୍ୟାଣ୍ଟିନରେ ଦାମୀ ରେଷ୍ଟୁରାଣ୍ଟ ବି ଅଛି । ବିଏମ୍‌ସି ହାତରେ ଲାଗିଛି ଏହାର ସମ୍ପୂର୍ଣ୍ଣ ବିବରଣୀ । ଚନ୍ଦ୍ରଶେଖରପୁର ନୀଳମାଧବ ଆବାସ ପ୍ରକଳ୍ପରେ ଅନ୍ୟ ଜଣେ ଘର ହାତେଇଛନ୍ତି । ତାଙ୍କର ମଧ୍ୟ ଦାରୁଠେଙ୍ଗରେ ଜାଗା ରହିଛି । ଏହି ଘଟଣା ସାମନାକୁ ଆସିବା ପରେ ବିଡିଏ ଓ ବିଏମ୍‌ସି ପକ୍ଷରୁ ମିଳିତ ଯାଞ୍ଚ କରି ନୋଟିସ୍ କରାଯାଇଥିଲା । ଏନେଇ ଘର ମାଲିକ ସନ୍ତୋଷଜନକ ଉତ୍ତର ନ ରଖିବାରୁ ବିଏମ୍‌ସି ଆବଣ୍ଟନକୁ ବାତିଲ କରିଛି । ଏହା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟା ଭିଡ଼ିଛି । ତେବେ ଭୁବନେଶ୍ୱରରେ ଆବାସ ଯୋଜାନରେ ରହିଛି ଏଭଳି ଏକାଧିକ ମାମଲା । ସର୍ଭେ ସମୟରେ କିପରି ଘଟଣା ପଦାକୁ ଆସୁନି ଆବାସ ଯୋଜାନରେ ଗଫଲାତି ଚାଲିଛି କି ? ଏନେଇ ସାଧାରଣରେ ପ୍ରଶ୍ନ ଉଠିଛି । ପୂର୍ବରୁ ମଧ୍ୟ ଏମିତି ଅନେକ ଅଭିଯୋଗ ଆସିଛି । ଗାଡ଼କଣ, ମଇଁଷାଖାଲ ଭଳି ପ୍ରକଳ୍ପରେ ମଧ୍ୟ ଏକାଧିକ ଘର ହାତେଇଥିବା ନେଇ ଅଭିଯୋଗ ହୋଇଥିଲା । ସହରରେ ଗରିବ ଲୋକଙ୍କୁ ଜାଗା ମିଳୁନି । ବସ୍ତିରେ ଜୀବନ କଟୁଛି। ହେଲେ ଧନୀ ହାତଉଛନ୍ତି ଆବାସ ଯୋଜାନରେ ମିଳୁଥିବା ଘର । କିଛି ତଳିଆ କର୍ମଚାରୀ ଲାଞ୍ଚ ନେଇ ସର୍ଭେରେ ନାଁ ଭର୍ତ୍ତି କରୁଛନ୍ତି। ତଳୁ ଉପର ଯାଏଁ ଲମ୍ବିଛି ଏହି କେଳେଙ୍କାରୀ । ତେବେ ଏହାକୁ ନେଇ ତର୍ଜମା ଚାଲିଥିବା ବିଏମସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏଭଳି ଜାଲ ହିତାଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ଭାରସାମ୍ୟ ହରାଇ ଓଲଟିଲା କପା ବୋଝେଇ ଟ୍ରକ୍, ଡ୍ରାଇଭର ଆହତ

**ସୋନପୁର, ନ୍ୟୁଜ ବ୍ୟୁରୋ**

ଭାରସାମ୍ୟ ହରାଇ ଓଟଲିଲା କପା ବୋଝେଇ ଟ୍ରକ୍ । ଅଳ୍ପକେ ବର୍ତ୍ତିଛନ୍ତି ଡ୍ରାଇଭର । ଟ୍ରକ୍‌ଟି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରୁ ପଶ୍ଚିମବଙ୍ଗକୁ କପା ନେଇ ଯାଉଥିବାବେଳେ ଏହି ଅଘଟଣ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଜୟ ଯବାନ ପେଟ୍ରୋଲ ପମ୍ପ ନିକଟରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ଏକ ଟ୍ରକ୍ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରୁ କପା ନେଇ ପଶ୍ଚିମବଙ୍ଗକୁ ଯାଉଥିଲା । ରାସ୍ତାରେ ଯିବା ବେଳେ ଜୟ ଯବାନ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଉପରେ ଗୋରୁ ଶୋଇ ଥିବାରୁ ଗାଡ଼ିକୁ ସାଇଡ କରିବାକୁ ଚେଷ୍ଟା କରିଥିଲେ ଟ୍ରକ ଡ୍ରାଇଭର । ତେବେ ସାଇଡ କଲାବେଳେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି । ଦୁର୍ଘଟଣା ସ୍ଥଳରେ କପା ବଣ୍ଡଲ ସବୁ ରାସ୍ତାରେ ଏଣେତେଣେ ପଡ଼ିଯାଇଛି । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ସୋନପୁର ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି । ଏଥି ସହ ଆହତ ଡ୍ରାଇଭରଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଇଛି ପୋଲିସ ।



## କୋଇଲା ମାଫିଆଙ୍କ ରାତିକୁ ରୋଜଗାର ୭୨ ଲକ୍ଷ

### ଧାମରାରୁ ବାହାର ରାଜ୍ୟକୁ ଲମ୍ବିଛି ନେଟ୍‌ୱର୍କ

**ଭୁବନେଶ୍ୱର/ଧାମରା, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ବନ୍ଦରରେ ଲାଗୁଛି ଛୋଟ ବଡ଼ କୋଇଲା ବୋଝେଇ ଜାହାଜ । ଭିନ୍ନ ଭିନ୍ନ ଦେଶରୁ ଆସୁଛି ଅଲଗା ଅଲଗା ଗୁଣମାନର କୋଇଲା । ଜାହାଜରୁ ଏହା ଖଲାସ ହେବା ପରେ ଟ୍ରେନ୍ ଯୋଗେ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟକୁ ଯାଉଛି। ଏହି କୋଇଲା ଚାଲାଣ ବେଳେ ବାଟରେ ଚୋରି ହୋଇଯାଉଛି । ଆଉ କୋଇଲା ଚୋରିରେ ସଂପୃକ୍ତ ଅଛନ୍ତି ବଡ଼ ମାଫିଆ ଗ୍ୟାଙ୍ଗ୍ । ସେମାନଙ୍କ ରୋଜଗାର ରାତିକୁ ପ୍ରାୟ ୭୨ ଲକ୍ଷ ଟଙ୍କା ଏବଂ ମାସକୁ ୨୦ କୋଟିରୁ ଅଧିକ । ସେମାନଙ୍କ ପକେଟରେ ରହିଛନ୍ତି ସ୍ଥାନୀୟ ପୁଲିସ, ରେଳ ଅଧିକାରୀ ଓ ବନ୍ଦରର ପରିବହନ ସଂସ୍ଥା । ତାଛଡ଼ା ଏହି ଚୋରି ନେଟ୍‌ୱର୍କରେ ସେମାନଙ୍କୁ ସାହାଯ୍ୟ କରିବାକୁ ନିଯୁକ୍ତ ହୋଇଛନ୍ତି ଅନେକ ଲୋକ । ଖାସ୍ କୋଇଲା ଓ ଅନ୍ୟାନ୍ୟ ମାଲ ପରିବହନ ଲାଗି ଧାମରାରୁ ଭଦ୍ରକ ପର୍ଯ୍ୟନ୍ତ ୬୨ କିଲୋମିଟର ସ୍ୱତନ୍ତ୍ର ରେଳ ଲାଇନ ବିଛାଯାଇଛି । ଏହି ରେଳ ଲାଇନ କୋଇଲା ମାଫିଆଙ୍କ ପାଇଁ ଆଣିଛି ଅପୂର୍ବ ସୁଯୋଗ । ଅଭିନବ ଉପାୟରେ ଟ୍ରେନ୍‌ରୁ ଚୋରି କରାଯାଉଛି କୋଇଲା। ରାତିକୁ ଲକ୍ଷ ଲକ୍ଷ, ମାସିକ କୋଟି କୋଟି ଟଙ୍କା ରୋଜଗାର ହେଉଛି। ମାଫିଆଙ୍କ ନେଟ୍‌ୱର୍କରୁ ଭାଗ ପାଉଛନ୍ତି ସ୍ଥାନୀୟ ନେତା, ପୁଲିସ, ପ୍ରଶାସନ ଓ ରେଳ ବିଭାଗର ଅଧିକାରୀମାନେ। ତେଣୁ ଭୟ କାହାକୁ, ଡର କାହାକୁ । ୨୦୧୧ରେ ଧାମରା ବନ୍ଦରରେ ପରିବହନ ଆରମ୍ଭ ହେବା ପରଠାରୁ ଏହି କୋଇଲା ମାଫିଆ ସକ୍ରିୟ ହୋଇ ଉଠିଛନ୍ତି । ସାଧାରଣତଃ ଧାମରା ବନ୍ଦରକୁ ଜାହାଜରେ ଦକ୍ଷିଣ ଆଫ୍ରିକା, ଚୀନ୍ ଓ ଅଷ୍ଟ୍ରେଲିଆରୁ କୋଇଲା ଆସୁଛି । ଆଫ୍ରିକା ଓ ଚୀନ୍‌ର କୋଇଲା ଟିକେ ନିମ୍ନମାନର ହୋଇଥିବା ବେଳେ ଅଷ୍ଟ୍ରେଲିଆର କୋଇଲା ଉଚ୍ଚମାନର ଥିବାରୁ ତାହାର ଚାହିଦା ବିଭିନ୍ନ କମ୍ପାନି ଓ କାରଖାନା ପାଇଁ ଅଧିକ । ବନ୍ଦରରେ କୋଇଲା ଅନଲୋଡ୍ ହେବା ପରେ ଭିନ୍ନ ଭିନ୍ନ ଷ୍ଟକୟାର୍ଡରେ ମହଜୁଦ୍ ରହୁଛି ।



ଏହାପରେ ଟ୍ରେନ୍ ଯୋଗେ ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଭଳି ରାଜ୍ୟକୁ ତାହା ପଠାଯାଉଛି । ବନ୍ଦରକୁ ମାସିକ ପ୍ରାୟ ୮/୯ଟି କୋଇଲା ଜାହାଜ ଆସୁଥିବା ବେଳେ ଧାମରା ଷ୍ଟେସନରୁ ଦୈନିକ ପ୍ରାୟ ୮/୧୦ଟି ଟ୍ରେନ୍ ଭଦ୍ରକ ଦେଇ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଉଛି । ଏହି କୋଇଲା ବୋଝେଇ ଟ୍ରେନ୍ ହିଁ ମାଫିଆଙ୍କ ପାଇଁ ହୋଇଛି ସୁନାଖଣି(ରୋଜଗାରର ମାଧ୍ୟମ) । ପ୍ରତି ଟ୍ରେନରେ ୫୯/୬୦ଟି ବଗି/ ରେକ୍ ରହୁଛି । ଷ୍ଟକ୍‌ୟାର୍ଡରେ ବାହାରିବା ବେଳକୁ ଅଧିକାଂଶ ରେକ୍ ଓଭରଲୋଡ ହୋଇ ବାହାରୁଛି। ଧାମରାରୁ ଚରମ୍ପା ଷ୍ଟେସନ ମଧ୍ୟରେ ମାଣିପୁର, ଗୁରୁଦାସପୁର, ତିହିଡ଼ି, ଜିଝାରପୁର, ଭଟ୍ଟାଡିରା ଭଳି ଛୋଟ ଛୋଟ ଷ୍ଟେସନ ରହିଛି। ଟ୍ରେନ୍ ଲାଇନ ପାଶ୍ୱର୍ରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡ଼ିକୁ କୋଇଲା ଚୋରିର ମାଧ୍ୟମ କରାଯାଇଛି । କେଉଁ କାରଣରୁ ଏହି ରୁଟ୍‌ରେ ଟ୍ରେନ୍ ଅତି ଧୀରେ ଧୀରେ ଚାଲେ, ତାହା ଅଜଣା । ବିଦ୍ୟୁତ ଖୁଣ୍ଟରେ ଚଢ଼ି ଯୁବକମାନେ ଲୁହା ଓ କାଠରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଯନ୍ତ୍ରରେ ଚଳନ୍ତା ଟ୍ରେନରୁ କୋଇଲା କାଢ଼ନ୍ତି। ପ୍ରାୟ ୩ ଶହରୁ ଅଧିକ ଖୁଣ୍ଟକୁ ଏଭଳି କାମରେ ବ୍ୟବହାର କରାଯାଉଛି । ତଳେ ପଲିଥିନ ବିଛା ଯାଇଥାଏ । ଦିନ ରାତି ଚବିଶ ଘଣ୍ଟା ଏହି ପ୍ରକ୍ରିୟା ଚାଲେ । ଟ୍ରେନ୍ ଯିବା ପରେ କୋଇଲାକୁ ଛୋଟ ଛୋଟ ବସ୍ତାରେ ଭର୍ତ୍ତି କରାଯାଇ ଆଖପାଖରେ ସ୍ଥିର ହୋଇଥିବା ପଡ଼ିଆରେ ନେଇ ମହଜୁଦ୍ କରାଯାଏ । ସେଠାରୁ ରାତିରେ ଅଟୋ, ପିକ୍‌ଅପ ଭ୍ୟାନ୍‌ରେ ରେଳ ଲାଇନ ପାଶ୍ୱର୍ ସର୍ଭିସ ରୋଡ୍‌ରେ ନେଇ ରାଜପଥରେ ପହଞ୍ଚାଯାଏ । ରାଜପଥରେ ପ୍ରସ୍ତୁତ ହୋଇ ରହିଥାଏ ବଡ଼ ଟ୍ରକ୍ । ସେଥିରେ କୋଇଲା ଯାଏ ମାଫିଆଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାରଖାନାକୁ । ଏହି କାରବାର ସମ୍ପୂର୍ଣ୍ଣ ଭାବେ ୭ ଜଣ ବଡ଼ ମାଫିଆଙ୍କ ଦ୍ୱାରା ପରିଚାଳିତ । ସେମାନଙ୍କ ଅଧୀନରେ ଅଛନ୍ତି କୁଜି ମାଫିଆ ଓ ଦଲାଲ । ଟ୍ରେନ୍ ଲାଇନ ପାଶ୍ୱର୍ ବିଦ୍ୟୁତ ଖୁଣ୍ଟ ବି ଏଥିଲାଗି ହେଉଛି ନିଲାମ । ମାସିକିଆ କିମ୍ବା ବର୍ଷିକିଆ ଅବଧିରେ ନିଲାମ ନିଆଯାଉଛି । ଖୁଣ୍ଟରେ ଚଢ଼ି ବିପଜ୍ଜନକ ଭାବେ ବଗିରୁ କୋଇଲା କାଢ଼ିବାକୁ ପ୍ରଶିକ୍ଷଣ ପାଇ କିଛି ଯୁବକ ଦରମା ନେଇ ନିଯୁକ୍ତ ଅଛନ୍ତି । ଏହି କଳା କୌଶଳରେ ଯିଏ ଯେତେ ପାରଙ୍ଗମ ତାକୁ ସେତେ ଅଧିକ ବୋନସ୍ ମିଳୁଛି । କୋଇଲା ଭର୍ତ୍ତି କରିବାକୁ ଆବଶ୍ୟକ ସିମେଣ୍ଟ ଓ ସାର ବସ୍ତା ସଂଗ୍ରହ କରିବାକୁ ମଜୁରି ଭିତ୍ତିରେ ଗାଁ ଗାଁ ବୁଲୁଛନ୍ତି କବାଡ଼ିଆ । ବସ୍ତାରେ କୋଇଲା ଭର୍ତ୍ତି କରି ପାଖ ପଡ଼ିଆରେ ପହଞ୍ଚାଇବାକୁ ନିଯୁକ୍ତ ହୋଇଛନ୍ତି ସୁପରଭାଇଜର । କୋଇଲା ବସ୍ତା ନେଇ ଅଟୋ-ଭ୍ୟାନ୍‌ରେ ରାଜପଥରେ ପହଞ୍ଚାଇବାକୁ ଠିକା ନେଇଛନ୍ତି ପରିବହନ ଠିକାଦାର । ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଠିକଣା ଢଙ୍ଗରେ ପରିଚାଳନା କରିବାକୁ ସିକ୍ୟୁରିଟି କାମରେ ମୁତୟନ ହୋଇଛନ୍ତି ଗୁଣ୍ଡା ଶ୍ରେଣୀୟ ଯୁବକ। ସେମାନଙ୍କ ହାତରେ ଅସ୍ତ୍ରଶସ୍ତ୍ର ଆଉ ସବୁବେଳେ ନିଶାରେ ଚୁର । ସର୍ଭିସ ରୋଡରେ କୋଇଲା ଭ୍ୟାନ୍ ଯିବା ବେଳେ ଆଗ ପଛରେ ବାଇକରେ ଯାଉଛନ୍ତି ଏସକର୍ଟ ଗାର୍ଡ । ରାଜପଥରେ କୋଇଲା ଟ୍ରକ ଭଦ୍ରକ ଜିଲ୍ଲା ପାର ହେବା ପର୍ଯ୍ୟନ୍ତ ଏସକର୍ଟ ଭ୍ୟାନ୍ ମଧ୍ୟ ରହୁଛି ।

## ରାତିରେ ଟ୍ରକ୍ ଅଟକାଇ ମାଡ଼ ମାରି ଛିନତାଇ କଲେ ଦୁର୍ବୃତ୍ତ, ଶତାଧିକ ଟ୍ରକ୍ ଅଟକ କଲେ ଡ୍ରାଇଭର



**ବାସୁଦେବପୁର, ନ୍ୟୁଜ ବ୍ୟୁରୋ**

ବିଳମ୍ବିତ ରାତିରେ ଟ୍ରକ୍ ଅଟକାଇ ଟଙ୍କା ଆଦାୟ କରୁଥିଲେ ଦୁର୍ବୃତ୍ତ । ଟଙ୍କା ନଦେଲେ ମାଡ଼ ମାରି ଆଦାୟ କରୁଥିଲେ ଟଙ୍କା । ଏଥିରେ ଉତ୍ୟକ୍ତ ହୋଇ ଶତାଧିକ ଟ୍ରକ୍ ଅଟକ କଲେ ଡ୍ରାଇଭର । ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଅନ୍ତର୍ଗତ ଧାମରା ଜାମୁଝାଡି ରାସ୍ତାର ବେତଡା ଛକ ନିକଟରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ରାତି ହେଲେ କେତେକ ଦୁର୍ବୃତ୍ତ ବେତଡା ଛକ ନିକଟରେ ଟ୍ରକ ଅଟକାଇ ଅର୍ଥ ଆଦାୟ କରୁଛନ୍ତି। କେବଳ ଭଦ୍ରକ ଜିଲ୍ଲାର ଟ୍ରକକୁ ଛାଡି ଅନ୍ୟ ଜିଲ୍ଲାର ଟ୍ରକକୁ ଅଟକାଇବା ସହିତ ଟଙ୍କା ଛଡାଇ ନେଇଥିଲେ ଦୃବୃତ୍ତ । ଯଦି କେହି ଟଙ୍କା ଦେଉନଥିଲେ, ତାଙ୍କୁ ମାଡ଼ ମାରି ଟଙ୍କା ଆଦାୟ କରୁଥିଲେ । ଏହି ସମୟରେ ଏକ ଗାଡ଼ିର ଡ୍ରାଇଭରକୁ ଦୁର୍ବୃତ୍ତ ମାନେ ଟଙ୍କା ମାଗିବାରୁ ଡ୍ରାଇଭର ଟଙ୍କା ଦେବାକୁ ମନା କରିଥିଲା । ଏଥିରେ ରାଗି ଯାଇ ଦୁର୍ବୃତ୍ତ ମାନେ ଡ୍ରାଇଭରକୁ ମାଡ ମାରିବା ସହ ଟଙ୍କା ଓ ଗାଡିର ଚାବି ମଧ୍ୟ ଛଡାଇ ନେଇଥିଲେ । ପରେ ଅନ୍ୟ ଗାଡି ଡ୍ରାଇଭର ସେଠାକୁ ଚାଲି ଆସିବାରୁ ଦୁର୍ବୃତ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ଏହି ଘଟଣାର ପ୍ରତିବାଦ କରି ରାସ୍ତା ଅବରୋଧ କରି ବେତଡା ବଜାରଠାରୁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଶତାଧିକ ଟ୍ରକ ଅଟକାଇଥିଲେ କିଛି ଡ୍ରାଇଭର । ଏନେଇ ସ୍ଥାନୀୟଲୋକେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ରବିବାର ସକାଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଦୁର୍ବୃତ୍ତ ମାନଙ୍କୁ ଖୋଜିଥିଲା । ହେଲେ ଗାଡି ଚାବି ଦୁର୍ବୃତ୍ତମାନେ ନେଇଯାଇଥିବାରୁ ଟ୍ରକ ରାସ୍ତାରୁ ହଟିନଥିଲା । ତୁରନ୍ତ ଉକ୍ତ ଦୁର୍ବୃତ୍ତ ମାନଙ୍କୁ ଧରିବାକୁ ଡ୍ରାଇଭର ମହାସଙ୍ଘ ଜିଲ୍ଲା ସଭାପତି ସହିତ ଡ୍ରାଇଭରମାନେ ଦାବି କରିବା ସହ ଥାନାରେ ଏନେଇ ଅଭିଯୋଗ ମଧ୍ୟ କରିଛନ୍ତି।

## ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାରକୁ ଗ୍ରାସିଛି ଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାରକୁ ଗ୍ରହଣ ଗ୍ରାସିଛି । ଏ ପୁରସ୍କାର ଏବେ ଅନ୍ଧାରରେ । ୨୦୨୦ ମସିହାରୁ ଦିଆଯାଇନାହିଁ । ଗତବର୍ଷ ଅଗଷ୍ଟରେ ଏକାବେଳେ ୩ ବର୍ଷ ପାଇଁ ୨୦୨୦-୨୧-୨୨ ମସିହା ପର୍ଯ୍ୟନ୍ତ ୩୨, ୩୩ ଓ ୩୪ତମ ରାଜ୍ୟ ଚଳଚ୍ଚିତ୍ର ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାର ୨ ମାସ ପରେ ୯, ୧୦ ଓ ୧୧ତମ ଟେଲି ପୁରସ୍କାର ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ଚଳଚ୍ଚିତ୍ର ଆବେଦନ ବିଜ୍ଞପ୍ତିକୁ ବର୍ଷେ ପୂରିବାକୁ ଦିନେ ବାକି ଅଛି । କିନ୍ତୁ ଏଯାଏ ୩ରୁ ଗୋଟିଏ ବର୍ଷର ଉତ୍ସବ ବି ହୋଇପାରିଲାନି। ୨୦୨୪ ସରିବାକୁ ବସିଲାଣି । ୨୦୨୩ ଅଗଷ୍ଟ ୨୧ରେ ଚଳଚ୍ଚିତ୍ର ପୁରସ୍କାର ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗତବର୍ଷ ସେପ୍ଟେମ୍ବର ୨୦ ଆବେଦନର ଶେଷ ତାରିଖ ଥିଲା । ସୂଚନା ମୁତାବକ ପୁରସ୍କାର ପାଇଁ ପ୍ରାୟ ୪୭ ସିନେମା ଆବେଦନ ହୋଇଥିଲା । ଉପରୁ ନିର୍ଦ୍ଦେଶ ଥିଲା ଚଳଚ୍ଚିତ୍ର ଚୟନ ପାଇଁ ଯୋଗ୍ୟ ଜୁରୀଙ୍କୁ ନେଇ ଶୀଘ୍ର ପୁରସ୍କାର ବିତରଣ ଉତ୍ସବ ନିରପେକ୍ଷତା ଓ ସ୍ୱଚ୍ଛତାର ସହ ଶେଷ କର । ବାରମ୍ବାର ଜୁରୀ ହୋଇ ଅଡୁଆ କରୁଥିବା ଲୋକଙ୍କୁ ବାଦ୍ ଦେବା ସହ କୌଣସି ଅଘଟଣକୁ ବରଦାସ୍ତ କରାଯିବନି ବୋଲି କୁହାଯାଇଥିଲା । ସେହି ହିସାବରେ ସଂସ୍କୃତି ନିର୍ଦ୍ଦେଶାଳୟ ସବୁ କାର୍ଯ୍ୟ ତତ୍ପରତାର ସହ କଲା । ଜୁରୀ ଗଠନ ସହ ପୁରସ୍କାର ଚୟନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତତ୍ତ୍ୱାବଧାନରେ ହେଲା । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) କଟକସ୍ଥିତ ପ୍ରେକ୍ଷାଳୟରେ ଜୁରୀମାନେ ସିନେମା ଦେଖି ପୁରସ୍କାର ବାଛିଲେ । କିନ୍ତୁ ଯାହା ନିଷ୍ପତ୍ତି ନେଲେ, ତାହା ଆଜି ଯାଏ ଜଉ ମୁଦ ଲଫାପା ଭିତରେ ମୁଦି ହୋଇପଡ଼ିଛି । ପୁରସ୍କାର ସେମିତି ଅଧାପନ୍ତରିଆ ହୋଇପଡ଼ିଛି, ଦିଆଯାଇପାରୁନି । ସେହିପରି ରାଜ୍ୟ ଟେଲି ପୁରସ୍କାର ପାଇଁ ବିଜ୍ଞପ୍ତି ବାହାରି ଆବେଦନ ହୋଇଛି । କିନ୍ତୁ ବିଡ଼ମ୍ବନା ଏବଂ ଦୁର୍ଭାଗ୍ୟ ଯେ, ଜୁରୀ କମିଟି ଗଢ଼ା ହୋଇପାରୁନି କି ତା'ର ସ୍କ୍ରିନିଂ ହୋଇ ପୁରସ୍କାର ବଛା ଯାଇପାରୁନି । ଘଟଣାକୁ ସଂସ୍କୃତି ବିଭାଗ ଗୁରୁତର ସହ ନେଉନି । ଫଳରେ ଆବେଦନ ହୋଇ ଡାଟା କରପ୍ଟ ହେଲାଣି କି କ'ଣ ଭଗବାନକୁ ଜଣା । ୩ ବର୍ଷ ଲାଗି ପାଖାପାଖି ୩୬ରୁ ୪୦ଟି ଟେଲି ଧାରାବାହିକ ଓ ସିନେମା ଆବେଦନ ହୋଇଥିବା ଓଡ଼ିଶା ଟେଲି କଳାକାର ସଂଘର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି । ତେଣେ କିଛି କଳାକାରଙ୍କ ପୁରସ୍କାର ପାଇବା ଆଶା ଆଶାରେ ରହିଯାଇଥିଲାବେଳେ ଆଉ କିଛି ବୟସର ଅପରାହ୍ଣରେ ତ ପୁଣି କିଛି ଭଗବାନଙ୍କ ଭରସାରେ। ରାଜ୍ୟ ପୁରସ୍କାରଟିଏ ମିଳିଲେ ଛାତି ଗର୍ବରେ ଫୁଲିଉଠେ ବୋଲି ସେହି ଖୁସିର ମୁହୂର୍ତ୍ତ ସାଉଁଟିବାକୁ ଅନେକ କଳାକାର ଅପେକ୍ଷା କରି ବସିଛନ୍ତି । କିନ୍ତୁ ସେ ଭାଗ୍ୟ କାହିଁ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଥିଲା, ୨୦୨୩ ଅର୍ଥାତ୍ ଗତବର୍ଷ ଡିସେମ୍ବର ସୁଦ୍ଧା ସବୁ ପୁରସ୍କାର ସାରି ଦିଆଯିବ । କିନ୍ତୁ ଡିସେମ୍ବର ଯାଇ ୨୦୨୪ ସେପ୍ଟେମ୍ବର ସରିବାକୁ ବସିଲାଣି। ସେ ପୁରସ୍କାର ଆଉ ଫାଇଲ୍‌ର ଅବସ୍ଥା କ'ଣ ତା'ର ପ୍ରଶ୍ନ କଲେ ଅଜବ ଉତ୍ତର ମିଳୁଛି । ଏ ସମ୍ପର୍କରେ ଆରମ୍ଭରୁ ପୁରସ୍କାର ପର୍ବ ଆୟୋଜନ କରି ଆସୁଥିବା ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀକୁ ପଚାରିଲାବେଳେକୁ ଉତ୍ତର ମିଳୁଛି, 'ଆମେ କିଛି ବୁଝୁନୁ । ସବୁ ଓଏଫ୍‌ଡିସି ବୁଝୁଛି ।' ଓଏଫ୍ ?ଡିସି କହୁଛି, 'ଆମର ଦାୟିତ୍ୱ ଥିଲା ସ୍କ୍ରିନ୍‌ରେ ଜୁରୀଙ୍କୁ ସିନେମା ଦେଖାଇବା ଏବଂ ଅତିଥି ସତ୍କାର । ବାକି ଯାହା ସବୁ ସଂସ୍କୃତି ବିଭାଗ ବୁଝି ଆସୁଛି । ସେ ବିଷୟରେ ଆମେ କିଛି ଜାଣିନୁ। କାହିଁକି ଦିଆଯାଉନି, କେଉଁଠି ଅଟକିଛି ତାଙ୍କୁ ପଚାର' ଏ ଭିତରେ ଏ ପୁରସ୍କାର ଯେ କ'ଣ ହେବ, ତାହା ସମୟ କହିବ । ଏହା ଦିଆଯିବ କି ନୂଆ ସରକାର ପୁଣି ନୂଆ ରୂପରେଖରେ ତାକୁ କରିବେ ତାହା ଦେଖିବା ବାକି ରହିଲା ।

## ମଣିପୁରରେ କୁକି ଉଗ୍ରବାଦୀଙ୍କ ଅନୁପ୍ରବେଶ: ଡ୍ରୋନ୍, ମିସାଇଲ ଆକ୍ରମଣର ନେଇଛନ୍ତି ତାଲିମ

**ଇମ୍ଫାଲ,**

ମଣିପୁରରେ ଅନୁପ୍ରବେଶ କରିଛନ୍ତି ମ୍ୟାଁମାରର ୯୦୦ କୁକି ଉଗ୍ରବାଦୀ । ରାଜ୍ୟର ସୁରକ୍ଷା ପରାମର୍ଶଦାତା କୁଳଦୀପ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି । ଗୁଇନ୍ଦା ଏଜେନ୍ସିଗୁଡିକ ପକ୍ଷରୁ ଗତ ୩-୪ ଦିନ ହେଲା ଉଗ୍ରବାଦୀମାନଙ୍କର ଯାତାୟାତର ଖବର ମିଳୁଥିବା ସେ କହିଛନ୍ତି । ସିଂହଙ୍କ ଅନୁସାରେ, ଅନୁପ୍ରବେଶ କରିଥିବା ଏହି ଉଗ୍ରବାଦୀମାନେ ଡ୍ରୋନ୍, ପ୍ରୋଜେକ୍ଟାଇଲ୍, ମିସାଇଲ୍ ଓ ଗରିଲା ଆକ୍ରମଣ ଲାଗି ତାଲିମପ୍ରାପ୍ତ । ଏମାନେ ୩୦ ଜଣିଆ ଦଳରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ କ୍ଷେତ୍ରରେ ଲୁଚି ରହିଛନ୍ତି । ଚଳିତମାସ ୨୮ ତାରିଖ ବେଳକୁ ଏହି ଉଗ୍ରବାଦୀମାନେ ଆଖପାଖର ମୈତେଇ ଗାଁରେ ହମ୍ଲା କରିପାରନ୍ତି । ସେଥିଲାଗି ଚୁରାଚାନ୍ଦପୁର, ତେଙ୍ଗନୌପାଲ, ଉଖରୁଲ୍, କାମଜୋଙ୍ଗ ଓ ଫେରଜଲ୍ ସମେତ କିଛି ଜିଲ୍ଲାକୁ ହାଇ ଆଲର୍ଟରେ ରଖାଯାଇଛି । ସେପଟେ ପରିସ୍ଥିତିର ଗୁରୁତ୍ୱକୁ ଦେଖି ସିକ୍ୟୁରିଟି ଅପରେସନ୍ ଗ୍ରୁପର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ସେନା, ଆସାମ ରାଇଫଲ୍ସ, ମଣିପୁର ପୁଲିସ, ବିଏସଏଫ୍, ସିଆରପିଏଫ୍ ଓ ଅନ୍ୟ ସୁରକ୍ଷା ଏଜେନ୍ସି ସାମିଲ ହୋଇଥିଲେ । ଏହାପରେ ସମସ୍ତ ଚେକ୍ ପୋଷ୍ଟରେ ଯାଞ୍ଚ କଡାକଡି କରାଯାଇଛି । ଉଗ୍ରବାଦୀମାନଙ୍କର ସନ୍ଧାନ ଲାଗି କମ୍ବିଂ ଅପରେସନ୍ ମଧ୍ୟ ଚାଲୁଛି । ସୀମାକୁ ଜଗୁଥିବା ଆସାମ ରାଇଫଲ୍ସକୁ ହାଇଆଲର୍ଟରେ ରଖାଯାଇଛି । ସମସ୍ତ ସୁରକ୍ଷା ଏଜେନ୍ସିକୁ ଡ୍ରୋନ୍ ଓ ଅନ୍ୟ ଅସ୍ତ୍ର ପ୍ରସ୍ତୁତି ଲାଗି ଆବଶ୍ୟକୀୟ କଞ୍ଚାମାଲ ଯେପରିକି ପାଇପ୍, ବିସ୍ଫୋରକ ଓ ପରିବହନ ମାଧ୍ୟମର ସନ୍ଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ବେଦନଶୀଳ



ସ୍ଥାନରେ ଯାଞ୍ଚକୁ ବଢ଼ାଇ ଦିଆଯାଇଛି । ଅଦ୍ୟାବଧି ୬୪୮ଟି ବଙ୍କରକୁ ନଷ୍ଟ କରାଯାଇଛି । ପୂରା ରାଜ୍ୟରେ ଡ୍ରୋନ୍‌କୁ ବ୍ୟାନ୍ କରାଯାଇଛି । ଆସାମ ରାଇଫଲ୍ସ ପକ୍ଷରୁ ଜଣେ କୁକି ଉଗ୍ରବାଦୀକୁ ଗିରଫ କରାଯାଇଥିବାବେଳେ ପୁଲିସକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ କୁକି ଛାତ୍ର ସଙ୍ଗଠନ ସିଂହଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିଛି । ସିଂହ ଚାପରେ ପଡ଼ି ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି। ଯଦି ଉଗ୍ରବାଦୀ ଅନୁପ୍ରବେଶ କରିବା କଥା ସେ କହୁଛନ୍ତି ତେବେ ଏହା ତାଙ୍କର ଅପାରଗତା । ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସଙ୍ଗଠନ ଦାବି କରିଛି । ରାଜ୍ୟରେ ଗତବର୍ଷ ମେ ୩ ତାରିଖରୁ କୁକି ଓ ମୈତେଇ ସମୁଦାୟ ମଧ୍ୟରେ ସଂରକ୍ଷଣକୁ ନେଇ ହିଂସା ଲାଗି ରହିଛି । ସରକାରୀ ପରିସଂଖ୍ୟାନ ଅନୁସାରେ, ହିଂସାରେ ଅଦ୍ୟାବଧି ୨୩୭ ଜଣ ପ୍ରାଣ ହରାଇଛନ୍ତି । ୧୫୦୦ରୁ ଅଧିକ ଆହତ ହୋଇଛନ୍ତି । ୬୦ ହଜାରରୁ ଅଧିକ ଲୋକେ ନିଜର ଘର ଛାଡ଼ିଛନ୍ତି । ସେପଟେ ଇମ୍ଫାଲ ପୂର୍ବ ଜିଲ୍ଲାରେ ଶୁକ୍ରବାର ଅଜ୍ଞାତ ବ୍ୟକ୍ତିମାନେ ମନ୍ତ୍ରୀ ଏଲ.ସୁସିନ୍ଦ୍ରୋଙ୍କ ବ୍ୟକ୍ତିଗତ ସହାୟକଙ୍କୁ ତାଙ୍କ ବାସଭବନ ନିକଟରୁ ଅପହରଣ କରିନେଇଛନ୍ତି । ସେ ହେଲେ ୪୩ ବର୍ଷୀୟ ସାରଙ୍ଗଥେମ୍ ସୋମରେନ୍ଦ୍ରୋ । ସେ ସରକାରୀ କାମରେ ଯାଉଥିବାବେଳେ ତାଙ୍କୁ ଅପହରଣ କରାଯାଇଛି । ଏହି ସମୟରେ ଅପହର୍ତ୍ତାମାନେ କେଇ ରାଉଣ୍ଡ ଗୁଳି ଚଳାଇଥିବା ପୁଲିସ କହିଛି । ଘଟଣାସ୍ଥଳରୁ ୫ଟି ଖାଲି କାର୍ତ୍ତୁସ୍ ମିଳିଛି । ଅଦ୍ୟାବଧି ଅପହରଣ ପଛର କାରଣ ଜଣାପଡ଼ିନଥିବାବେଳେ କୌଣସି ବିଦ୍ରୋହୀ ଗୋଷ୍ଠୀ ମଧ୍ୟ ଘଟଣା ଲାଗି ନିଜକୁ ଦାୟୀ କରିନାହାନ୍ତି । ମଣିପୁରର ମୋଟ ଜନସଂଖ୍ୟା ପ୍ରାୟ ୩୮ ଲକ୍ଷ । ସେଠାରେ ୩ଟି ପ୍ରମୁଖ ସମୁଦାୟ ମୈତେଇ, ନାଗା ଓ କୁକି ରହୁଛନ୍ତି । ମୈତେଇମାନେ ଅଧିକାଂଶ ହିନ୍ଦୁ ହୋଇଥିବାବେଳେ ସେମାନଙ୍କର ସଂଖ୍ୟା ପ୍ରାୟ ୫୩ ପ୍ରତିଶତ । ସେହିପରି ନାଗା ଓ କୁକି ଖ୍ରୀଷ୍ଟଧର୍ମକୁ ମାନନ୍ତି । ଏମାନଙ୍କର ସଂଖ୍ୟା ୪୦ ପ୍ରତିଶତ ହୋଇଥିବାବେଳେ ଏମାନେ ଅନୁସୂଚୀତ ଜନଜାତି ବର୍ଗରେ ଆସନ୍ତି । ପାହାଡ଼ିଆ ଜିଲ୍ଲାରେ ରହନ୍ତି। ତେବେ ମୈତେଇ ସମୁଦାୟ ପକ୍ଷରୁ ସେମାନଙ୍କୁ ମଧ୍ୟ ଜନଜାତି ମାନ୍ୟତା ଦେବାକୁ ଦାବି ହେବାରୁ ବିବାଦର ସୂତ୍ରପାତ ହୋଇଛି । ଏହି ଦାବିକୁ ନେଇ ସମୁଦାୟ ପକ୍ଷରୁ ମଣିପୁର ହାଇକୋର୍ଟରେ ମଧ୍ୟ ଆବେଦନ କରାଯାଇଥିଲା । ସେଥିରେ ଦର୍ଶାଯାଇଥିଲା ଯେ, ୧୯୪୯ରେ ମଣିପୁର ଭାରତରେ ବିଲୟ ହୋଇଥିଲା। ତା' ପୂର୍ବରୁ ସେମାନଙ୍କୁ ଜନଜାତିର ମାନ୍ୟତା ମିଳିଥିଲା। ଏହାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ, ମୈତେଇମାନଙ୍କୁ ଏସ୍‌ଟିରେ ସାମିଲ କରିବାକୁ ସୁପାରିଶ କରିଥିଲେ । ତେବେ ନାଗା ଓ କୁକିମାନେ ମୈତେଇଙ୍କୁ ସଂରକ୍ଷଣ ଦିଆଯିବା ବିରୋଧରେ ଅଛନ୍ତି । ସେମାନଙ୍କ କହିବା କଥା ହେଲା ରାଜ୍ୟର ୬୦ରୁ ୪୦ଟି ବିଧାନସଭା ଆସନ ପୂର୍ବରୁ ହିଁ ମୈତେଇ ବହୁଳ ଇମ୍ଫାଲ ଘାଟୀରେ ରହିଛି । ଏଭଳିସ୍ଥିତିରେ ଏସ୍‌ଟି ବର୍ଗରେ ମୈତେଇଙ୍କୁ ସଂରକ୍ଷଣ ମିଳିଲେ ସେମାନଙ୍କର ଅଧିକାର ବାଣ୍ଟି ହୋଇଯିବ । ମଣିପୁରର ୬୦ ବିଧାୟକଙ୍କ ମଧ୍ୟରୁ ୪୦ ବିଧାୟକ ମୈତେଇ ସମୁଦାୟର ହୋଇଥିବାବେଳେ ବାକି ୨୦ ଜଣ ନାଗା ଓ କୁକି ଜନଜାତିର । ଅଦ୍ୟାବଧି ରାଜ୍ୟର ୧୨ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ୨ ଜଣ ଏହି ଜନଜାତିର ରହିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ସେପ୍ଟେମ୍ବର ୨୦୨୪ ମଙ୍ଗଳବାର





# ରାଜ୍ୟରେ ଉତ୍ତମ ଶୈକ୍ଷିକ ଭିତ୍ତିଭୂମି ସ୍ଥାପନ ପାଇଁ ସରକାର ପଦକ୍ଷେପ ନେଇଛନ୍ତି:ମନ୍ତ୍ରୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସଦର ମହକୁମା ସ୍ଥିତ ଡିଏନ୍‌କେ ଖେଳ ପଡ଼ିଆରେ ସୂଚନା-ଶିକ୍ଷା-ସଞ୍ଚାର କାର୍ଯ୍ୟକ୍ରମ ଓ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ମେଳାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ, ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ, ମଙ୍ଗୁ ଖିଲ ଓ ଜିଲ୍ଲାପାଳ, ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ଥିଲେ। ଶିକ୍ଷାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଉତ୍ତମ ଶୈକ୍ଷିକ ଭିତ୍ତିଭୂମୀ ଓ ଗୁଣାତ୍ମକ ଶିକ୍ଷା ନିମନ୍ତେ ପଦକ୍ଷେପ ନେଉଛନ୍ତି। ଜନଜାତିଙ୍କ ବିକାଶ, ନାରୀଶକ୍ତିର ଅଭିବୃଦ୍ଧି, ଭିନ୍ନକ୍ଷମଙ୍କ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ କୃଷି ଇତ୍ୟାଦି ବିଷୟ ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ଆଲୋକପାତ କରିଛନ୍ତି । ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସର୍ବୋପରି ନୂଆ ସରକାରଙ୍କ ୧୦୦ ଦିନ ପୂର୍ତ୍ତିରେ କେନ୍ଦ୍ର ଓ ରାଜ୍ୟର ମିଳିତ ସହଭାଗିତାରେ ଓଡ଼ିଶାରେ ବିକାଶର ଯାତ୍ରା ଜାରି ରହିବ ବୋଲି ଉପସ୍ଥିତ ଜନ ପ୍ରତିନିଧି ମତ ରଖିଥିଲେ। ଏହି ବିକାଶ ମେଳାରେ ପ୍ରଦର୍ଶିତ ଷ୍ଟଲ୍ ମାଧ୍ୟମରେ ସରକାରଙ୍କ ଜନ ହିତକାରୀ ଯୋଜନା ଗୁଡିକ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବ ଏବଂ ଲୋକ ଏଥିରୁ ଉପକୃତ ହୋଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ସମେତ କୃଷି, ଗଣଶିକ୍ଷା, ମତ୍ସ୍ୟ, ଜନଜାତି ଉନ୍ନୟନ, ଭିନ୍ନକ୍ଷମ ସଶକ୍ତିକରଣ ଓ ଶ୍ରମ ଇତ୍ୟାଦି ବିଭାଗରୁ ୩୨ ଜଣ ହିତାଧିକାରୀଙ୍କୁ ମନ୍ତ୍ରୀ ସହାୟତା ପ୍ରଦାନ କରିଛନ୍ତି । ଓରମାସ୍ ପକ୍ଷରୁ ଆୟୋଜିତ ୩୨ଟି ଷ୍ଟଲରେ ବିଭିନ୍ନ ବିଭାଗ ପ୍ରଦର୍ଶନୀ ଆୟୋଜନ କରିଛନ୍ତି । ନବୋଦୟ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଛନ୍ତି। ଏହି ଅବସରରେ ସାମୂହିକ ସ୍ୱଚ୍ଛତା ଶପଥ ପାଠ କରାଯାଇଛି । ସେହିପରି ଏହି ମେଳାରେ କୋୟା, ସାନ୍ତାଳୀ, ଢେମସା ଓ ଗଡଙ୍ଗୀ ଲୋକ ନୃତ୍ୟ ପରିବେଷଣ କରାଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ପ୍ରାୟ ୫ ହଜାର ମହିଳା ଏହି ମେଳାରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ପ୍ରଦୀପ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ନରେଶଚନ୍ଦ୍ର ଶବର, ଉପ ଜିଲ୍ଲାପାଳ, ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ।




# ଔଷଧ ଦୋକାନରେ ଚିକିତ୍ସା କରୁଥିବା ନକଲି ଡାକ୍ତର ଗିରଫ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଥାନା ଅକରପଡ଼ା ପଞ୍ଚାୟତ ଶ୍ରୀଧରପୁର ଛକ ଏକ ମେଡ଼ିସିନ୍ ଦୋକାନରେ ଡାକ୍ତରଙ୍କ ବ୍ୟାନର ଲଗାଇ ଚିକିତ୍ସା କରୁଥିବା ଜନୈକ ଯୁବକକୁ ଚିତାଲୋ ବିଟ୍ ହାଉସ୍ ଅଧିକାରୀ ଜିତେନ୍ଦ୍ର ନାୟକ ଥାନାକୁ ଆଣି ପଚରାଉଚରା କରିବା ପରେ ସମ୍ପୃକ୍ତ ଯୁବକ ନକଲି କାରବାର କରୁଥିବା ଜଣାପଡ଼ିଥିଲା । ଅଭିଯୁକ୍ତକୁ ଗିରଫ କରି ଅଦାଲତ ପଠାଯାଇଛି । ଅଭିଯୋଗରୁ ଜଣାପଡ଼ିଛି ଯେ ଭଦ୍ରକ ଜିଲ୍ଲା ବାରିକପୁର ଅଞ୍ଚଳର ସୋହମ ମହାପାତ୍ର ଦୀର୍ଘ ୩ ମାସ ହେବ ଶ୍ରୀଧରପୁରର ଏକ ମେଡିସିନ୍ ଦୋକାନରେ ଡାକ୍ତର ବ୍ୟାନର ଓ ପ୍ୟାଡ୍ ବ୍ୟବହାର କରି ଚିକିତ୍ସା କରୁଥିଲେ । ଅଭିଯୋଗ ପାଇବା ପରେ ଚିତାଲୋ ପୋଲିସ ଶନିବାର ରାତିରେ ଡାକ୍ତର ପରିଚୟ ଦେଇଥିବା ସୋହମ ମହାପାତ୍ରକୁ ଟାଉନ୍ ଥାନାକୁ ଆଣିଥିଲେ । ଏ ନେଇ ଥାନାରେ ସତ୍ୟଜିତ୍ ସ୍ୱାଇଁ ନାମକ ବ୍ୟକ୍ତି ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ମାମଲା ରୁଜୁ କରିଥିଲେ । ସମ୍ପୃକ୍ତ ଡାକ୍ତର ପରିଚୟ ଦେଇଥିବା ସୋହମ ମହାପାତ୍ରକୁ ରବିବାର ଅଦାଲତ ଚାଲାଣ କରାଯାଇଛି । ଏସ୍ଆଇ ମହମ୍ମଦ ସୁରଜ୍ ଘଟଣାର ତଦନ୍ତ କରୁଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ନକଲି ଡାକ୍ତର ସୋହମ ମହାପାତ୍ରକୁ ପଚାରିବାରେ ଜଣାପଡ଼ିଛି ଯେ ସେ ଜଣେ ଫାର୍ମାସିଷ୍ଟ । ଗତ କିଛିଦିନ ହେବ ଶ୍ରୀଧରପୁରରେ ମେଡ଼ିସିନ୍ ଦୋକାନରେ ସାଧାରଣ ରୋଗୀକୁ ଚିକିତ୍ସା କରୁଥିଲେ କିନ୍ତୁ ଜନୈକ ଏମ୍ଆର୍ (ମେଡ଼ିସିନ୍ ରିପ୍ରେଜେଣ୍ଟିଭ୍) ନିର୍ଦ୍ଦିଷ୍ଟ ଏକ କମ୍ପାନୀର ଔଷଧ ଲେଖିବାକୁ କହିଥିଲେ । ଯାହା ସମ୍ପୃକ୍ତ ଫାର୍ମାସିଷ୍ଟ (ନକଲି ଡାକ୍ତର) ଲେଖୁନଥିଲେ । ଏଥିରେ ଯୁକ୍ତ ହୋଇ ସମ୍ପୃକ୍ତ ଏମ୍ଆର ନକଲି ଡାକ୍ତରଙ୍କ ନାମରେ ଏକ ପ୍ୟାଡ୍ ଛପାଇ ସେଥିରେ ଔଷଧ ଲେଖିବାକୁ ବାଧ୍ୟ କରିବା ସହ ନିର୍ଦ୍ଦିଷ୍ଟ ଏକ ବୈଦ୍ୟୁତିକ ଗଣମାଧ୍ୟମର ସାହାର ନେଇ ପୋଲିସ ନିକଟରେ ଅଭିଯୋଗ କରିବେ ବୋଲି ଧମକ ଦେଇଥିଲେ । ୨ ଲକ୍ଷ ଟଙ୍କା ଦାବି କରିଥିଲେ । ଟଙ୍କା ନଦେଲେ ଥାନାରେ ଅଭିଯୋଗ କରି ମାମଲା ରୁଜୁ କରିବେ ବୋଲି ଧମକ ଦେଇଥିଲେ । ଏଥିରେ ରାଜି ନହେବାରୁ ଜନୈକ ଯୁବକକୁ ଡାକି ତାଙ୍କ ନାଁରେ ଅଭିଯୋଗ କରିଥିଲେ ବୋଲି ସୋହମ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ପୋଲିସ ବାନ୍ଧିଲାନି, ଲୋକେ କାବୁକରି ଜିମାଦେଲେ

**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**

ମାମଲା ରୁଜୁ ହେବା ପରେ ବି ପୋଲିସ ଅଭିଯୁକ୍ତକୁ ବାନ୍ଧିଲାନି । ତେଣୁ ଅଭିଯୁକ୍ତ ବାରମ୍ବାର ଗଣ୍ଡଗୋଳ କଲା । ଏମିତିକି ସାକ୍ଷୀମାନଙ୍କୁ ମାରଧର କଲା । ତେଣୁ ଶେଷରେ ଲୋକେ ମିଳିତ ଭାବେ ଅଭିଯୁକ୍ତକୁ କାବୁ କରି ପୋଲିସ ଜିମା ଦେଇଛନ୍ତି । ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ବଡ଼ଡିହପାଟଣା ଗାଁରେ ଘଟିଥିବା ଏହି ଘଟଣାଟି ବେଶ୍ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସୂଚନାନୁସାରେ ଚଳିତ ବର୍ଷ ମେ ମାସରେ ନିରଞ୍ଜନ ସାହୁ ସେହି ଗାଁର ଭଗବାନ ପ୍ରଧାନଙ୍କ ମୁଣ୍ଡକୁ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲା । ଭଗବାନଙ୍କ ଅଭିଯୋଗ ଆଧାରରେ ବାଲିପାଟଣା ଥାନାରେ ମାମଲା ରୁଜୁ ହୋଇଥିଲା । କିନ୍ତୁ ସେତେବେଳେ ପୋଲିସ ନିରଞ୍ଜନକୁ ଗିରଫ କଲାନାହିଁ । ସେହି ମାମଲାରେ ଗାଁର କିଛି ଯୁବକ ଭଗବାନଙ୍କ ସପକ୍ଷରେ ସାକ୍ଷୀ ରହିଥିଲେ । ତେଣୁ ନିରଞ୍ଜନ ସାକ୍ଷୀମାନଙ୍କୁ ଟାର୍ଗେଟ୍ କରି ବିଭିନ୍ନ ସମୟରେ ଧମକଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲା । ଶୁକ୍ରବାର ସନ୍ଧ୍ୟାରେ ସେ ଗାଁର ତପୁ ସାହୁଙ୍କୁ କୋଦାଳରେ ଆକ୍ରମଣ କରିଥିଲା । ତପୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ ଘଟଣାକୁ ହାଲୁକା ଭାବେ ନେଇ ମାମଲା ଫାଣ୍ଡିକୁ ପଠାଇଦେଇଥିଲା । ଘଟଣା ସମ୍ପର୍କରେ ବୁଝିବାକୁ କିଛି ଯୁବକ ଫାଣ୍ଡିକୁ ଆସିଥିଲେ । ସେମାନେ ଘରକୁ ଫେରୁଥିବା ସମୟରେ ନିରଞ୍ଜନ ସେମାନଙ୍କୁ ବାଟରେ ଜଗି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା । ଯୁବକମାନେ ସଂଘବଦ୍ଧ ଭାବେ ତାକୁ କାବୁ କରି ଫାଣ୍ଡି ପୋଲିସ ଜିମା ଦେଇଥିଲେ ।

# ଶିକ୍ଷାବିତ୍ ଡଃ ଅଚ୍ୟୁତ ସାମନ୍ତଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସଚେତନ ନାଗରିକ ଫୋରମ୍, ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଶିକ୍ଷାବିତ୍ ଡଃ ଅଚ୍ୟୁତ ସାମନ୍ତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରକାଶଥାଉକି ଆମେରିକାର ସରକାରୀ ବିଶ୍ୱବିଦ୍ୟାଳୟ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କରେ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସମାନ୍ତଙ୍କ ନାମରେ ଗବେଷଣା କେନ୍ଦ୍ର ଖୋଲିବା ଏକ ବିରଳ ଘଟଣା ଯାହା ଓଡ଼ିଶା ପାଇଁ ଗର୍ବ ଏବଂ ଗୌରବର ବିଷୟ। ବେସରକାରୀ ସ୍ତରରେ ଜଣେ ସଫଳ ଶିକ୍ଷାବିତ୍ ଭାବରେ ରାଜଧାନୀ ଭୁବନେଶ୍ୱରରେ କିସ୍ ଓ କିଟ୍ ନାମକ ଦୁଇଟି ବୈଷୟିକ ଜ୍ଞାନ କୌଶଳ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଫଳରେ ଓଡ଼ିଶାର ବହୁ ମେଧାବୀ ଛାତ୍ରଛାତ୍ରୀ ସେହି ଶିକ୍ଷାନୁଷ୍ଠାନରୁ ସଫଳତାର ସହ ଶିକ୍ଷାଲାଭ କରି ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନେକ ପଦ ପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି। ବିଶେଷକରି ଡଃ ସାମନ୍ତ ଜନଜାତିର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଆବାସିକ ଶିକ୍ଷାନୁଷ୍ଠାନ ଖୋଲି ମାଗଣାରେ ଶିକ୍ଷାଦାନ କରୁଛନ୍ତି, ଯାହାକି ପୃଥିବୀରେ ଏକ ବିରଳ ଘଟଣା । ଡଃ ସାମନ୍ତଙ୍କ ଉତ୍ସର୍ଗୀକୃତ ମନୋଭାବ, ଏକନିଷ୍ଠ ସାଧନାରେ ସମାଜରେ ଜନଜାତିର ସେବା ସହ ସାଧାରଣବର୍ଗର ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାରେ ଭାରତବର୍ଷର ଡଃ ସାମନ୍ତ ହେଉଛନ୍ତି ପ୍ରଥମ ଭାରତୀୟ। ଡଃ ସାମନ୍ତଙ୍କର ଏହି ସଫଳତା ପାଇଁ ରବିବାର ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ସଚେତନ ନାଗରିକ ଫୋରମ୍‌ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି, କାର୍ଯ୍ୟକାରୀ ସଭ୍ୟ ଆଇନ୍‌ଜୀବୀ ମନୋରଞ୍ଜନ ପ୍ରଧାନ, ଅନିଲ ପରିଡ଼ା ଓ ଯୁବନେତା ତନ୍ମୟ ସ୍ୱାଇଁ ପ୍ରମୁଖ ଡଃ ସାମନ୍ତଙ୍କୁ ଭେଟି ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



# ସିଟି ହସ୍ପିଟାଲ୍‌ରେ 'ଆମ ହସ୍ପିଟାଲ୍ ଯୋଜନା' ସଠିକ୍ କାର୍ଯ୍ୟକାରୀ ହେଉନି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ପୂର୍ବ ସରକାର ତଥା ନବୀନ ସରକାର ଅମଳରେ ଆମ ହସ୍ପିଟାଲ୍ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ସେହିପରି ରୋଗୀ କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ରୋଗୀଙ୍କର ମତାମତ ସଂଗ୍ରହକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିଲା । ଏହି ଯୋଜନାର ବିଭିନ୍ନ ପଦକ୍ଷେପ ସ୍ୱରୂପ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡ଼ିଏସ୍ଏଚ୍), ଜିଲ୍ଲା ଉପଖଣ୍ଡ ଚିକିତ୍ସାଳୟ (ଏସ୍‌ଡ଼ିଏଚ୍), ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ସ୍ତରରେ ଥିବା ସମସ୍ତ ସରକାରୀ ଡ଼ାକ୍ତରଖାନାଗୁଡ଼ିକୁ ପର୍ଯ୍ୟାୟକ୍ରମେ ରୂପାନ୍ତରଣ କରାଯାଇଥିଲା । ତେବେ ବର୍ତ୍ତମାନ ଉକ୍ତ ଯୋଜନାରେ ରୋଗୀ ସଠିକ୍ ସେବା ପାଉନଥିବା ଦେଖିବାକୁ ମିଳିଛି । ଏଭଳି କ୍ଷେତ୍ରରେ ଆମ ହସ୍‌ପିଟାଲ୍ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି । ଏହି ଯୋଜନା ଅନ୍ତର୍ଗତ ରୋଗୀ ପ୍ରତୀକ୍ଷା ସ୍ଥାନ ଗୁଡ଼ିକର ଉନ୍ନତିକରଣ ଓ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା, ରୋଗୀଙ୍କୁ ବିନାମୂଲ୍ୟରେ ଦିଆଯାଉଥିବା ଔଷଧ ବିତରଣ କେନ୍ଦ୍ରରେ କାଉଣ୍ଟର ସଂଖ୍ୟା ବୃଦ୍ଧି କରିବା ଓ ସ୍ୱଚ୍ଛ ଶୌଚାଳୟ ସୁନିଶ୍ଚିତ କରାଇବା ସହିତ ରୋଗୀଙ୍କ ମତାମତ ସଂଗ୍ରହ ଭଳି ବିଭିନ୍ନ ବ୍ୟବସ୍ଥା ପ୍ରଦାନ କରାଯାଇଥିଲା । ଉକ୍ତ ବ୍ୟବସ୍ଥାରେ ସେବା ପ୍ରଦାନ କରାଯାଉଥିବା ସ୍ଥାନଗୁଡ଼ିକରେ ଏକକାଳୀନ ଅତ୍ୟଧିକ ଭିଡ଼ ହ୍ରାସ କରିବା ପାଇଁ ତଥା ଧାଡ଼ି ପରିଚାଳନା ପାଇଁ ରୋଗୀଙ୍କୁ କ୍ରମାନ୍ୱୟରେ ଡ଼ାକିବା ବ୍ୟବସ୍ଥା ରହିଥିଲା । ତେବେ ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ଏହି ସେବା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି । ଡ଼ାକ୍ତରଙ୍କ ପରାମର୍ଶ ନେବା ସମୟରେ ବରିଷ୍ଠ ନାଗରିକମାନେ ନିଜର ଶିଶୁକୁ ସାଙ୍ଗରେ ଧରି ଦୀର୍ଘ ସମୟ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି । ପେସେଣ୍ଟ କଲିଂ ସିଷ୍ଟମ୍ ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବା ବେଳେ ଏହା ସଠିକ୍ ପରିଚାଳନା ହେଉନଥିବା ଅଭିଯୋଗ ହୋଇଛି । ଏହାର ସୁପରିଚାଳନା ପାଇଁ ଡ଼ାକ୍ତରଖାନାର ସମସ୍ତ ବିଭାଗର ଆଉଟଡ଼ୋର୍‌ରେ ଏଲ୍ଇଡ଼ିର ବ୍ୟବସ୍ଥା ରହିଛି । ଉକ୍ତ ଏଲ୍ଇଡ଼ିରେ ପର୍ଯ୍ୟାୟକ୍ରମେ ରୋଗୀଙ୍କ ଟୋକେନ୍ ନମ୍ବର ପ୍ରଦର୍ଶିତ ହେବା ସହ ଡ଼ାକବାଜି ଯନ୍ତ୍ର ଜରିଆରେ ରୋଗୀଙ୍କୁ ଅବଗତ କରାଯାଇଥାଏ । ଏହାପରେ ଉକ୍ତ ବିଭାଗ ନିକଟରେ ଥିବା ବିଶ୍ରାମ ସ୍ଥାନକୁ ଯାଇ ରୋଗୀ ଡ଼ାକ୍ତରଙ୍କ ପରାମର୍ଶ ନେଉଥିଲେ । ଏହି ବ୍ୟବସ୍ଥା ଦ୍ୱାରା ରୋଗୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁନଥିଲା କି କାହାର ସମୟ ଅପଚୟ ହେଉନଥିଲା । ତେବେ ଏହି ବ୍ୟବସ୍ଥା ଅଚଳ ହେବା ଯୋଗୁଁ ରୋଗୀଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଉକ୍ତ ବ୍ୟବସ୍ଥାକୁ ନିୟମିତ ଏବଂ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ପୂର୍ବରୁ ଏହି ସମସ୍ୟା ଜଟିଳ ଥିଲା କିଛି ବିଭାଗରେ ବର୍ତ୍ତମାନ ମଧ୍ୟ ଏହି ସମସ୍ୟା ରହିଥିବା ସ୍ୱୀକାର କରିଛନ୍ତି ଡ଼ାକ୍ତରଖାନାର ଅଧିକ୍ଷକ ଡ଼ା. ବିଶ୍ୱମ୍ବର ବେହେରା । ତେବେ ଏହାର ସ୍ଥାୟୀ ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି ।



# ବେଆଇନ୍ ବାଲି ଚାଲାଣ:କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବେଆଇନ୍ ଭାବେ ବାଲି ଉତ୍ତୋଳନ ବୃଦ୍ଧି ପାଇବା ଯୋଗୁଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ବାଲି ମାଫିଆ ଦିନ-ଦ୍ୱିପ୍ରହରରେ ନଦୀନାଳରୁ ବାଲି ଉତ୍ତୋଳନ କରୁଛନ୍ତି । ଏହି ପ୍ରସଙ୍ଗକୁ ଶାସକ ଓ ବିରୋଧୀ ବିଧାୟକମାନେ ବିଧାନସଭାରେ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବେଆଇନ୍ ବାଲି ଖନନ ଓ ପରିବହନରେ ଜରିମାନା ଉପରେ ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ (ସିଏଜି)ଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି ଯେ ବାଲି ଖନନ ଓ ପରିବହନ ଉପରେ ତହସିଲଦାର ମାନେ ନିୟମାନୁଯାୟୀ ଜରିମାନା ଆଦାୟ କରିନଥିବାରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ ଓ ପରିବହନ ବୃଦ୍ଧି ପାଇଛି । ଏହାଦ୍ୱାରା ରାଜ୍ୟ ସରକାର ୨୦୧୯-୨୦ ଏବଂ ୨୦୨୦-୨୧ ମଧ୍ୟରେ ୫ଟି ତହସିଲରୁ ୧୫.୬୩ କୋଟି ଟଙ୍କା ରାଜସ୍ୱ ହରାଇଛି । ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ତହସିଲଦାରମାନେ ଓଡ଼ିଶା ଲଘୁ ଖଣିଜ ରିଆତି (ଓଏମ୍ଏମ୍‌ସି) ନିୟମ ୨୦୧୬ ଅନୁପାଳନ ନକରିବାରୁ ବେଆଇନ୍ ବାଲି ଖନନ ବୃଦ୍ଧି ପାଇଥିଲା । ବାଲି ଖନନ ଉପରେ ଜରିମାନା ଆଦାୟ କମ୍ ରହିଥିଲା । ନିୟମାନୁଯାୟୀ, ଲଘୁ ଖଣିଜ ପଦାର୍ଥର ବେଆଇନ୍ ଉତ୍ତୋଳନ କିମ୍ବା ପରିବହନ ଏକ ପକ୍ଷ ବୋଲି ଧରାଯିବ । ଅପରାଧୀଙ୍କ ପାଇଁ ସରଳ କାରାଦଣ୍ଡ, ଜରିମାନା ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଏବଂ କୋଠା ନିର୍ମାଣ ପାଇଁ ବାଲି ଆବଶ୍ୟକ ଏବଂ ବାଲି ଚାହିଦା ବୃଦ୍ଧି ଯୋଗୁ ବେଆଇନ୍ ଖଣି କାରବାର ହୋଇଥାଏ । ରାଜ୍ୟରେ ବେଆଇନ୍ ବାଲି ଖନନ ରୋକିବା ପାଇଁ ସେତେବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିନା ୱାଇ ଫର୍ମରେ ବାଲି ପରିବହନକୁ ବେଆଇନ୍ ଖଣି କାରବାର ବୋଲି କହିଥିଲା ବିଭାଗ । ଏଭଳି କାରବାର ଉପରେ ଜରିମାନା ଆଦାୟ କରିବାକୁ ରାଜ୍ୟ ସରକାର ୨୦୧୯, ଏପ୍ରିଲ୍ ୨୬ରେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆର୍ଥିକ ବର୍ଷ ୨୦୧୯-୨୦ ଏବଂ ୨୦୨୦-୨୧ ମଧ୍ୟରେ ଚାନ୍ଦବାଲି, ଧାମନଗର, ପାଲଲହଡ଼ା, ତାଳଚେର ଏବଂ ସୁନ୍ଦରଗଡ ତହସିଲ କାର୍ଯ୍ୟାଳୟରେ ବେଆଇନ୍ ବାଲି ଖନନ ଓ ପରିବହନ ଉପରେ ୩୨୨ ମାମଲାର ନମୁନା ଯାଞ୍ଚ କରିଥିଲା । ସିଏଜି ଅକ୍ଟୋବର ୨୦୨୧ରୁ ଡିସେମ୍ବର ୨୦୨୨ ମଧ୍ୟରେ ଏହି ଯାଞ୍ଚ ହୋଇଥିଲା । ବାଲି ବେଆଇନ୍ ଉତ୍ତୋଳନ ଓ ପରିବହନ କ୍ଷେତ୍ରରେ ପ୍ରତି ମାମଲାରେ ୫ ଲକ୍ଷ ଟଙ୍କା ହାରରେ ଅପରାଧୀଙ୍କ ପାଖରୁ ମୋଟ ୧୬୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବା ନିମନ୍ତେ ବିଭାଗ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତହସିଲଦାର ୪୬,୭୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିଲେ, ଯାହାକି ପ୍ରତି ମାମଲାରେ ୩ ଶହ ଟଙ୍କାରୁ ୯୯ ହଜାର ୮୮୦ ଟଙ୍କା ପର୍ଯ୍ୟନ୍ତ ଥିଲା । ଫଳସ୍ୱରୂପ ୧୫.୬୩ କୋଟି ଟଙ୍କା ସରକାର ହରାଇଛନ୍ତି । ତହସିଲଦାରମାନେ କମ୍ ଜରିମାନା ଲଗାଇବା ଏବଂ ଆଦାୟ କରିବା ଦ୍ୱାରା ବାଲି ଖନନ ଓ ପରିବହନକୁ ରୋକିବାରେ ବିଫଳ ହୋଇଥିଲେ । ଏ ସଂକ୍ରାନ୍ତରେ ଚାନ୍ଦବାଲି ଓ ଧାମନଗର ତହସିଲଦାର ଅଡିଟକୁ କୌଣସି ଉତ୍ତର ଦେଇନଥିବା ବେଳେ ପାଲଲହଡା ଏବଂ ତାଳଚେର ତହସିଲଦାର ଅଡିଟ୍‌କୁ କହିଥିଲେ ଯେ, ଅପରାଧୀମାନେ ଗରିବ ଓ କୃଷକ ଶ୍ରେଣୀର ହୋଇଥିବାରୁ ସେମାନେ ସର୍ବାଧିକ ଜରିମାନା ଦେବାରେ ଅସମର୍ଥ ଥିଲେ । ସେମାନଙ୍କ ଆର୍ଥିକ ସ୍ଥିତିକୁ ବିଚାର କରି ସର୍ବାଧିକ ଜରିମାନା ଆଦାୟ କରାଯାଇନଥିଲା । ସୁନ୍ଦରଗଡ଼ ତହସିଲଦାର ଭବିଷ୍ୟତରେ ସର୍ବାଧିକ ଜରିମାନା ଆଦାୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ସିଏଜି ତା'ର ରିପୋର୍ଟରେ ପ୍ରକାଶ କରିଛି । ବିଗତ ଦିନରେ ତହସିଲଦାରମାନେ ଲଘୁ ଖଣିଜ ପଦାର୍ଥ ଧରିବା ସମୟରେ ସେମାନଙ୍କ ଉପରକୁ ମାଫିଆମାନେ ଗାଡ଼ି ଚଢ଼ାଇବା ଭଳି ଅଭିଯୋଗ ରହିଛି ।



# ଶ୍ରୀ ବଳଦେବ ଜୀଉଙ୍କ ଆଶୀର୍ବାଦ ଭିକ୍ଷାକଲେ ଉପମୁଖ୍ୟମନ୍ତ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସିଥିବା ବେଳେ ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରି ପ୍ରଭୁ ଶ୍ରୀ ବଳଦେବଜୀଉଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହିତ ବେଢା ମଧ୍ୟରେ ଥିବା ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର ଓ କନକଦୁର୍ଗା ମନ୍ଦିର ପ୍ରଭୃତି ଦର୍ଶନ କରିବା ସହ ବରିଷ୍ଠ ପୂଜା ପଣ୍ଡା, ସେବାୟତ ନୃସିଂହ ପ୍ରସାଦ ପତ୍ରୀ, ସେବାୟତ ସଞ୍ଜୟ ପତ୍ରୀ, ଜ୍ୟୋତି ରଞ୍ଜନ ପତ୍ରୀ, ଗଗନ ପତ୍ରୀ, ଅମିତାଭ ସୁଆର, ରାଜେନ୍ଦ୍ର ପ୍ରସାଦ ପତ୍ରୀ ପ୍ରମୁଖଙ୍କ ସହ ମନ୍ଦିର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଶ୍ରୀମତୀ ପରିଡାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ । ସେବାୟତ ମାନଙ୍କ ପକ୍ଷରୁ ଶ୍ରୀମତୀ ପରିଡାଙ୍କୁ ଜୀଉ ମାନଙ୍କ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମହିଳାଙ୍କୁ ବିବସ୍ତ୍ର କରି ମାଡ଼:ଅଭିଯୁକ୍ତ ଫେରାର

**ସୋର, ନ୍ୟୁଜ୍ ବ୍ୟୁରୋ**

ପୁଣି ଏକ ଲଜ୍ଜାକର ଘଟଣା । ମହିଳାଙ୍କୁ ଅର୍ଦ୍ଧ ବିବସ୍ତ୍ର କରି ମାଡ଼ ଘଟଣାକୁ ୪ ଦିନ ବିତିଲା, ପୋଲିସ ଅଭିଯୁକ୍ତକୁ ଗିରଫ କରିନାହିଁ । ମହିଳାଙ୍କୁ ମାଡ଼ ଦୃଶ୍ୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଘଟଣା ପ୍ରଘଟ ହେବାପରେ ପୋଲିସ ତତ୍ପର ହୋଇପଡିଥିବା ବେଳେ ଅଭିଯୁକ୍ତ ମହିଳା ଫେରାର୍ ହୋଇଯାଇଛି । ଅଭିଯୋଗର ବିବରଣୀ ଅନୁଯାୟୀ, ଇଚ୍ଛାପୁର ଗ୍ରାମର ଶକୁନ୍ତଳା ମଳିକ ତାଙ୍କ ସ୍ୱାମୀଙ୍କ ସହ ସୋର ଥାନା ଅନ୍ତର୍ଗତ ଅସିମିଳା ଗ୍ରାମର ଜଣେ ମହିଳାର ଅନୈତିକ ସମ୍ପର୍କ ରଖୁଥିବା ସନ୍ଦେହ କରିଥିଲେ । ବାହାନଗା ବଜାରରେ ସଂପୃକ୍ତ ମହିଳାଙ୍କୁ ଶକୁନ୍ତଳା ଅର୍ଦ୍ଧ ବିବସ୍ତ୍ର କରି ନିର୍ଘୁମ୍ ମାଡ଼ ମାରିଥିଲେ । ଏ ବାବଦ ପୀଡ଼ିତା ମହିଳା ସାଉଡ଼ ଫାଣ୍ଡିରେ ଅଭିଯୋଗ କରିବା ସହିତ ଫାଣ୍ଡି ଅଧିକାରୀଙ୍କୁ ଏହାର ତଦନ୍ତ ପାଇଁ କିଛି ଟଙ୍କା ଦେଇଥିବା ଅଭିଯୋଗ କରିଛନ୍ତି । କିନ୍ତୁ ଫାଣ୍ଡି ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ମହିଳା ଜଣକ ସୋର ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହା ମଧ୍ୟରେ ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି । ତେବେ ସୋର ଥାନା ଆଇଆଇସି ପ୍ରଭାଂଶୁ ମିଶ୍ର କହିଛନ୍ତି ଯେ ଅଭିଯୁକ୍ତକୁ ଗିରଫ କରାଯିବ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ବୃ ରଚ / ୧୦ମ | ୮ | ରା୭ / ଶୁ୬ |
| ୧୧ | ୫ / ୨ | ୫ |
| ୧୨ / ଲଗ୍ନକେକୁ | ୨ଶୁ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୯।୨୦୨୪, ଆଶ୍ୱିନ ଦି୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୫।୫୭** **ଚନ୍ଦ୍ରୋଦୟ- ରାଘ୧୦।୫୨।୧୩**

**ସପ୍ତମୀ-** ଦିଘ ୧୨।୩୯ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ରାଘ ୯।୫୭ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୯।୫୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୯।୫୬ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ଦିଘ ୯।୫୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୨।୩୯ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଘ ୬।୨୭ ମଧ୍ୟେ। ଦିଘ ୮।୪୦ ଗତେ ଘ ୧୧।୧୫ ମଧ୍ୟେ । ପର୍ବୋତ୍ସବ - ମୂଳାଷ୍ଟମୀ, ଦ୍ୱିତୀୟା ଓଷା, ପୁଅଜିଉନ୍ତିଆ, ଦେବ୍ୟୁତ୍ଥାପନ ।

**ମେଷ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ମାଙ୍ଗଳିକ କାମ ସକାଶେ ଯାତ୍ରା କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ବୃଷ:** କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**ମିଥୁନ:** ଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋବେ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।

**କର୍କଟ:** ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଧନ ଲାଭ ହେବ । ପରୋପକାରୀ ହେବେ । ଦେହ ଓ ମନ ଭଲ ରହିବ ।

**ସିଂହ:** ଚାକିରୀ କ୍ଷେତ୍ରରେ କର୍ମତତ୍ପରତା ପ୍ରକାଶ ପାଇବ । ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅଶାନ୍ତି ଦେଖାଦେବ । ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ।

**ତୁଳା:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । କାର୍ଯ୍ୟକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଆୟରେ ଉନ୍ନତି ଦେଖାଦେବ । ଭ୍ରମଣ ଯୋଗ ରହିଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।

**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।

**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ମାଙ୍ଗଳିକ କାର୍ଯ୍ୟ ସହିତ ଦେବ ଦର୍ଶନର ସୁଯୋଗ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଖୁସିର ବାତାବରଣ ରହିବ । ମନ ଭଲ ରହିବ ।

**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ । ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଗୃହେ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।

**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇପାରନ୍ତି। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ । ମନ ଅସ୍ଥିର ରହିବ ।

**ମୀନ:** ଅନେକ କ୍ଷେତ୍ରରେ ବିଜୟୀ ହେବେ । ଅଟକି ରହିଥିବା କାମ ଆରମ୍ଭ ହେବ । ରୋଜଗାର ଭଲ ହେବ । ଆଜି ବନ୍ଧୁ ମିଳନ ହେତୁ ଆନନ୍ଦ ଆସିବ । ପାରିବାରିକ ଜୀବନ ସୁଖମୟ ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୯।୨୦୨୪, ଆଶ୍ୱିନ ଦି୧୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୬।୧୦** **ଚନ୍ଦ୍ରୋଦୟ- ରାଘ୧୧।୫୦।୧୨**

**ଅଷ୍ଟମୀ-** ଦିଘ ୧୨।୧୨ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ରାଘ ୧୦।୨୫ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧୨।୧୨ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୭ ଗତେ ଘ ୭।୧୫ ମଧ୍ୟେ। ଦିଘ ୧।୩୭ ଗତେ ଘ ୪।୦୧ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ

ଗତ ମାସରେ ମୁହଁ ଫେରାଇ ନେଇଥିବା ବିଦେଶୀ ନିବେଶକମାନେ ପୁଣି ଥରେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ଭାରତୀୟ ଷ୍ଟକ୍ ବଜାର ପ୍ରଦର୍ଶନ ଉପରେ ଭରସା ପ୍ରକଟ କରିଛନ୍ତି। ଭାରତୀୟ ଅର୍ଥନୀତିର ଚମତ୍କାର ପ୍ରଦର୍ଶନ ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ କରିଛି। ସେଥିପାଇଁ ବିଦେଶୀ ନିବେଶକମାନେ ଇକ୍ୱିଟି ବଜାରରେ ୪୦,୭୧୦ କୋଟି ଟଙ୍କା ନିବେଶ କରିଛନ୍ତି। ୨୦୨୪ର ବିଦେଶୀ ନିବେଶକଙ୍କ ଲାଗି ଚଳନୀୟ ଥିଲା। ସେମାନେ ପ୍ରାୟ ୨୫,୭୪୩ କୋଟି ଟଙ୍କା ଇକ୍ୱିଟି ବଜାରରେ ନିବେଶ କରିଥିଲେ। ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଉପରେ ସନ୍ଦେହ ହେବାରୁ ସେମାନେ ଅନ୍ୟତ୍ର ପଳାୟନ କରିଥିଲେ। ବିଦେଶୀ ନିବେଶକମାନେ ଏହି ମାସରେ ମାତ୍ର ୧୫୩୯ କୋଟି ଟଙ୍କା ଭାରତୀୟ ଇକ୍ୱିଟି ବଜାରରେ ନିବେଶ କରିଥିଲେ। ସାଧାରଣତଃ ଆମେରିକାର ବଣ୍ଡ୍ ୟିଲ୍ଡ ଆଧାରରେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଷ୍ଟକ୍ ବଜାର ଜରିଆରେ କେତେକ ବଡ଼ ଧରଣର ଡିଲ୍ ହୋଇଥିବାରୁ ନିବେଶ ପରିମାଣ ଅଧିକ ପ୍ରଦର୍ଶିତ ହୋଇଛି। ଏହା ବିଦେଶୀ ନିବେଶକମାନଙ୍କ ଆଚରଣର ପ୍ରକୃତ ପ୍ରତିଫଳନ ନୁହେଁ। କିନ୍ତୁ ନିବେଶରେ ଏହି ବୃଦ୍ଧିର ଧାରା ଆଗାମୀ ଦିନରେ ଜାରି ରହିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ସୁଧ କମ୍ କରିବା ସମ୍ଭାବନା ସୃଷ୍ଟି ହୋଇଛି। ସେଥିପାଇଁ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ ଦେଖାଇଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)
ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)
ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର


ଶ୍ରୀ ଅଭିରାମ ସରସ୍ୱତୀ

ନତି ମ୍ବକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)
(କ୍ରମଶଃ)

# ଆଗ୍ନେୟଗିରି ଉଦ୍‌ଗୀରଣ କ'ଣ ଓ କାହିଁକି (୨)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪


ହାୱାଇ-ଜାତୀୟ ଉଦ୍ଗୀରଣ (କିଲାଉ)
ସୌଜନ୍ୟ: ଜାତୀୟ ଉଦ୍ୟାନ ସେବା, ଆମେରିକା


ଷ୍ଟ୍ରୋମ୍ବୋଲିଆନ୍ ଉଦ୍ଗୀରଣ
ସୌଜନ୍ୟ: ଜାତୀୟ ଉଦ୍ୟାନ ସେବା, ଆମେରିକା


ଫ୍ରିଆଟୋମାଗନେଟିକ ଉଦ୍ଗୀରଣ
ସୌଜନ୍ୟ: ଜାତୀୟ ଉଦ୍ୟାନ ସେବା, ଆମେରିକା

ପୂର୍ବର ଆଲେଖ୍ୟରେ ଆମେ ଆଗ୍ନେୟଗିରି ବିଷୟରେ ସମ୍ୟକ ଚର୍ଚ୍ଚା କରିଥିଲୁ। ଭୂମିକମ୍ପ ପରି ଏହା ଅନ୍ୟ ଏକ ପ୍ରାକୃତିକ ଘଟନା । ଆଜି ସେ ବିଷୟରେ ଅଧିକ ଆଲୋଚନା କରିବା। କେତେଜଣ ପାଠକ ପ୍ରଥମ ଆଲେଖ୍ୟଟି ପଢ଼ିବା ପରେ ଭାରତବର୍ଷ ଓ ନିର୍ଦ୍ଦିଷ୍ଟ ଭାବେ ଓଡିଶାରେ ଆଗ୍ନେୟଗିରି ଉଦ୍ଗୀରଣର ସମ୍ଭାବନା ବିଷୟରେ ଆଲୋକପାତ କରିବା ପାଇଁ ଅନୁରୋଧ କରିଛନ୍ତି। ସେ ବିଷୟରେ ପ୍ରସିଦ୍ଧ ସଂସ୍ଥାମାନଙ୍କର ଗବେଷଣାରୁ ଉଦ୍ଧୃତ ତଥ୍ୟ ସମ୍ବନ୍ଧରେ ଆଲୋଚନା କରିବା। ଆଗ୍ନେୟଗିରି ଉଦ୍ଗୀରଣ ଶୈଳୀ, ତୀବ୍ରତା ଏବଂ ପ୍ରଭାବରେ ଭିନ୍ନ ହୋଇଥାଏ, ମୁଖ୍ୟତଃ ମ୍ୟାଗମାର ସାନ୍ଦ୍ରତା ଏବଂ ଗ୍ୟାସୀୟ ବସ୍ତୁ ଉପରେ ଆଧାରିତ । ଆଗ୍ନେୟଗିରି ଉଦ୍ଗୀରଣର ମୁଖ୍ୟ ପ୍ରକାରଗୁଡ଼ିକ ଏଠାରେ ଅଛି:

୧। ହାୱାଇଆନ୍ ଉଦ୍ଗୀରଣ (Hawaiian eruption): ଏହି ଉଦ୍ଗୀରଣଗୁଡ଼ିକ ଅପେକ୍ଷାକୃତ ଶାନ୍ତ ଏବଂ ଅତ୍ୟଧିକ ତରଳ, ବେସାଲ୍ଟିକ୍ ଲାଭା ପ୍ରବାହ ସୃଷ୍ଟି କରେ । ଲାଭାର ଝରଣା ଶହ ଶହ ମିଟର ଉଚ୍ଚତାରେ ପହଞ୍ଚିପାରେ, କିନ୍ତୁ ସେଗୁଡ଼ିକ ସାଧାରଣତଃ ବିସ୍ଫୋରକ ନୁହେଁ । ଏହାର ଉଦାହରଣ ହେଉଛି ହାୱାଇରେ କିଲାଉ (Kilauea) ଆଗ୍ନେୟଗିରି। ଏହାର ବୈଶିଷ୍ଟ୍ୟ ଗୁଡିକ ହେଲା: ନିମ୍ନ ସାନ୍ଦ୍ରତା ଲାଭା, ବିସ୍ଫୋରକ ହେଉନଥିବା ଏବଂ ଧୀର ଗତିଶୀଳ ଲାଭା ପ୍ରବାହ, ବଡ଼ ଢାଲ ପରି ଆଗ୍ନେୟଗିରି ।

୨। ଷ୍ଟ୍ରୋମ୍ବୋଲିଆନ୍ ଉଦ୍ଗୀରଣ (Strombolian eruption): ଏହି ଉଦ୍ଗୀରଣ ଗୁଡିକ ମଧ୍ୟମ ଭାବରେ ବିସ୍ଫୋରକ ଅଟେ, ଲାଭା ଏବଂ ପାଉଁଶ ବିସ୍ଫୋରଣ ହୋଇ ପଦାକୁ ବାହାରି ଆସେ। ଏଗୁଡିକ ସ୍ୱଳ୍ପ ସମୟର, କିନ୍ତୁ ସେଗୁଡ଼ିକ ବାରମ୍ବାର ହୋଇପାରେ । ଇଟାଲୀର ଷ୍ଟ୍ରୋମ୍ବୋଲି ଆଗ୍ନେୟଗିରି ଏହାର ଏକ ଉଦାହରଣ । ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା: ଲାଭା ଏବଂ ପାଉଁଶର ଛୋଟରୁ ମଧ୍ୟମ ବିସ୍ଫୋରଣ, ଜଳନ୍ତା ଅଙ୍ଗାରର କୋଣ ଏବଂ ଲାଭା ବୋମା ଉତ୍ପାଦନ କରେ, ନିମ୍ନରୁ ମଧ୍ୟମ ସାନ୍ଦ୍ରତା ଲାଭା ଇତ୍ୟାଦି ।

୩। ଭଲକାନିଆନ୍ ଉଦ୍ଗୀରଣ (Vulcanian Eruption): ଏହି ଉଦ୍ଗୀରଣଗୁଡିକ ଅଧିକ ବିସ୍ଫୋରକ ଏବଂ ହିଂସାତ୍ମକ। ଘନ ପାଉଁଶ ମେଘ ଏବଂ ଅଗ୍ନିଯୁକ୍ତ ପଦାର୍ଥକୁ ବାୟୁମଣ୍ଡଳକୁ ପଠାଇଥାଏ । ଅଧିକ ବହଳିଆ ମ୍ୟାଗମା ସହ ଗ୍ୟାସ୍ ଚାପ ମୁକ୍ତ ହେବା ଦ୍ୱାରା ସେଗୁଡ଼ିକ ହୋଇଥାଏ । ଜାପାନର ସାକୁରାଜିମାରେ ହେଉଥିବା ଏପରି ଉଦ୍ଗୀରଣର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ହେଲା ଏହା ସ୍ୱଳ୍ପ ସମୟ ପାଇଁ ହୁଏ, କିନ୍ତୁ ଗ୍ୟାସ ପାଉଁଶର ଶକ୍ତିଶାଳୀ ବିସ୍ଫୋରଣ ହୁଏ। ବେଳେବେଳେ ଲାଭା ପ୍ରବାହ ଦେଖାଯାଏ।


ଭଲକାନିଆ ଉଦ୍ଗୀରଣ
ସୌଜନ୍ୟ: ଜାତୀୟ ଉଦ୍ୟାନ ସେବା, ଆମେରିକା


ପ୍ଲିନିଆନ ଉଦ୍ଗୀରଣ
ସୌଜନ୍ୟ: ଜାତୀୟ ଉଦ୍ୟାନ ସେବା, ଆମେରିକା

୪। ପ୍ଲିନିଆନ ଉଦ୍ଗୀରଣ (Plinian eruption): ଏଗୁଡିକ ଅତ୍ୟଧିକ ବିସ୍ଫୋରକ ଉଦ୍ଗୀରଣ ଯାହା ଆଗ୍ନେୟଗିରିର ପାଉଁଶ, ଗ୍ୟାସ୍ ଏବଂ ଆଗ୍ନେୟ ପଥର ନିର୍ଗତ କରି ବିରାଟ ସ୍ତମ୍ଭ ଉତ୍ପାଦନ କରିପାରିବ ଯାହା ଦଶ କିଲୋମିଟର ଉଚ୍ଚତାରେ ପହଞ୍ଚି ପାରେ। ସେଗୁଡିକ ଗରମ ଗ୍ୟାସ ଏବଂ ଆଗ୍ନେୟଗିରି ପଦାର୍ଥର ମିଶ୍ରଣ ଏବଂ ଦ୍ରୁତଗତିରେ ବୋହିଥାନ୍ତି, ଯାହାକୁ ଇଂରାଜୀରେ ପାଇରୋକ୍ଲାଷ୍ଟିକ୍ ପ୍ରବାହ ବୋଲି କୁହାଯାଇଥାଏ। ଏକ ପାଇରୋକ୍ଲାଷ୍ଟିକ୍ ପ୍ରବାହ ହେଉଛି ଏକ ଗରମ (ସାଧାରଣତଃ ୮୦୦° C ରୁ ଅଧିକ), ପଥର ଖଣ୍ଡ, ଗ୍ୟାସ୍ ଏବଂ ପାଉଁଶର ବିଶୃଙ୍ଖଳିତ ମିଶ୍ରଣ ଯାହା ଆଗ୍ନେୟଗିରି ଖୋଲାଦ୍ୱାର ମଧ୍ୟ ଦେଇ ବାହାରି ଆସି ଦ୍ରୁତ ଗତିରେ ପ୍ରବାହିତ ହେଉଥିବା (ପ୍ରତି ସେକେଣ୍ଡରେ ଦଶ ମିଟର) ବେଗରେ ଗତି କରେ । ସେମାନଙ୍କର ଉଚ୍ଚ ତାପମାତ୍ରା ଏବଂ ଗତିଶୀଳତା ହେତୁ ପାଇରୋକ୍ଲାଷ୍ଟିକ୍ ପ୍ରବାହ ଅତ୍ୟନ୍ତ ବିନାଶକାରୀ ଏବଂ ଘାତକ ହୋଇପାରେ । ଉଦାହରଣ: ମାଉଣ୍ଟ ଭେସୁଭିୟସ୍ (AD ୭୯), ମାଉଣ୍ଟ ସେଣ୍ଟ ହେଲେନ୍ସ (୧୯୮୦)। ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା : ଏହା ବୃହତ, ସ୍ଥାୟୀ ପାଉଁଶ ସ୍ତମ୍ଭ। ବ୍ୟାପକ ପାଉଁଶ ଏବଂ ପାଇରୋକ୍ଲାଷ୍ଟିକ୍ ପ୍ରବାହ, ଉଚ୍ଚ ସାନ୍ଦ୍ରତା ମ୍ୟାଗମା, ପ୍ରାୟତଃ ରାଇଓଲିଟିକ୍। ରାଇଓଲିଟିକ୍ ମ୍ୟାଗମା ହେଉଛି ଏକ ପ୍ରକାର ମ୍ୟାଗମା ଯାହା ସିଲିକା ଏବଂ ପୋଟାସିୟମ୍‌ରେ ଅଧିକ ଏବଂ ଲୁହା, ମ୍ୟାଗ୍ନେସିୟମ୍ ଏବଂ କ୍ୟାଲସିୟମ୍‌ରେ କମ୍ ଥାଏ ।


ସର୍ଟସେନ୍ ଉଦ୍ଗୀରଣ
ସୌଜନ୍ୟ: ଜାତୀୟ ଉଦ୍ୟାନ ସେବା, ଆମେରିକା


ପେଲିଆନ୍ ଉଦ୍ଗୀରଣ
ସୌଜନ୍ୟ: ବ୍ରିଟାନିକା, ଆମେରିକା

୫। ସର୍ଟସିୟାନ୍ ଉଦ୍ଗୀରଣ (Surtseyan Eruption): ମ୍ୟାଗମା ଯେତେବେଳେ ଅସ୍ଥାୟୀ ସମୁଦ୍ର କିମ୍ବା ହ୍ରଦରେ, ବିସ୍ଫୋରକ ବାଷ୍ପ ଚାଳିତ ବିସ୍ଫୋରଣ ଘଟାଏ ଓ ଜଳ ସହିତ ପାରସ୍ପରିକ କ୍ରିୟା କରେ, ତାହାକୁ ସର୍ଟସେନ୍ ଉଦ୍ଗୀରଣ କୁହାଯାଏ। ଜଳ ସହିତ ପାରସ୍ପରିକ କ୍ରିୟା ଦ୍ୱାରା ଲାଭାର ପ୍ରବଳ ବିଖଣ୍ଡନ ସୃଷ୍ଟି କରେ । ଉଦାହରଣ: ଆଇସଲ୍ୟାଣ୍ଡରେ ସୁରଟସି (Surtsey) ଦ୍ୱୀପ ସୃଷ୍ଟି । ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ହେଲା: ଜଳ ସହିତ ବିସ୍ଫୋରକ ପାରସ୍ପରିକ କ୍ରିୟା, ନୂତନ ଭୂଭାଗ କିମ୍ବା ଦ୍ୱୀପପୁଞ୍ଜ ସୃଷ୍ଟି , ଜଳୀୟ ବାଷ୍ପ ଏବଂ ପାଉଁଶ ଇତ୍ୟାଦି।

୬। ପେଲିଆନ୍ ଉଦ୍ଗୀରଣ (Pelean Eruption): ମାଉଣ୍ଟ ପେଲିରୁ ଏପରି ନାମକରଣ କରାଯାଇଛି। ଏହି ପ୍ରକାରର ଉଦ୍ଗୀରଣକୁ ପାଇରୋକ୍ଲାଷ୍ଟିକ୍ ପ୍ରବାହ ମଧ୍ୟ କୁହାଯାଏ, ଯାହା ଉଚ୍ଚ ବେଗରେ ଆଗ୍ନେୟଗିରିର ପାର୍ଶ୍ୱକୁ ପ୍ରବାହିତ ହୁଏ ଏବଂ ସେମାନଙ୍କ ପଥରେ ସବୁକିଛି ଜାଳିଦିଏ। ଉଦାହରଣ: ମାଉଣ୍ଟ ପେଲି, ମାର୍ଟିନିକ୍ (୧୯୦୨) । ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ହେଲା: ଅତ୍ୟଧିକ ବିପଜ୍ଜନକ ପାଇରୋକ୍ଲାଷ୍ଟିକ୍ ପ୍ରବାହ, ମୋଟା, ବହଳିଆ ଲାଭା, ପ୍ରାୟତଃ ଆଣ୍ଡେସିଟିକ୍ କିମ୍ବା ରାଇଓଲିଟିକ୍ । ଆଣ୍ଡେସେଟିକ୍ ମ୍ୟାଗମା ହେଉଛି ଏକ ପ୍ରକାର ମ୍ୟାଗମା ଯାହା ମୋଟା ଲାଭା ପ୍ରବାହ ଏବଂ ବିସ୍ଫୋରକ ଉଦ୍ଗୀରଣ ପାଇଁ ଜଣାଶୁଣା।

୭। ଫ୍ରିଆଟୋମାଗନେଟିକ ଉଦ୍ଗୀରଣ (Phreatomagmatic Eruption): ଯେତେବେଳେ ମ୍ୟାଗମା ଭୂତଳ ଜଳ କିମ୍ବା ଭୂତଳ ଜଳ ସହିତ ପାରସ୍ପରିକ ପ୍ରକ୍ରିୟା ହୁଏ, ସେତେବେଳେ ଏହି ପ୍ରକାରର ବିସ୍ଫୋରଣ ହୁଏ ବିସ୍ଫୋରକ ବାଷ୍ପ ବିସ୍ଫୋରଣ ଏବଂ ସୂକ୍ଷ୍ମ ପାଉଁଶ ସୃଷ୍ଟି କରେ । ଉଦାହରଣ: ଫିଲିପାଇନ୍ସରେ ଟାଲ୍ ଆଗ୍ନେୟଗିରିର ଉଦ୍ଗୀରଣ । ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ହେଲା ବାଷ୍ପ ବିସ୍ଫୋରଣ, ସୂକ୍ଷ୍ମ ପାଉଁଶ ଏବଂ ଟେଫ୍ରା ଜମା। ଟେଫ୍ରା ହେଉଛି ଆଗ୍ନେୟଗିରି ଉଦ୍ଗୀରଣରୁ ଉତ୍ପାଦିତ ଖଣ୍ଡବିଖଣ୍ଡିତ ପଦାର୍ଥ । ଏହି ପ୍ରକାରର ଉଦ୍ଗୀରଣ ମ୍ୟାଗମା ରଚନା, ଗ୍ୟାସ୍ ବିଷୟବସ୍ତୁ, ଚାପ ଏବଂ ଏହାର ଆଖପାଖ ପରିବେଶ ମଧ୍ୟରେ ଜଟିଳ ପାରସ୍ପରିକ କାର୍ଯ୍ୟକୁ ପ୍ରତିଫଳିତ କରେ ।

ଆଗ୍ନେୟଗିରି ଉଦ୍ଗୀରଣର ଇତିହାସ ଏବଂ ଏ ସମ୍ବନ୍ଧରେ ଅଧିକ ତଥ୍ୟ ଆର ଥରକୁ।

# ଶ୍ରୀମନ୍ଦିରରେ ଷୋଳପୂଜା ଓ ଶାକ୍ତ ଗୁଣ୍ଡିଚା ଯାତ୍ରା



ପ୍ରସନ୍ନ କୁମାର ମିଶ୍ର
୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ : ୮୦୧୮୮୭୫୩୩୫

ଶ୍ରୀମନ୍ଦିରରେ ମୂଳାଷ୍ଟମୀ ତିଥିରେ ଦୁର୍ଗାଦେବୀଙ୍କ ଚଳନ୍ତି ବିଗ୍ରହଙ୍କର ସହସ୍ର କୁମ୍ଭାଭିଷେକ ସମାପ୍ତିରେ ଶ୍ରୀଅଙ୍ଗ ପୋଛା, ବସ୍ତ୍ରଲାଗି, ବେଶ, ପ୍ରସାଦଲାଗି, ଶୀତଳ ଭୋଗ(ନିସଂଖୁଡି ଅରନ୍ଧା ଫଳ ଯଥା ଖଇ, କୋରା, କଦଳୀ, ପଇଡ ଓ ଲଡୁ ଇତ୍ୟାଦି) ଓ ବନ୍ଦାପନା ଆଦି କର୍ମ ଓ ନୀତିମାନ ସଂପନ୍ନ କରାଯାଇ ଦୁର୍ଗାଦେବୀଙ୍କୁ ଭଣ୍ଡାର ଘର ଦ୍ୱାରଦେଶରେ ବିଜେ କରାଯାଇଥାଏ। ଏହାପରେ ଶ୍ରୀବାଳପୁରୁଷୋତ୍ତମ (ରତ୍ନ ସିଂହାସନରେ ବିଜେ ଶ୍ରୀଦେବୀଙ୍କ ଆଡୁଆଳରେ ରହୁଥିବା ଶ୍ରୀଜଗନ୍ନାଥଙ୍କ ପ୍ରତିରୂପ ମାଧବ) ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିଜେହୋଇ ଶ୍ରୀଦୁର୍ଗାଙ୍କ ସହ ଏକତ୍ର ଭଦ୍ରାସନରେ ଉପବେଶନ କଲେ ରୁନ୍ଧାକାର୍ଯ୍ୟ ବଢେ । ବିମଳାଙ୍କ ସକାଳଧୂପ ନୀତି ବଢିଲେ ଏକତ୍ର ରୁନ୍ଧା ହୋଇଥିବା 'ଦୁର୍ଗାମାଧବ'ଝୁଲଣମଣ୍ଡପଠାରେ ସଜ୍ଜିତ ପାଲିଙ୍କିରେ ବିଜେକରି ବିମଳା ମନ୍ଦିର ଯାତ୍ରାକରନ୍ତି ଓ ସେଠାରେ ଖଟ ଉପରେ ବିଜେ କରିଥାଆନ୍ତି ।

ପୂର୍ବଦିନରୁ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକି 'ଆଚାର୍ଯ୍ୟ' ରୂପେ ବରଣ ହୋଇଥିବା ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଏହିଦିନ କଳସ ପୂଜା, ବ୍ରହ୍ମା, ସ୍ୱସ୍ତିବାଚକ, ଚଣ୍ଡି ଓ ସହସ୍ରନାମାଦି କାର୍ଯ୍ୟ ନିମନ୍ତେ ଅନ୍ୟ ବ୍ରାହ୍ମଣମାନଙ୍କୁ ବରଣ କରି ଜପ ହୋମ ସଂକଳ୍ପ କରିବା ପରେ ଶ୍ରୀବିମଳାଙ୍କ ସମ୍ମୁଖରେ ପାହାଡ଼ା ପଡ଼ି ଭୋଗ ହେବାକୁ ଥିବା ସ୍ଥାନକୁ ପୂଜା କରିବା ନିମନ୍ତେ ଯାଇଥା'ନ୍ତି। ବିମଳା ମଣୋହିରେ କୋଠଭୋଗ ମହାପ୍ରସାଦ, ପିଠା ଓ ଥାଳି ଖେଚୁଡ଼ି ଆଦି ବଢ଼ାଯାଏ। ଏହି ଭୋଗ ସମୟରେ ଛତି ଟେକାଯାଇଥାଏ ଏବଂ ଘଣ୍ଟ, କାହାଳୀ ଓ ବାଜା ବାଜୁଥାଏ। ଆଚାର୍ଯ୍ୟ ଷୋଡ଼ଶ ଉପଚାରରେ ପୂଜା କରନ୍ତି। ଭୋଗ ସମାପ୍ତିରେ ଟେରା ଫିଟିଲେ କର୍ପୂର ଆଳତି ଓ ଏକୋଇଶ ବତି ବନ୍ଦାପନା ହୋଇଥାଏ। ଏହା ସକାଳ ଧୂପ ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତି ଚଣ୍ଡିପାଠ ଓ ସହସ୍ରାନାମାଦି ପାଠ କରାଯାଇଥାଏ। ମାତ୍ର ମଧ୍ୟାହ୍ନ ଧୂପ ଓ ସଂଧ୍ୟାଧୂପ ନୀତିରେ ଏହା ହୁଏ ନାହିଁ। ପ୍ରତିଟି ଧୂପରେ ଟେରା ବନ୍ଧାଯାଇ ଭୋଗ ହୁଏ। ଛତି ଟେକା ଯାଇଥାଏ। ପୂଜା ବଢ଼ିଲେ ଆଳତି ବନ୍ଦାପନା ହୋଇଥାଏ। ଏହି ବିଧି ବିଧାନ ଶୁକ୍ଳ ପକ୍ଷ ସପ୍ତମୀ ପର୍ଯ୍ୟନ୍ତ ବିମଳାଙ୍କ ପୀଠରେ ପାଳିତ ହୋଇଥାଏ।


ପୁରୀ ଶ୍ରୀମନ୍ଦିରରେ ବିରଳ ଦୁର୍ଗା-ମାଧବ

ସପ୍ତମୀ ଠାରୁ ତ୍ରିଦିବସୀୟ ପୂଜା ନିମନ୍ତେ ସ୍ୱତନ୍ତ୍ର ଭାବେ ସଂକଳ୍ପ କରାଯାଇ ତର୍ପଣ, ମାର୍ଜନା ସହ ବଳି, ଜପ ଓ ହୋମାଦି ସଂପନ୍ନ ହୋଇଥାଏ। ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ନିଶାର୍ଦ୍ଧରେ ମା'ବିମଳାଙ୍କର ମନ୍ଦିରରେ ସଙ୍ଖୁଡ଼ି ଓ ଆମିଷ ଭୋଗ କରାଯାଏ। ଏଥିପାଇଁ ବିମଳାଙ୍କ କୂଅ ନିକଟରେ ଏକ ଅସ୍ଥାୟୀ 'ରୋଷଘର' କରାଯାଇ ଶ୍ରୀଜଗନ୍ନାଥଙ୍କର ରାତ୍ର ପହୁଡ଼ ପରେ (ଗୁପ୍ତରେ) ମନ୍ଦିର ଶୋଧ କରାଯାଇ ପଶ୍ଚିମ ଦ୍ୱାର ରାସ୍ତା ଦେଇ ବଳୀପଶୁ ଓ ମତ୍ସାଦି ଭିତରକୁ ଅଣାଯାଇଥାଏ। ଏହାର ପୂଜାବିଧି ସଂପୂର୍ଣ୍ଣ ଗୋପନୀୟ ଏବଂ 'ପ୍ରଚାର ବିହୀନ ଗୁପ୍ତବିଧି' ରୂପେ ଗୃହୀତ । ଏଠାରେ ନିର୍ଦ୍ଦିଷ୍ଟ ଛେଦ ପଶୁ ଛଡ଼ା ଯାଚଜ୍ଞା ଛେଦ ଦିଆଯିବାର ବ୍ୟବସ୍ଥା ନାହିଁ। ଷୋଳପୂଜା ଆରମ୍ଭରୁ ସମାପ୍ତି ଅର୍ଥାତ୍ ମହାନବମୀ ପର୍ଯ୍ୟନ୍ତ ବିମଳା ମନ୍ଦିର ଭିତରକୁ ମହିଳାମାନଙ୍କ ପ୍ରବେଶ ବାରଣ କରାଯାଇଥାଏ।

ସହସ୍ରାକୁମ୍ଭାଭିଷେକ ଦିନ ଠାରୁ ଷଷ୍ଠୀ ପର୍ଯ୍ୟନ୍ତ ମା' ବିମଳାଙ୍କର ୧୧ ଗୋଟି ଯଜମାନୀ ବେଶ ଅନୁଷ୍ଠିତ ହୁଏ । ଷୋଳପୂଜା ସମୟରେ 'ଦେବୀ ଦୁର୍ଗାଙ୍କ ବିଜେପ୍ରତିମା ଓ ମାଧବ' (ବାଳ ପୁରୁଷୋତ୍ତମ) ଏକତ୍ର ରୁନ୍ଧା ହୋଇ ବିମଳା ଦେବୀଙ୍କ ମନ୍ଦିରରେ ଆଠଦିନ ବିଜେ କରିବା ପରେ ନବମ ଦିନ ଠାରୁ ମହାନବମୀ ପର୍ଯ୍ୟନ୍ତ ଏକ ରଥ ଆକାରର ବିମାନରେ ବିଜେ କରି ପ୍ରତିଦିନ ଦୋଳମଣ୍ଡପ ସାହି ନିକଟସ୍ଥ ଦେବୀ ନାରାୟଣୀଙ୍କ ମନ୍ଦିର(ଆସ୍ଥାନ)କୁ ଯାଇଥାଆନ୍ତି। ଏହି ଆସ୍ଥାନ ଯାତ୍ରାକୁ ଆଶ୍ୱିନ ଗୁଣ୍ଡିଚା, ଶାକ୍ତ ଗୁଣ୍ଡିଚା, ଶରତ ଗୁଣ୍ଡିଚା କୁହାଯାଏ। ସେଠାରେ ପ୍ରତ୍ୟହ କର୍ପୂର ଲାଗି, ଜଳଲାଗି, ତିନିଧୂପ ଓ ବନ୍ଦାପନା ଇତ୍ୟାଦି ନୀତିମାନ ଅନୁଷ୍ଠିତ ହୋଇଥାଏ।

ଦଶହରା ବା ବିଜୟା ଦଶମୀ ଦିନ ଶ୍ରୀଜୀଉଙ୍କର ସକାଳ ଧୂପ ବଢ଼ିବା ପରେ ଭଣ୍ଡାର ଘର ଦ୍ୱାର ଭିତରେ ପୂଜିତ ହେଉଥିବା ବିବିଧ ଆୟୁଧ ଯଥା - ଶ୍ରୀବଳଭଦ୍ରଙ୍କର ହଳ, ମୂଷଳ, ଶ୍ରୀସୁଭଦ୍ରାଙ୍କର ତଡ଼ଗୀ(କର୍ଣ୍ଣ ଅଳଙ୍କାର ବିଶେଷ) ଓ ଶ୍ରୀଜଗନ୍ନାଥଙ୍କର ରୌପ୍ୟ ଶଙ୍ଖ, ସ୍ୱର୍ଣ୍ଣ ଚକ୍ର ସମେତ ଅନ୍ୟାନ୍ୟ ଆୟୁଧମାନ ୬ ଜଣ ମେକାପ ସେବକ ରୂପା ଥାଳିରେ ରଖି ଘଣ୍ଟ, ଛତା, କାହାଳୀ ଓ ବାଜା ପଟୁଆରରେ ତଳିଚ୍ଛୁ ଏବଂ ପ୍ରଧାନୀଙ୍କ ହାତ ମୁଦ ମଧ୍ୟରେ ୩ ଥର ଭିତର ବେଢ଼ା ପରିକ୍ରମା କରି ସିଂହାସନ ନିକଟକୁ ବିଜେ କରନ୍ତି। ଏହାପରେ ଠାକୁରମାନଙ୍କ ଠାରେ ଆୟୁଧ ଲାଗି କରାଯାଏ। ବେଶ ହେବା ପରେ, ଦକ୍ଷିଣ ଘରୁ ରାମ ଓ କୃଷ୍ଣ ଏବଂ ଦୁର୍ଗାମାଧବ ଭିତରକୁ ବିଜେ କଲା ପରେ ତିନି ବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇବା ପରେ ରାମ ଓ କୃଷ୍ଣ ପାଲିଙ୍କିକୁ ଏବଂ ଦୁର୍ଗାମାଧବ ରଥକୁ ବିଜେ କରନ୍ତି । ଏହାପରେ ବିମାନରେ ମଦନ ମୋହନ ବିଜେ ହୋଇ ରଥ, ପାଲିଙ୍କି ଓ ବିମାନ ବିରାଟ ପଟୁଆରରେ 'ମହାଖଳା' (ଶ୍ରୀଜଗନ୍ନାଥବଲ୍ଲଭ ମଠ) ଅଭିମୁଖେ ଯାତ୍ରା କରନ୍ତି। ପୂର୍ବ କାଳରେ ରାଜାଙ୍କ ଶାସନ ସମୟରେ ଖୋର୍ଦ୍ଧା ନିକଟସ୍ଥ ବରୁଣେଇ ଠାକୁରାଣୀଙ୍କ ମନ୍ଦିର ନିକଟରେ ବିଜୟା ଦଶମୀ ଦିନ ରାଜପୁତ୍ର, ମନ୍ତ୍ରୀପୁତ୍ର, କଟୁଆଳ ପୁତ୍ର ଇତ୍ୟାଦିଙ୍କ ମଧ୍ୟରେ ଅସ୍ତ୍ରଶସ୍ତ୍ର ଲଢ଼େଇ ଓ ବିଭିନ୍ନ ପ୍ରତିଯୋଗିତା କରାଯାଉଥିଲା। ସେହି ବିଧି ବିଧାନର ସ୍ମାରକୀ ସ୍ୱରୂପ ଉକ୍ତ ଦିନ ମହାଖଳାଠାରେ ପ୍ରସାଦ ଲାଗି ଶୀତଳ ଭୋଗ ଓ ବନ୍ଦାପନା ହୋଇ ବିମାନ ପାଲିଙ୍କି ଓ ରଥ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତନ କରିଥାଆନ୍ତି।

# ଅନାବିଳ ମାତୃତ୍ୱର ପ୍ରତୀକ : ପୁଅ ଜିଉଁତିଆ

ସାଇପ୍ରସାଦ ସାହୁ
ଗବେଷକ ଓ ସ୍ତମ୍ଭକାର,
ସିନ୍ଧେକେଲା, ବଲାଙ୍ଗୀର
ମୋ : ୯୯୩୭୦୩୪୭୪୨

ପଶ୍ଚିମ ଓଡ଼ିଶାର ପୁଅ ଜିଉଁତିଆ ହେଉଛି ଏକ ସାମାଜିକ , ସାଂସ୍କୃତିକ ଜୀବନର ନିଆରା ପରମ୍ପରା । ଆମର ସାମାଜିକ ପର୍ବପର୍ବାଣୀ ସମାଜର ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସାଧନ କରିଥାଏ । ମାଆ ଏବଂ ପୁଅ ଝିଅଙ୍କ ଅନାବିଳ ସ୍ନେହ ଓ ମମତାର ପ୍ରତୀକ ପୁଅ ଜିଉଁତିଆ ପର୍ବ। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ମୂଳାଷ୍ଟମୀ ବା ପୁଅ ଜିଉଁତିଆ ରୂପେ ପାଳନ କରାଯାଏ । ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ ଓ ମହାନ ପର୍ବ ମାନଙ୍କ ମଧ୍ୟରେ ପୁଅ ଜିଉଁତିଆ ଅନ୍ୟତମ । ମାଆମାନେ ସନ୍ତାନମାନଙ୍କ ଦୀର୍ଘାୟୁ , ନିରାମୟ ଜୀବନ, ଉଜ୍ଜ୍ୱଳ ଭବିଷ୍ୟତ, ସୁଖ ସମୃଦ୍ଧି କାମନା କରି ଏବଂ ବିବାହିତା ନାରୀ , ବନ୍ଧ୍ୟା ଓ ପୁତ୍ରହରା ନାରୀମାନେ ପୁତ୍ରଲାଭ କରିବା ଆଶାରେ ଏହି ଦିନ ଜଳସ୍ପର୍ଶ ନ କରି ନିର୍ଜଳା ଉପବାସ ରହି ଏହି ଓଷାକୁ ପାଳନ କରିଥାନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା 'ପୁଅ ଜିଉଁତିଆ' ନାମରେ ଏକ ମୁଖ୍ୟ ଓଷା ଭାବେ ପାଳିତ ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ 'ଦୁତିଆ / ଦୂତୀଆ ' ବା 'ଦୂତୀ ବାହନ ଓଷା' ନାମରେ ପ୍ରଚଳିତ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ଜଣାଶୁଣା । ଏହି ପର୍ବ ଦୂତୀ ବାହନ ଓଷା ବା ଦୁତିଆ ଓଷା ବା ଜୀମୂତବାହନ ଉପବାସ ନାମରେ ମଧ୍ୟ ଓଡ଼ିଶାର ବେଶ୍ ଖ୍ୟାତ। ଏହି ବ୍ରତର ଉପାସ୍ୟ ଦେବତା ଜିମୂତ ବାହନ । ପ୍ରଚଳିତ ଓଷା କଥା ଅନୁସାରେ ଜିମୂତବାହନ ସୂର୍ଯ୍ୟଙ୍କର ପୁତ୍ର ଏବଂ ଜଣେ ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମ ହୋଇଥିଲେ । କେତେକ ସ୍ଥାନରେ ଭାଇମାନଙ୍କର ଶୁଭମନାସୀ ଭଉଣୀମାନେ ମଧ୍ୟ ଏ ପ୍ରକାର ଓଷା କରୁଥିବାର ଦୃଷ୍ଟାନ୍ତ ରହିଛି । ଦାମ୍ପତ୍ୟ ଜୀବନରେ ପୁତ୍ର ଲାଭ କରିବା ଓ ସେହି ପୁତ୍ରର ମଙ୍ଗଳ କାମନା କରିବା ପାଇଁ ପୁଅ ଜିଉଁତିଆ ଓଷା ପାଳନ କରାଯାଇଥାଏ ବୋଲି ସମସ୍ତଙ୍କର ଅଗାଧ ବିଶ୍ୱାସ । ଜିଉଁତିଆର ପୂର୍ବ ଦିନ ଓଷା କାରିଣୀମାନେ ନଦୀ କିମ୍ବା ପୋଖରୀ ତୁଠକୁ ଭଲ ଭାବରେ ପରିଷ୍କାର କରିଦିଅନ୍ତି । ୧୦୮ ଅକ୍ଷତ ଅରୁଆ ଚାଉଳ, ୧୦୮ ଦୁବ, ନାନାପ୍ରକାରର ଫୁଲ ଓ ଆଖୁ, କଦଳୀ, କନ୍ଦମୂଳ, ନଡ଼ିଆ, ଗଜା ମୁଗ, ବଡ଼ଚଣା, ସୋଲା, ନାରଙ୍ଗ, ପାନ, କାକୁଡ଼ି, କମଳା, ଜହ୍ନି, କଖାରୁ ଆଦି ୨୧ ପ୍ରକାରର ଫଳ ଓ ପରିବା ଆଣିଥାନ୍ତି । ସପ୍ତମୀ ରାତ୍ରିରେ ଚିଲ ଓ ଶିଆଳକୁ ମନେମନେ ସ୍ମରଣକରି ତା' ପରଦିନ ପ୍ରଭାତରୁ ତାଙ୍କୁ ଯାଇ ଭେଟିବାକୁ ହୋଇଥାଏ । ସ୍ନାନ ଶେଷକରି ସେହି ଦିନଯାକ ନିର୍ଜଳା ଉପବାସ କରିବାକୁ ପଡ଼େ । ସନ୍ଧ୍ୟା ସମୟରେ ପୂଜା ସ୍ଥାନକୁ ପବିତ୍ର କରି ସେଠାରେ ଗୋଟିଏ କୋଠି ତିଆରି କରାଯାଏ । ଚାରିପାଖରୁ ମାଟିଖୋଳି ନେଇ ମଝିଟିକୁ ଛାଡ଼ି ଦିଆଯାଏ , ସତେ ଯେମିତି ଚାରିପାଖରେ ପାଣି ରହିଲେ ମଝି ଅଂଶ ଗୋଟିଏ ଦ୍ୱୀପପରି ଜଣାପଡ଼ିବ । ଏହି କୋଠି ଅତି କମରେ ଦୁଇହାତ ଲମ୍ବା ହେବା ଦରକାର । ତା' ମଝିରେ ତୁଳସୀ ଗଛ ଲଗାଯାଏ ଏବଂ କଦଳୀ ଗଛ ପୋତାଯାଏ । ମାଟି ଖୋଳାଯାଇ ଏକ ବିଲ ସଦୃଶ ବେଦୀ ନିର୍ମାଣ କରାଯାଇ ତା' ଉପରେ ବାଲି ପକାଯାଇଥାଏ । ନିର୍ମାଣ ହୋଇଥିବା ବେଦୀର ପୂର୍ବ ପାଖରେ ସୂର୍ଯ୍ୟ ଓ ପଶ୍ଚିମ ପାଖରେ ଏକ କଦଳୀ ଗଛକୁ ସ୍ଥାପନ କରାଯାଇ ସେଠାରେ ଜିମୂତବାହନଙ୍କ ପ୍ରତୀକ ରୂପେ ପୂଜା କରାଯାଇଥାଏ । ଲେଉଟିଆ ଶାଗ ବ୍ୟତୀତ ଅନ୍ୟାନ୍ୟ ପନିପରିବାକୁ ନେଇ ବ୍ୟଞ୍ଜନ ପ୍ରସ୍ତୁତ କରି ଖିରିପିଠା ଇତ୍ୟାଦି ପ୍ରସ୍ତୁତ କରାଯାଏ । ପରେ ସନ୍ଧ୍ୟା ସମୟରେ ସ୍ନାନ କରି ସାରି ଗଙ୍ଗାମାତାଙ୍କୁ ପୂଜା କରାଯିବା ସହ ରାତିରେ ଦୂତୀବାହନଙ୍କୁ ଫଳ ଭୋଗ ଦେଇ ଓଷାର ଉପାଖ୍ୟାନ ଶୁଣିଥା'ନ୍ତି । ପୂଜାରେ ବ୍ୟବହୃତ ଫଳ ନିର୍ଦ୍ଦିଷ୍ଟ ଭାବରେ ଯୋଗାଡ କରିବା ଅତ୍ୟନ୍ତ କଷ୍ଟକର ହୋଇଥିବା ବେଳେ ମଧ୍ୟ ଏହି ଋତୁରେ ସମସ୍ତ ପ୍ରକାରର ଫଳ ମିଳୁଥିବାରୁ ବଜାରରେ ଉପଲବ୍ଧ ଫଳକୁ ପୂଜା ସାମଗ୍ରୀ ଭାବରେ ବ୍ୟବହାର କରାଯାଏ । ଏହି ପର୍ବର ଅନେକ ବିଶେଷତ୍ୱ ରହିଛି । ଅନେକ ସ୍ଥାନରେ ପାଳିତ ଏହି ଓଷାରେ ବ୍ୟବହୃତ ଯୁଇ ଡାଳର ବିଶେଷ ମହତ୍ତ୍ୱ ରହିଛି । ଯଦି କେହି ଅପୁତ୍ରିକ ଥାଆନ୍ତି ତା'ହେଲେ ଯୁଇ ଡାଳ ଆଣି ପୂଜା ସ୍ଥଳୀରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିବାର ଦେଖାଯାଏ। ବିଭିନ୍ନ ବର୍ଣ୍ଣର ମୁରୁଜ କରି ସୂର୍ଯ୍ୟ ଦେବତାଙ୍କର କାଳ୍ପନିକ ଚିତ୍ର ଆଙ୍କି, ଚିଲ ଏବଂ ଶିଆଳକୁ ଉତ୍ତରରେ ରଖି ପଶ୍ଚିମରେ ଦୂତୀବାହନଙ୍କୁ ସ୍ଥାପନ କରାଯାଇ ଥାଏ । ବ୍ରତ ଧାରଣ କରିଥିବା ନାରୀମାନେ ବାଲିରେ ଚିଲ ଏବଂ ଶିଆଳର ଚିତ୍ର ଆଙ୍କି ଅପାମାର୍ଗ କାଠିରେ ଦାନ୍ତ ଘସିଥାନ୍ତି । ସେଦିନ ସମସ୍ତେ ଶୁକ୍ଳବସ୍ତ୍ର ପରିଧାନ କରନ୍ତି । ଏଥିପାଇଁ ଯୋଗାଡ଼ କରିଥିବା ୨୧ପ୍ରକାର ଫଳ ଓ ପରିବାକୁ ଚାଙ୍ଗୁଡ଼ିରେ ଥୋଇ ତା' ଉପରେ ଗୋଟିଏ ନୂଆଲୁଗା ପକାଇ ଆସ୍ଥାନ ପାଖରେ ନେଇ ରଖିଥାନ୍ତି । ତା' ସହିତ କଉଡ଼ି, ଚଉରାଅଶୀଟା ଗୁଆ ସେହି କୋଠି ଭିତରେ ପକାଇବାକୁ ହୁଏ। ଏହି ପ୍ରକାର ବିଧିରେ ଓଷା ଶେଷକରି ଓଷା ଦ୍ରବ୍ୟକୁ ନିଜେ ନଖାଇ ରାତି ନ ପାହୁଣୁ ସ୍ନାନ କରି ବିବିଧ ବ୍ୟଞ୍ଜନ ପ୍ରସ୍ତୁତ ସହ ସମସ୍ତଙ୍କୁ ବାଣ୍ଟି ଦିଆଯାଏ। ପୂଜା ଶେଷକରି ସୂର୍ଯ୍ୟଦେବତାଙ୍କୁ ପ୍ରଣାମକରି ଏକମୁହାଁ ହୋଇ ଘରକୁ ଲେଉଟି ଆସନ୍ତି । ଓଷାର ପରଦିନ ସେମାନେ ନୂଆ ଲୁଗା ପିନ୍ଧି ଘରେ ପୂର୍ଣ୍ଣ କୁମ୍ଭ ବସାଇ ଗୋଟିଏ ସ୍ଥାନକୁ ଗୋବର ପାଣିରେ ଲିପି ପୋଛି ରନ୍ଧାବଢ଼ା କରିଥିବା ଜିନିଷକୁ ସେଇଠାରେ ଥୋଇ ଦିଅନ୍ତି । କୁମ୍ଭ ଆଗରେ ଦୀପ ଜାଳି ପୂଜା ସ୍ଥଳରେ ୧୦୮ ଚାଉଳ ଓ ୧୦୮ ଦୁବ ସହ ଏକ କଷି କାକୁଡ଼ିକୁ ଶାଳପତ୍ରରେ ବାନ୍ଧି ପୁଅମାନଙ୍କୁ ବନ୍ଦାଇଥାନ୍ତି । ଏହା ପରେ ଦୂତୀବାହନଙ୍କୁ ନୈବେଦ୍ୟ ଦିଅନ୍ତି। ସେହି ସାମଗ୍ରୀକୁ ମାଆମାନେ ପୁଅମାନଙ୍କ ଆପାଦମସ୍ତକ ଛୁଆଁଇ ବ୍ରତ ବା ' ଜିଉଁତିଆ 'କୁ ସେମାନଙ୍କ ହାତରେ କବଚ ଭଳି ବାନ୍ଧି ଦେଇଥାନ୍ତି ଓ ବନ୍ଧୁବାନ୍ଧବ ପିଲା ସମସ୍ତଙ୍କୁ ପରଶିଥାନ୍ତି। ଏହି ଓଷା କେବଳ ପୁଅମାନଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ପାଳନ କରାଯାଇଥାଏ ତାହା ନୁହେଁ ; ବରଂ ମାଆ ଓ ପୁଅ ମଧ୍ୟରେ ଥିବା ମଧୁର ସଂପର୍କକୁ ଆହୁରି ସୁଦୃଢ଼ କରିଥାଏ । କୌଣସି ଲୋକ ବିପଦରୁ ରକ୍ଷା ପାଇଲେ ଲୋକମାନେ କହିଥା'ନ୍ତି ; ସତରେ ମାଆ ତୋର ଜିଉଁତିଆ ପୂଜିଥିଲା । ତେଣୁ ରକ୍ଷା ପାଇଗଲୁ । ଚଳିତ ବର୍ଷ ଏହି ଓଷା ସେପ୍ଟେମ୍ବର ୨୪ ତାରିଖରେ ପଡୁଛି । ଭାରତ ବର୍ଷରେ ବାର ମାସରେ ତେର ପର୍ବ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ମହା ନିଷ୍ଠାର ସହ ଏଭଳି ଓଷା ପାଳନରେ ମହିଳାମାନେ ଯେଉଁ ନିଷ୍ଠା ଓ ଧର୍ମ ଆଚରଣ କରିଥାନ୍ତି ତାହା ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ । ପୁଅ ଜିଉଁତିଆ ଓଷା ମଣିଷର ଧର୍ମୀୟ ଅନୁଚିନ୍ତାକୁ ସୁଦୃଢ଼ କରିବା ସହିତ ମାତା ଓ ପୁତ୍ରର ଅନାବିଳ ସ୍ନେହ ମମତାକୁ ଋଦ୍ଧିମନ୍ତ କରିଥାଏ । ଏହି ଓଷା ପଶ୍ଚିମ ଓଡ଼ିଶାରେ ସର୍ବତ୍ର ପାଳିତ ହେବା ସହ ଏହି ଦିନଠାରୁ ପାର୍ବଣ ଋତୁର ଶୁଭାରମ୍ଭ ହୋଇଥାଏ । ଚିତ୍ତଶୁଦ୍ଧି, ଧର୍ମୋପାସନା ଓ ଭାଗବତପ୍ରାପ୍ତି ଦିଗରେ ଏହି ପୁଅ ଜିଉଁତିଆ ଓଷାର ଉପାଦେୟତା ଅପରିହାର୍ଯ୍ୟ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# ମୋହନ ସରକାରଙ୍କ ପ୍ରତି ନିଷ୍ପତ୍ତିରେ ରହିଛି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁବର୍ଣ୍ଣ ସ୍ପର୍ଶ:ମନ୍ତ୍ରୀ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଲୋକଙ୍କ ସରକାର ୧୦୦ ଦିନ ପୂରଣ କରିଛି । ଏହି ୧୦୦ ଦିନ ମଧ୍ୟରେ ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷକରି ଗରିବ, କୃଷକ, ଯୁବକ ଓ ମହିଳାଙ୍କ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ପ୍ରତି ନିଷ୍ପତ୍ତିରେ ରହିଛି ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଏବଂ ନବଜାଗରଣର ସୁବର୍ଣ୍ଣ ସ୍ପର୍ଶ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି । ବଲାଙ୍ଗିରର ପଥରଚେପା ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିବା ସହ ପ୍ରତିଶ୍ରୁତି ଅନୁଯାଇ ନୂଆ ସରକାର ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲିଛନ୍ତି । ଶ୍ରୀମନ୍ଦିର ପାଇଁ ୫ ଶହ କୋଟିର କର୍ପୋସ ଫଣ୍ଡର ବ୍ୟବସ୍ଥା କରିଛନ୍ତି । ସୁଭଦ୍ରା ଯୋଜନା ଆରମ୍ଭ କରି ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ଏଥିପାଇଁ ତିନି ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ପଞ୍ଜିକରଣ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଡାକ୍ତର ଅଭାବ ସମସ୍ୟା ସମାଧାନ ପାଇଁ ବଜେଟ୍‌ରେ ବ୍ୟୟ ବରାଦ୍ ହୋଇଛି । ଚାଷ ଏବଂ ଚାଷୀର ଉନ୍ନତି ପାଇଁ ଧାନର ମୂଲ୍ୟକୁ ୩୧ ଶହ ଟଙ୍କାକୁ ବର୍ଦ୍ଧିତ କରାଯାଇଛି । ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଟଙ୍କା ସିଧା ଚାଷୀଙ୍କ ଖାତାକୁ ଯିବ । ଆଳୁ ମିଶନକୁ ଗତିଶୀଳ କରି ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ଖୋଲାଯିବ । ପିଏମ୍ କିଷାନ ସହ ଏବେ ସିଏମ୍ କିଷାନରେ ଚାଷୀଙ୍କୁ ସହାୟତା ଦିଆଯାଉଛି । ସେହିଭଳି ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ ଲାଗୁ ହେବ । ରାଜ୍ୟର ପ୍ରାୟ ଏକ କୋଟି ପରିବାର ଦେଶର ୨୭ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲ୍‌ରେ ନିଃଶୁଳ୍କ ଚିକିତ୍ସା ପାଇବେ । ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ମଧ୍ୟ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ କରାଯାଉଛି ବୋଲି ମନ୍ତ୍ରୀ ଡ଼ଃ ମହାଲିଙ୍ଗ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇଥିଲେ ।

## ବେଆଇନ୍ ମୋରମ୍ ଚାଲାଣ | ଟ୍ରାକ୍ଟର ଓ ଜେସିବି ଜବତ:୨ ଗିରଫ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଶନିବାର ଦିନ ପାହାନ୍ତିଆ ସମୟରେ ସ୍ଥାନୀୟ ଥାନା ଇଲାକା ତଥା ଗଞ୍ଜାମ ତହସିଲ ଅଞ୍ଚଳ ପରିସରଭୁକ୍ତ ଗଡ଼ ହୁମ୍ପା ଜଙ୍ଗଲରୁ ବେଆଇନ୍ ମୋରମ୍ ଚାଲାଣ ଦୈନିକ ଟ୍ରାକ୍ଟର ଯୋଗେ ହୋଇଥିବା ଅଭିଯୋଗ ହେଉଛି । ତତ୍‌ସହିତ ବିନା ଟେଣ୍ଡର ଚାଲିଛି ଦିବାରାତ୍ର ମୋରମ ଚାଲାଣ । ସରକାର ହରାଇଛନ୍ତି କୋଟି କୋଟି ଟଙ୍କାର ରାଜସ୍ୱ । ସରକାରୀ ବାବୁ ଓ ନିର୍ବାଚିତ ପ୍ରତିନିଧିଙ୍କୁ କୁଆଡେ ହାତ ଗୁଞ୍ଜା ଦେଇ ମୋରମ କରାଯାଉଛି ଚୋରା ଚାଲାଣ । ଆଉ ନିଜ ମନ ଇଚ୍ଛା ନଦୀବନ୍ଧ, ଜଙ୍ଗଲରୁ କାଟି, ଟ୍ରାକ୍ଟର ଓ ଜେସିବି ସାହାଯ୍ୟରେ ମୋରମ ଚୋରା ଚାଲାଣ କରୁଛନ୍ତି ମାଫିଆ । ଅଭିଯୋଗ ବିଭିନ୍ନ





ସ୍ଥାନରୁ ଭିନ୍ନ ଭିନ୍ନ ସମୟରେ ରମ୍ଭା ଥାନାକୁ ଆସୁଥିବା ବେଳେ ଶନିବାର ପାହାନ୍ତିଆ ସମୟରେ କୌଣସି ସୂତ୍ରରୁ ଖବର ପାଇ ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ ସଦଳବଳେ ପାହାନ୍ତିଆ ସମୟରେ ଗଡ଼ ହୁମ୍ପା ଜଙ୍ଗଲରୁ ଦୁଇ ଗୋଟି ଟ୍ରାକ୍ଟର ସହ ଏକ ଜେସିବି ଜବତ କରାଯାଇଛି । ତତ୍‌ସହିତ ଜେସିବି ମାଲିକଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଫରୱାର୍ଡ ହୋଇଥିବା ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ ପ୍ରକାଶ କରିଛନ୍ତି । ରମ୍ଭା ଥାନା କେଶ୍ ନଂ ୫୪୯/୨୪ ୟୁ/ଏସ୍-୩୦୩(୨)/ ୩(୫) ବି.ଏନ.ଏସ୍.ରେ ମୋକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି । ତେବେ ଏହି ଘଟଣା ନେଇ ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ନେଇଛି ଓ ମୋରମ ଚୋରି ଚାଲାଣ ରୋକିବାରେ କେତେ ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ ପଦକ୍ଷେପ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଅସ୍ମିତା ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ସକାଶେ ସାଧାରଣ ଜନତାକୁ ସଚେତନ କରିବା ପାଇଁ ଚଳିତ ମାସ ୧୭ ତାରିଖରୁ କୋଶଳ ଅସ୍ମିତା ରଥ ଯାତ୍ରା ଆରମ୍ଭ ହୋଇ ସାରା ପଶ୍ଚିମ ଓଡ଼ିଶା ପରିକ୍ରମା କରି ସୁବର୍ଣ୍ଣପୁରରେ ଏହା ଉଦ୍‌ଯାପିତ ହୋଇଛି ଓ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପାଟଣାଗଡର କୋଶଳେଶ୍ୱର ମନ୍ଦିରରେ ପ୍ରାରମ୍ଭିକ ପୂଜା ଅର୍ଚ୍ଚନା ପରେ ଏହି ଯାତ୍ରା ଶୁଭାରମ୍ଭ ହୋଇଥିଲା ଓ ପରେ ପରେ ବଲାଙ୍ଗିର, କଳାହାଣ୍ଡି, ନୂଆପଡା, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ବୌଦ୍ଧ ତଥା ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଶେଷରେ ସୁବର୍ଣ୍ଣପୁର ଜିଲ୍ଲାର ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ପୀଠରେ ଏହାର ଉଦ୍‌ଯାପନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ଓ ଏହି କୋଶଳ ଅସ୍ମିତା ରଥ କୋଶଳ ସାହିତ୍ୟ ସଂସ୍କୃତି ଏକଡେମୀ ଓ କୋଶଳ ହେରିଟେଜ୍ ଟ୍ରଷ୍ଟ ତରଫରୁ ଆୟୋଜିତ ହୋଇଥିଲା । ଏଥିରେ ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଏକାଡେମୀର ଯୁଗ୍ମ ସମ୍ପାଦକ ଶିକ୍ଷାବିଦ୍ ବ୍ରଜମୋହନ ଦାନୀ, ସୁବର୍ଣ୍ଣପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଡ. ଜ୍ୟୋତି ରଂଜନ ବହିଦାର, ଡ. ସନ୍ତୋଷ କୁମାର ପାଢୀ, ଡ. ଦେବାଶିଷ ପାଣ୍ଡିଆ, କବି ଆର୍ତ୍ତତ୍ରାଣ ବାବୁ, ସମାଜସେବୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ନାରୀ ନେତ୍ରୀ ସୋନାଲୀ ବିଶି, ଏକାଡେମୀର ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ଭୂୟାଁ, ଯୁଗ୍ମ ସଂପାଦକ ଡ. ସାଂକେତ ଶ୍ରୀଭୂଷଣ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୋଶଳ ଅସ୍ମିତା ରଥର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ଜନତାଙ୍କ ଦୁର୍ଦ୍ଦଶା ବଢୁଛି

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ଜନିତ ବର୍ଷା, ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍ ପାଣି ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ୩ ବ୍ଲକର ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଜିଲ୍ଲା ଜରୁରୀକାଳୀନ ବିଭାଗ ସୂଚନା ଅନୁସାରେ, ବନ୍ୟାରେ ସୁବର୍ଣ୍ଣରେଖାର ଜଳସ୍ତର ଦୁଇ ଦିନ ପୂର୍ବରୁ ବିପଦ ସଙ୍କେତ (୧୦.୩୬) ମିଟର ଉପରେ ସର୍ବାଧିକ ୧୧୬୨ ମିଟରରେ ପ୍ରବାହିତ ହେଉଥିଲା । ଗୁରୁବାର ରାତି ୭ଟା ସୁଦ୍ଧା ଏହା ୧୦.୫୨ ମିଟରକୁ ଖସିଥିଲେ ମଧ୍ୟ ପାଣି ଘେରରେ ଥିବା ଅଞ୍ଚଳର ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଚାଲିଛନ୍ତି । ବନ୍ୟା ପ୍ଲାବିତ ଅଞ୍ଚଳରୁ ପାଣି ଛାଡ଼ିନାହିଁ । ବନ୍ଧବାଡ଼ ଡେଇଁ ଗାଁ ଗଣ୍ଡା ଓ ଚାଷ ଜମିରେ ପଶିଥିବା ପାଣି ଏବେ ଆଉ ନଦୀକୁ ଫେରୁ ନାହିଁ । ନାଳ ଓ ଗାଁ' ସରକାରୀ ଜମି ଲୋକଙ୍କ ଜବରଦଖଲରେ ରହିବା ଫଳରେ ସବୁଆଡ଼େ ବନ୍ଧ ପଡ଼ିଛି । ସେହିଭଳି ବିଭିନ୍ନ ଅଞ୍ଚଳରେ



ଚିଙ୍ଗୁଡ଼ି ଓ ମତ୍ସ୍ୟ ଚାଷୀ ନାଳଗୁଡ଼ିକୁ ବନ୍ଦ ସହ ଘେରି କରିଦେଇଛନ୍ତି । ଗାଁ'ରେ ପ୍ରବେଶ କରିଥିବା ବନ୍ୟାଜଳ ଏବେ ମଧ୍ୟ ସେହିଭଳି ରହିଛି । କ୍ଷେତ୍ର ତଦନ୍ତ ସହ ସ୍ଥାନେ ସ୍ଥାନେ ଯଦି ବନ୍ଧ କଟାନଯାଏ, ତାହାଲେ ବନ୍ୟାଜଳ ନିଷ୍କାସନ ହେବାକୁ ଦୀର୍ଘଦିନ ଲାଗିଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ପ୍ରଶାସନ ରିପୋର୍ଟ ଅନୁସାରେ ସୁବର୍ଣ୍ଣରେଖା, ଜଳକା ଓ ବୁଢ଼ାବଳଙ୍ଗ ନଦୀ ବନ୍ୟାରେ ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତା, ରେମୁଣା ଓ ସଦର ପ୍ରଭୃତି ବ୍ଲକର ୪୨ଟି ପଞ୍ଚାୟତର ୧୪୧ଟି ଗ୍ରାମ ପ୍ରଭାବିତ ହୋଇଛି । ବାସ୍ତବରେ ୪ ଶହରୁ ଅଧିକ ଗ୍ରାମ ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଇଛି । ୫୧ଟି କେନ୍ଦ୍ରରେ ୧୯୦୨୩ ଜଣଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଥିବାବେଳେ ଅଦ୍ୟାବଧି ୩୯୩ କ୍ୱିଣ୍ଟାଲ ଚୁଡ଼ା, ୫୪୫ କ୍ୱିଣ୍ଟାଲ ଗୁଡ଼ ଓ ୧୧୭ ରୋଲ ପଲିଥିନ୍ ବଣ୍ଟନ କରାଯାଇଛି । ବନ୍ୟାରେ ୧୩୦ଟି ଘର ନଷ୍ଟ ହୋଇଥିବାବେଳେ କେହି ମୃତାହତ ହୋଇନାହାନ୍ତି । ଆଂଶିକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘରକୁ ମିଶାଇଲେ ଏହି ସଂଖ୍ୟା ୨୫୦ ଟପିଯିବ ବୋଲି ଅଞ୍ଚଳବାସୀ କହିଛନ୍ତି । ଏହି ୫ ବ୍ଲକରେ ୧୯,୫୭୯ ହେକ୍ଟର ଜମିର ଫସଲ କ୍ଷତି ହୋଇଥିବା ଜିଲ୍ଲା କୃଷି ବିଭାଗର ରିପୋର୍ଟ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । କେବଳ ସୁବର୍ଣ୍ଣରେଖା ବନ୍ୟାରେ ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକ ଅଞ୍ଚଳରେ ୨୦ ହଜାର ହେକ୍ଟରରୁ ଅଧିକ ଜମିର ଚାଷ ପାଣିରେ ବୁଡ଼ି ରହିଥିବା ବେଳେ ବସ୍ତା, ରେମୁଣା ଓ ସଦରକୁ ମିଶାଇଲେ ଏହି ପରିମାଣ ୩୦ ହଜାର ହେକ୍ଟର ଅତିକ୍ରମ କରିବ ବୋଲି କୁହାଯାଉଛି ବିଭାଗ ପକ୍ଷରୁ ୫ ବ୍ଲକରେ ମାତ୍ର ୧୯,୫୭୯ ହେକ୍ଟର ଜମିର ଚାଷ କ୍ଷତି ଆକଳନ ରିପୋର୍ଟର ବାସ୍ତବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କୋଦଳା ଏନ୍‌ଏସିରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**କୋଦଳା, ନ୍ୟୁଜ୍ ବ୍ୟୁରୋ**

ସମାଜକୁ ସ୍ୱଚ୍ଛ ରଖିବା ଯେତିକି ଜରୁରୀ, ନିଜକୁ ସ୍ୱଚ୍ଛ ଆଉ ନିରୋଗ ରଖିବା ମଧ୍ୟ ସେତିକି ଜରୁରୀ । ଏହାକୁ ନେଇ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ କଲ୍ୟାଣମଣ୍ଡପ ଠାରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ କାର୍ଯ୍ୟାଳୟ କନିଷ୍ଠ ସ୍ୱଚ୍ଛତା ଏକ୍ସପୋର୍ଟ ଚନ୍ଦ୍ରକାନ୍ତ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୋଦଳା ଏନ୍‌ଏସିର ସମସ୍ତ ପରିମଳ କର୍ମଚାରୀ, ପରିମଳ ସାଥି, ସ୍ୱଚ୍ଛସାଥି, ସ୍ୱଚ୍ଛକର୍ମୀ, ସୁପରଭାଇଜର ମାନଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ କୋଦଳା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ସମେତ ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଯୋଗଦେଇଥିବା ବେଳେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡକ୍ଟର ଆଦିତ୍ୟ ପ୍ରସାଦ ସାହୁ ଓ ମେଡିକାଲ୍ କର୍ମଚାରୀ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ।

## ବର୍ଷା ଓ ବନ୍ୟାରେ ୪ ଜିଲ୍ଲାର ୩୯ ହଜାର ଲୋକ ପ୍ରଭାବିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ଧରି ଉତ୍ତର ଓଡ଼ିଶାର ତିନି ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ହୋଇଥିବା ଲଗାଣ ବର୍ଷା ଏବଂ ଏହାଜନିତ ବିଭିନ୍ନ ନଦୀରେ ଆସିଥିବା ବନ୍ୟାରେ ୩୯୦୦୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ୪ଟି ଜିଲ୍ଲାରେ ମୋଟ ୩୩ଟି ବ୍ଲକର ୨୬୩ଟି ଗାଁ, ୨ଟି ପୌରାଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ୪୯୯ଟି ଘର ଭାଙ୍ଗିଥିବା ଜିଲ୍ଲାପାଳମାନେ ରିପୋର୍ଟ ଦେଇଥିବା ସ୍ୱତନ୍ତ୍ର ରିଲିଫ କମିସନରଙ୍କ ପକ୍ଷରୁ କୁହାଯାଇଛି । ଏସ୍‌ଆର୍‌ସିଙ୍କ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ନଦୀ ବିପଦସଂକେତ ଉପରେ ପ୍ରବାହିତ ହେଉଥିଲେ ହେଁ ଏବେ ଜଳସ୍ତର କମୁଛି । ସେହିପରି ଜଳକା ନଦୀରେ ଜଳସ୍ତର ବିପଦସଂକେତ ଉପରେ ନାହିଁ, ଏଠାରେ ବି ଜଳସ୍ତର ହ୍ରାସ ପାଉଥିବାରୁ ଖୁବ୍ ଶୀଘ୍ର ବନ୍ୟା ପରିସ୍ଥିତି ଉପରେ ନିୟନ୍ତ୍ରଣ ଆସିବ । ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକର ୧୪୧ଟି ଗାଁର ସର୍ବାଧିକ ୩୫୬୫୪ ଲୋକ ପ୍ରଭାବିତ ହୋଇଛନ୍ତି । ଏଠାରେ ୧୩୦ଟି ଘର ଭାଙ୍ଗିଛି । ମୟୂରଭଞ୍ଜ ଜିଲ୍ଲାରେ ୨୨ଟି ବ୍ଲକରେ ୧୦୧ଟି ଗାଁ ଓ ଗୋଟିଏ ସହରାଞ୍ଚଳର ୨୦୩୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ଏଠାରେ ୩୩୪ଟି ଘର ଭାଙ୍ଗିଛି । କେନ୍ଦୁଝର ଜିଲ୍ଲାରେ ୫ଟି ବ୍ଲକର ୨୨ଟି ଗାଁର ୧୧୬୦ ଜଣ ପ୍ରଭାବିତ ହୋଇଥିଲା ବେଳେ ୩୫ଟି ଘର କ୍ଷତିଗ୍ରସ୍ତ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ବ୍ଲକ ଏବଂ ଗୋଟିଏ ପୌରାଞ୍ଚଳରେ ୧୫୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ବର୍ଷା ଓ ବନ୍ୟା ପରିସ୍ଥିତିରୁ ମୋଟ ୨୨,୬୭୯ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଏଥିରେ ବାଲେଶ୍ୱର ଜିଲ୍ଲାର ୨୧୦୭୬ ଜଣ, ମୟୂରଭଞ୍ଜର ୧୬୦୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଥିଲା । ବାଲେଶ୍ୱରରେ ୫୧ଟି ଓ ମୟୂରଭଞ୍ଜ ଜିଲ୍ଲାରେ ୪ଟି ରିଲିଫ କେନ୍ଦ୍ରରେ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି । ଲୋକଙ୍କୁ ଉଦ୍ଧାର କରିବା ପାଇଁ ବାଲେଶ୍ୱର ଓ ମୟୂରଭଞ୍ଜରେ ୯ଟି ଓଡ୍ରାଫ୍ ଟିମ୍, ୨୬ଟି ଅଗ୍ନିଶମ ସେବା ବାହିନୀ ଏବଂ ବାଲେଶ୍ୱର ଓ ଭଦ୍ରକରେ ୨ଟି ଏନ୍‌ଆର୍‌ଏଫ୍ ଟିମ୍ ମୁତୟନ ହୋଇଛନ୍ତି । ଅପରପକ୍ଷେ ଏହି ୪ଟି ଜିଲ୍ଲାରେ କେତେ ଫସଲ ନଷ୍ଟ ହୋଇଛି, କେତେ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି । ସେନେଇ ଏସ୍‌ଆର୍‌ସିଙ୍କ ପକ୍ଷରୁ କିଛି ସୂଚନା ଦିଆଯାଇନି ।

## ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ନେଇ ଉଦ୍‌ବେଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପରିଷଦର ପଞ୍ଚାୟତଭବନ ସମ୍ମିଳନୀ କକ୍ଷରେ ଚଳିତ ୨୦୨୪-୨୫ ବର୍ଷ ପାଇଁ ପ୍ରଥମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ ସଭା ପରିଚାଳନା କରିଥିଲେ । ବୈଠକ ପ୍ରାରମ୍ଭରେ ପୂର୍ବବୈଠକ ବିବରଣୀ ଉପରେ ଆଲୋଚନା ହୋଇ ପ୍ରସ୍ତାବ ଦୃଢୀକରଣ କରାଯାଇଥିଲା । ଜିଲ୍ଲାରେ ଶିକ୍ଷା ବିଭାଗ ଦ୍ୱାରା ନୂତନ ଭାବେ ଚୟନ କରାଯାଇଥିବା ୬୫ ଜଣ କନିଷ୍ଠ ଶିକ୍ଷକ ନିଯୁକ୍ତି ଉପରେ ଆଲୋଚନା



**ପ୍ରଥମ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ**

କରାଯାଇ ଖାଲିଥିବା ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ନିମନ୍ତେ ଅନୁମୋଦନ କରାଯାଇଥିଲା । ବିଭାଗୀୟ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଖାଲିଥିବା ବିଜ୍ଞାନ ଓ ଗଣିତ ଶିକ୍ଷକ ପଦବୀ ପୂରଣ କରିବା ସହିତ ଗ୍ରେଡ-୫(ଖ)କୁ ଯୋଗ୍ୟ ଶିକ୍ଷକଙ୍କୁ ପଦୋନ୍ନତି ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ମରାମତି ଅଭାବରୁ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ଆସିଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଡିଓମାନଙ୍କୁ ସ୍ଥିତି ଅନୁଧ୍ୟାନ କରି ଗଚ୍ଛିତ ମଞ୍ଜୁର ଅର୍ଥରାଶିରେ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ମେଗା ପାନୀୟଜଳ ପ୍ରକଳ୍ପ ମନ୍ଥର ଗତିରେ ଚାଲୁଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ୨୦୨୫ ମାର୍ଚ୍ଚ ସୁଦ୍ଧା ସମସ୍ତ ଚିହ୍ନିତ ଗ୍ରାମର ଗୃହମାନଙ୍କୁ ନଳ ଯୋଗେ ଜଳ ଯୋଗାଇ ଦେବାର ଲକ୍ଷ୍ୟ ଥିବାରୁ ମାତ୍ର ଗତ ୫ ବର୍ଷରେ ୬୦ ଭାଗ ଅଗ୍ରଗତି ହୋଇଥିବା ବିଭାଗୀୟ ନିର୍ବାହୀଯନ୍ତ୍ରୀ ପ୍ରକାଶ କରିଥିଲେ । ଜଳଛାୟା ପ୍ରକଳ୍ପରେ କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ନଥିବା ଅଭିଯୋଗ ଆସିଥିଲା । କେଉଟିପାଲି ଠାରେ ଅଦ୍ୟାବଧି ଶ୍ରମିକ ମଜୁରୀ ପାଇନଥିବା ୧ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ଅଭିଯୋଗ କରିଥିଲେ । ଜାତୀୟ ରାଜପଥ ବିଭାଗ ଓ ପୂର୍ତ୍ତବିଭାଗ ଜିଲ୍ଲାରେ ଥିବା ସମସ୍ତ ଇକୋ ଟୁରିଜିମ୍ କ୍ଷେତ୍ରର ସନ୍ନିକଟ ରାସ୍ତାରେ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟରେ ବିଶୃଙ୍ଖଳା ଏବଂ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତାରାଶି ବାଟମାରଣା ହେଉଥିବା ଅଭିଯୋଗ ଆସିଥିଲା । ନିର୍ବାଚିତ ପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷାକରି ଓ ସ୍ୱଚ୍ଛତା ଅବଲମ୍ବନରେ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେତେକ ରାସ୍ତା ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇ କାର୍ଯ୍ୟ ହାତକୁ ନେବାକୁ ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସଠିକ୍ ଜନସଂଖ୍ୟା ଆଧାରରେ ରାସ୍ତାଗୁଡିକ ହାତକୁ ନେବାକୁ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ରାଜଧାନୀରେ ଏମିତି ଚାଲିଛି ୫-ଟି ହାଇସ୍କୁଲ୍

# ଶିକ୍ଷୟିତ୍ରୀ ସାଜିଛନ୍ତି ୪ର୍ଥ ଶ୍ରେଣୀ କର୍ମଚାରୀ

**ଚନ୍ଦ୍ରଶେଖରପୁର, ନ୍ୟୁଜ୍ ବ୍ୟୁରୋ**

ଦୁଇଟି ଶ୍ରେଣୀରେ ୧୩୦ରୁ ଅଧିକ ପିଲା ମାତ୍ର ପଢ଼ାଇବାକୁ ୨ ଜଣ ଶିକ୍ଷୟିତ୍ରୀ । ଯଦି କୌଣସି ଦିନ ଜଣେ ବି ଅନୁପସ୍ଥିତ ରହୁଛନ୍ତି ତାହା ହେଲେ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ । ଅଧା ପିଲାଙ୍କ କ୍ଲାସ୍ ବନ୍ଦ୍ । କ୍ଲାସ୍ ସମୟରେ ପିଲାମାନେ ବାହାରେ ବୁଲୁଛନ୍ତି । କେବଳ ଯେ କ୍ଲାସ୍ ବନ୍ଦ ହେଉଛି ତାହା ନୁହେଁ, ପିଲାଙ୍କର କୌଣସି ପ୍ରକାର ଅଣଶୈକ୍ଷିକ କାର୍ଯ୍ୟକ୍ରମ ହୋଇପାରୁନାହିଁ । ଖେଳପଡ଼ିଆ ଥିଲେ ମଧ୍ୟ ପିଇଟି ନଥିବାରୁ ଛାତ୍ରଛାତ୍ରୀ ତାଲିମ୍ ନେବାରୁ ବଞ୍ଚିତ ହେଉଛନ୍ତି । ଲାଇବ୍ରେରୀରେ ଆବଶ୍ୟକ ବହିନଥିବାରୁ ପିଲାମାନେ ପଢ଼ିପାରୁନାହାନ୍ତି । ଇ-ଲାଇବ୍ରେରୀ ହୋଇଛି ମାତ୍ର ସେଠାରେ ଆଜି ପର୍ଯ୍ୟନ୍ତ କମ୍ପ୍ୟୁଟରଟେ ଲାଗିପାରିନାହିଁ । ଲାବରେଟୋରି ରହିଥିଲେ ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ନାହିଁ କି ତାଲିମ ଦେବାକୁ କେହିନାହାନ୍ତି । ଲୋକସେବା ଭବନ ଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଥିବା ପ୍ରଶାନ୍ତବିହାର ବିଜୁ ପଟ୍ଟନାୟକ ମେମୋରିଆଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଅବସ୍ଥା ଏମିତି । ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗିରହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କର ଏଥିପ୍ରତି ଦୃଷ୍ଟି ପଡୁନାହିଁ । ୨୦୦୮ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟକୁ ପୂର୍ବ ସରକାର ସମୟରେ ୫ଟି ଅଧିନରେ ନୂଆ ରୂପ ଦିଆଯାଇଛି । ପ୍ରତିଷ୍ଠା ହେବା ସମୟରେ ନିଜସ୍ୱ ଗୃହ ନଥିବାରୁ ପ୍ରାଥମିକ ବିଦ୍ୟାଳୟର ଗୋଟିଏ କୋଠରୀରେ ଉଭୟ ଶ୍ରେଣୀ ପିଲାମାନଙ୍କ ପାଠପଢ଼ା ଚାଲୁଥିଲା । ଅଭିଭାବକ ଓ ଆଞ୍ଚଳବାସୀଙ୍କ ଦାବି ପରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ କୋଠା ନିର୍ମାଣ କରାଗଲା ସେଠାରେ ୩ଟି କ୍ଲାସ୍‌ରୁମ୍ ସହ ଇ-ଲାଇବ୍ରେରୀ, ଲାବରେଟୋରି ପାଇଁ ସ୍ୱତନ୍ତ୍ର ଘର ମଧ୍ୟ ରହିଲା ହେଲେ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି କରାଗଲାନାହିଁ । ପରିଣାମ ସ୍ୱରୂପ ଏବେ ବିଦ୍ୟାଳୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଦୁଇ ଜଣ ଯାକ ଶିକ୍ଷୟିତ୍ରୀ ଡେପୁଟେସନ୍‌ରେ ଏଠାରେ ନିୟୋଜିତ ହୋଇଛନ୍ତି । ଦୁଇଜଣ ଶିକ୍ଷକଙ୍କୁ ତିନି ଦିନିଆ ଡେପ୍ଲୋଏମେଣ୍ଟ କରାଯାଇଥିଲେ ମଧ୍ୟ ସେମାନେ ନିୟମିତ ଭାବେ ଆସୁନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବହୁ ପରିମାଣରେ ପ୍ରଭାବିତ ହୋଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ପୂର୍ବ ସରକାର ସମୟରେ ବିଦ୍ୟାଳୟ ଅବସ୍ଥା ଯେମିତି ଥିଲା ଏବେ ମଧ୍ୟ ସେଭଳି ଚାଲିଛି । ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ତିନି ଜଣରେ ପାଠପଢ଼ା ହେଉଛି । ଗଣଶିକ୍ଷା ବିଭାଗରେ ଅଧିକାରୀମାନେ ଚୁପ୍ ବସିଛନ୍ତି । ଓଡ଼ିଶାରେ ନୂଆ ସରକାର କ୍ଷମତାକୁ ଆସିବାର ୧୦୦ ଦିନ ହୋଇଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟ କଥା କେହି ବି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ଅଭିଭାବକମାନେ ଇତିମଧ୍ୟରେ ଦୁଇଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ତା'ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଦି ଆସନ୍ତା ସପ୍ତାହକ ମଧ୍ୟରେ ବିଦ୍ୟାଳୟକୁ ନୂତନ ଶିକ୍ଷକ ଦିଆନଯାଏ ତାହା ହେଲେ ବିଦ୍ୟାଳୟରେ ସବୁଦିନ ପାଇଁ ତାଲା ପକାଯାଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।



## ଅଳକା ଆଶ୍ରମରେ ଆୟୋଜିତ ହେବ ଗାନ୍ଧୀନୀତି ଉପରେ ପ୍ରଥମ ଜାତୀୟ ସମ୍ମାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଦେଶ ପାଇଁ ତ୍ୟାଗ, ତିତିକ୍ଷା ଓ ସମର୍ପଣର ଅବିସ୍ମରଣୀୟ ପ୍ରତୀକ ମା' ରମା ଦେବୀଙ୍କ ୧୨୫ ତମ ଜୟନ୍ତୀ ଅବସରରେ ତାଙ୍କ ଜୀବନର ଆଦ୍ୟ କର୍ମଭୂମି, ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ 'ଅଳକା ଆଶ୍ରମ' ଆନୁକୂଲ୍ୟରେ ଆୟୋଜିତ ହେବ ଗାନ୍ଧୀନୀତି ଉପରେ ଆଧାରିତ ପ୍ରଥମ ଜାତୀୟ ସମ୍ମାନ । ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆସନ୍ତା ଡିସେମ୍ବର ୩ ଏବଂ ୪ ତାରିଖରେ ଆୟୋଜିତ ହେବାକୁ ଯାଉଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ରାଜ୍ୟ, ଦେଶ ତଥା ଦେଶ ବାହାରେ ରହୁଥିବା ବିଶିଷ୍ଟ ବ୍ୟକ୍ତିତ୍ୱ, ଗବେଷକ, ଗାନ୍ଧୀ ଅନୁଗାମୀ, ଛାତ୍ରଛାତ୍ରୀ, ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଯୋଗଦେଇ ଗାନ୍ଧୀ ଦର୍ଶନ ସାମ୍ପ୍ରତିକ ସମୟରେ ସମାଜକୁ ସମୃଦ୍ଧ ଓ ସଶକ୍ତ କରିବାରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିବ ଶୀର୍ଷକରେ ନିଜର ବୌଦ୍ଧିକ ଦୃଷ୍ଟି ଭଙ୍ଗୀ ରଖିବେ । ଅଳକା ଆଶ୍ରମ ପରିସରରେ ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ସଂଯୋଜକ, ସଦସ୍ୟ ଓ ଉପଦେଷ୍ଟା ମଣ୍ଡଳୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ରୂପରେଖ ଉପରେ ବିଶେଷ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାର ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ନେତୃ ବର୍ଗ, ଜାତୀୟ ସ୍ତରରର ବିଭିନ୍ନ ଅନୁଷ୍ଠାନର ମୁଖ୍ୟ, ସମସ୍ତ ଗାନ୍ଧୀବାଦୀ ଅନୁଷ୍ଠାନ, ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟର ପ୍ରମୁଖ ମାନଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି ।

## ଗୁଜରାଟ ଫେରନ୍ତା ଓଡ଼ିଆ ଯୁବକଙ୍କୁ ଅପହରଣ କରି ନିଷ୍ଠୁର ମାଡ଼

**ରାଜନଗର, ନ୍ୟୁଜ୍ ବ୍ୟୁରୋ**

ଗୁଜୁରାଟରୁ ନିଜ ଗାଁ ରାଜନଗରକୁ ଫେରୁଥିବା ଜଣେ ଯୁବକ ଟ୍ରେନ୍‌ରେ ଅପହରଣର ଶିକାର ହୋଇଥିବା ବେଳେ ସୌଭାଗ୍ୟକ୍ରମେ ସେମାନଙ୍କ କବଳରୁ ଖସି ଆସିଛନ୍ତି । କିନ୍ତୁ ୩ ଦିନ କାଳ ଅପହରଣକାରୀ ତାଙ୍କୁ ଏକ ଘରେ ରଖି ନିର୍ଯାତନା ଦେବା ସହିତ ନିର୍ମମ ଭାବେ ମାଡ଼ ମାରିଥିବା ଯୁବକ ଜଣକ ଅଭିଯୋଗ କରିଛନ୍ତି । ତାଙ୍କ ପରିବାର ଲୋକଙ୍କ ଠାରୁ ଟଙ୍କା ନେବାକୁ ଅପହରଣକାରୀ ଉଦ୍ୟମ କରିଥିଲେ ବି ସେଥିରେ ସଫଳ ହୋଇପାରିନାହାନ୍ତି । ଯୁବକଙ୍କ ଦେହସାରା ମାତୃ ଦାଗ ରହିଥିବା ବେଳେ ସେ ଏବେ ଠିକ୍‌ରେ ଚାଲି ପାରୁନାହାନ୍ତି । ସୂଚନା ଅନୁଯାୟୀ, ରାଜନଗର ଘଡ଼ିଆମାଳ ପଞ୍ଚାୟତ ବଳରାମପୁର ଗାଁର କୃପାସିନ୍ଧୁ ବେହେରାଙ୍କ ପୁଅ କମଳାକାନ୍ତ (୩୨) ଚାରି ମାସ ତଳେ ଗୁଜୁରାଟର ଏକ ପ୍ଲାଏଉଡ କାରଖାନାରେ କାମ କରିବାକୁ ଯାଇଥିଲେ । ସେ ଗଲା ୧୨ ତାରିଖରେ ଗୁଜୁରାଟ୍‌ରୁ ଭାଲସାଦ୍-ପୁରୀ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଆସୁଥିଲେ । ୧୪ ତାରିଖ ସକାଳେ ପ୍ଲାଟ୍‌ଫର୍ମରେ ଚାଲୁଥିବା ସମୟରେ ଘରକୁ ଭିଡିଓ କଲ୍ କରି ପତ୍ନୀଙ୍କ ସହିତ କଥା ହୋଇଥିଲେ । କିନ୍ତୁ ତା'ପରଠୁ କମଳାକାନ୍ତଙ୍କ ଫୋନ୍ ସୁଇଚ୍ ଅଫ୍ ଦେଖାଇଥିଲା । ପରେ ୭୭୩୫୭୬୬୨୨୮ ଫୋନ୍ ନମ୍ବରରୁ ତାଙ୍କ ସମ୍ପର୍କୀୟ ଭାଇ ଦୋଳଗୋବିନ୍ଦ ବେହେରାଙ୍କ ନିକଟକୁ ଫୋନ୍ ଆସିଥିଲା । ୧୫ ହଜାର ଟଙ୍କା ଦେଲେ କମଳାକାନ୍ତଙ୍କୁ ଛଡ଼ାଯିବ ବୋଲି ସଂପୃକ୍ତ ବ୍ୟକ୍ତି କହିଥିଲେ । ଏ ସମ୍ପର୍କରେ ପୋଲିସକୁ ସୂଚନା ଦିଆଯିବା ପରେ ପୋଲିସ ନମ୍ବରଟିକୁ ଟ୍ରାକ୍ କରିଥିଲା । ଏହା କେରଳର ଓ ପ୍ରଶାନ୍ତ ବେହେରାଙ୍କ ନାମରେ ଥିବା ପୋଲିସ ଜାଣିବାକୁ ପାଇଥିଲା । ମାତ୍ର ସକାଳେ କମଳାକାନ୍ତ ତାଙ୍କ ପତ୍ନୀଙ୍କ ନିକଟକୁ ଏକ ନମ୍ବରରୁ ଫୋନ୍ କରି ଝାରସୁଗୁଡାରୁ ଭୁବନେଶ୍ୱର ଯାଉଥିବା ସୂଚନା ଦେଇଥିଲେ । ପରିବାର ଲୋକେ ଗାଡ଼ି ନେଇ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ପହଞ୍ଚିଥିଲେ । ରାତି ପ୍ରାୟ ୮ଟାରେ ଟ୍ରେନ୍‌ରୁ କମଳାକାନ୍ତ ଓହ୍ଲାଇଥିଲେ ହେଁ ସେ ଚାଲି ପାରୁନଥିଲେ । ତାଙ୍କ ଦେହ ସାରା ଚାବୁକ୍ ମାଡ଼ର ଦାଗ ରହିଛି । ସେ କହିବା ଅନୁଯାୟୀ, ୧୪ ତାରିଖରେ ସେ ଷ୍ଟେସନ୍‌ରୁ ଆସୁଥିବା ବେଳେ ଜଣେ ଯୁବକ ତାଙ୍କୁ ଏକ ଠିକଣା ପଚାରିଥିଲେ । ସେ ଠିକଣା ଜାଣିନଥିବା କହିବା ବେଳକୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସଂପୃକ୍ତ ବ୍ୟକ୍ତି ତାଙ୍କୁ ଟାଣି ନେଇଥିଲା । ତା'ପରେ କ'ଣ ହେଲା ସେ କିଛି ଜାଣିନାହାନ୍ତି । ଚେତା ଫେରିବା ବେଳକୁ ସେ ଏକ ଗୋଦାମ୍ ଘର ଭିତରେ ଥିଲେ । ତାଙ୍କ ସହିତ ଅନ୍ୟ ୪ ଜଣ ଯୁବକ ମଧ୍ୟ ଥିଲେ ୫ ଜଣଙ୍କୁ ବନ୍ଦ ଗୋଦାମ ଘର ଭିତରେ ଅତି ନିର୍ମମ ଭାବେ ସେମାନେ ମାଡ଼ ମାରୁଥିଲେ । କମଳାକାନ୍ତଙ୍କ ଦେହ ସାରା କେବଳ ମାଡ଼ ଓ କଟା ଚିହ୍ନ ରହିଛି । ସେମାନେ ତାଙ୍କ ମୋବାଇଲ୍, ୮ ଶହ ଟଙ୍କା ଓ ବ୍ୟାଗ୍‌ରେ ଥିବା ଅନ୍ୟ ସାମଗ୍ରୀ ନେଇ ଯାଇଥିଲେ । ସେ କେବଳ ଏକ ହାଫ୍‌ପ୍ୟାଣ୍ଟ ପିନ୍ଧିଥିଲେ କିନ୍ତୁ ୧୬ ତାରିଖ ରାତି ପ୍ରାୟ ୩ଟା ବେଳେ ୩ ଜଣ ଏକାଠି ହୋଇ ରହୁଥିବା ଘରର ବାଥ୍‌ରୁମ୍ କ୍ଲବ ଭାଙ୍ଗି ଖସି ଆସିଥିଲେ । ସେଠାରେ ଏବେବି ଆଉ ୨ ଜଣ ରହିଥିବା କମଳାକାନ୍ତ ସୂଚନା ଦେଇଛନ୍ତି । ଦୁର୍ବୃତ୍ତମାନେ ସେମାନଙ୍କୁ ଝାରସୁଗୁଡ଼ା ନିକଟବର୍ତ୍ତୀ କୌଣସି ଏକ ସ୍ଥାନରେ ରଖିଥିବା ସନ୍ଦେହ କରାଯାଉଛି ।

# ଜାତୀୟ ସିନିୟର ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନସିପ୍ : ୨୯ରେ ଓଡ଼ିଶା ଟିମ୍‌ର ଚୟନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଆସନ୍ତା ନଭେମ୍ବର ମାସ ୧୮ତାରିଖରୁ ୨୧ ଯାଏ ଚାଲିବ ୩୫ତମ ଜାତୀୟ ସିନିୟର ଟେନିସ ବଲ ଚାମ୍ପିୟନ ସିପ। ଜମ୍ମୁ-କଶ୍ମୀରର ଶ୍ରୀନଗର ଠାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସବୁଥର ପରି ଏଥର ମଧ୍ୟ ଓଡ଼ିଶା ଏଥିରେ ଭାଗ ନେବ। ଏହାପୂର୍ବରୁ ଖେଳାଳି ଚୟନ ମଧ୍ୟ କରାଯିବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ଓଡ଼ିଶା ଜାତୀୟ ସିନିୟର ଖେଳାଳି (ମହିଳା ଓ ପୁରୁଷ ) ଚୟନ ପ୍ରକିୟା ଆସନ୍ତା ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବ। ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ଆସୋସିଏନ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଏଲଏଲସିସି ଗ୍ରାଉଣ୍ଡରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ।

ସକାଳ ୭ରୁ ଚୟନ ପ୍ରକ୍ରିୟା ଆରମ୍ଭ ହେଉଛି। ତେଣୁ ଜାତୀୟ ଦଳ ପାଇଁ ଖେଳିବାକୁ ଚାହୁଁଥିବା ଖେଳାଳିମାନେ ନିଜ ନିଜ ଆଧାର କାର୍ଡ ଧରି ଧାର୍ଯ୍ୟ ସମୟ ପୂର୍ବରୁ ଆଇଆରସି ଭିଲେଜର ଏଲଏଲସିସି ଗ୍ରାଉଣ୍ଡରେ ରିପୋର୍ଟିଂ କରିପାରିବେ। ପ୍ରଥମେ ପଞ୍ଜୀକରଣ କରାଯିବ ଓ ଏହାପରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଯଦି କେହି ଠିକଣା ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ଓଡ଼ିଶା ଟେନିସ୍ ବଲ କ୍ରିକେଟ ଆସୋସିଏନର ଯୁଗ୍ମ ସଚିବ ସୋମନାଇ ପରିଡ଼ା (ମୋବାଇଲ ନମ୍ବର- ୭୩୮୧୦୭୧୦୮୪)ଙ୍କ ସହ ଯୋଗାଯୋଗ କରିପାରିବେ। ଓଡ଼ିଶା ଟେନିସ୍ ବଲ କ୍ରିକେଟ ଆସୋସିଏସନକୁ ଯୁବ କ୍ରୀଡ଼ା ମନ୍ତ୍ରଣାଳୟ, ଓଡ଼ିଶା ଅଲମ୍ପିକ ଆସୋସିଏସନ ଓ କ୍ରୀଡ଼ା ଓ ଯୁବ ବ୍ୟାପାର ଦ୍ୱାରା ମାନ୍ୟତା ପ୍ରଦାନ କରିଛନ୍ତି।

# ଚେସ୍ ଅଲିମ୍ପିଆଡ୍‌ରେ ୯୭ ବର୍ଷର ରେକର୍ଡ ଭାଙ୍ଗିଲା ଭାରତ

**ନୂଆଦିଲ୍ଲୀ**



ଚେସ୍ ଅଲିମ୍ପିଆଡ଼ରେ ଭାରତ ଇତିହାସ ସୃଷ୍ଟି କରିଛି। ୯୭ ବର୍ଷରେ ଯାହା ଘଟି ନ ଥିଲା, ଡି ଗୁକେଶ ଏବଂ ଅର୍ଜୁନ ଏରିଗାଇସିଙ୍କୁ ଭାରତ ପାଇଁ ଚମତ୍କାର ଖେଳିଛନ୍ତି। ଚେସ୍ ଅଲିମ୍ପିଆଡ଼ର ଓପନ୍ ସେକ୍ସନରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଛି। ଏହା ବ୍ୟତୀତ ଭାରତ ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଏହିପରି ଭାରତ ମୋଟ ୩ଟି ସ୍ୱର୍ଣ୍ଣ ପଦକ ଜିତିଛି। ଚେସ୍ ଅଲିମ୍ପିଆଡ୍ ଇତିହାସରେ ଏହା ପ୍ରଥମ ଥର ପାଇଁ ଭାରତ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଡି ଗୁକେଶ ଭ୍ଲାଡିମିର ଫେଡୋସିଭଙ୍କୁ ପରାସ୍ତ କରିଥିବା ବେଳେ ଅର୍ଜୁନ ଏରିଗାଇସି ଜନ ସୁବେଲଙ୍କୁ ପରାସ୍ତ କରିଛନ୍ତି।

ଆଡ୍‌ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ଚେସ୍ ଅଲିମ୍ପିଆଡ ଆୟୋଜିତ ହେଉଛି। ଏଥିରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ଭାରତର ଡି ଗୁକେଶ ଇତିହାସ ସୃଷ୍ଟି କରିଛନ୍ତି। ସେ ବ୍ୟକ୍ତିଗତ ଇଭେଣ୍ଟରେ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ଡି ଗୁକେଶ ଚେସ ଅଲିମ୍ପିଆଡ ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହିପରି ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥ ଆନନ୍ଦଙ୍କ ପରେ କ୍ରମାଗତ ୨ଟି ସ୍ୱର୍ଣ୍ଣ ପଦକ ଜିତିବାରେ ଡି ଗୁକେଶ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ସେ ଏହା କରିବା ପାଇଁ ଦୁନିଆର ୧୬ତମ ଗ୍ରାଣ୍ଡ ମାଷ୍ଟର ହୋଇଥିଲେ।

ମହିଳା ବିଭାଗରେ ଭାରତୀୟ ମହିଳା ଦଳରେ ହରିକା ଦ୍ରୋନାଭାଲ୍ଲୀ, ବୈଶାଲୀ ରମେଶବାବୁ, ଦିବ୍ୟା ଦେଶମୁଖ, ଭାଣ୍ଡିକା ଅଗ୍ରୱାଲ, ତାନିଆ ସଚ୍ଚଦେବ ଏବଂ ଅଭିଜିତ କୁନ୍ତେ ସାମିଲ ହୋଇଥିଲେ। ଶେଷ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଆଜେରବାଇଜାନକୁ ୩.୫-୦.୫ରେ ପରାସ୍ତ କରିଛି। ଚେସ୍ ଅଲିମ୍ପିଆଡ୍ ଇତିହାସରେ ପ୍ରଥମ ଥର ପାଇଁ ଭାରତ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛି। ଭାରତ ଏହା ପୂର୍ବରୁ କେବେ କରିପାରି ନ ଥିଲା। ଦୁଇ ବର୍ଷ ପୂର୍ବେ ଚେସ ଅଲିମ୍ପିଆଡରେ ଭାରତକୁ ବ୍ରୋଞ୍ଜ ପଦକ ସହ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏହା ବ୍ୟତୀତ ଚେସ୍ ଅଲିମ୍ପିଆଡ୍ ୨୦୧୪ରେ ଭାରତ ମଧ୍ୟ ବ୍ରୋଞ୍ଜ ପଦକ ପାଇଛି।

# ପୁଣି ହୃଦୟ ଜିତିଲେ ଧୋନୀ : ଚେନ୍ନାଇ ସୁପର କିଙ୍ଗ୍ସଠାରୁ ନେବେ ମାତ୍ର ୬ କୋଟି ଟଙ୍କା ନେବେ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଯଦିଓ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ନାହାନ୍ତି, କିନ୍ତୁ ତାଙ୍କ ପ୍ରଶଂସକଙ୍କ ସଂଖ୍ୟାରେ ହ୍ରାସ ଘଟିନାହିଁ। ଆଜି ବି ତାଙ୍କ ପ୍ରଶଂସକ ମାନେ ପୂରା ଷ୍ଟାଡିୟମକୁ ହଳଦିଆ ରଙ୍ଗରେ ରଙ୍ଗେଇ ଦେଇଛନ୍ତି। ଧୋନୀ ମଧ୍ୟ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ସହିତ ପ୍ରଶଂସକଙ୍କ ହୃଦୟ ଜିତିବାରେ ଲାଗିଛନ୍ତି। ଧୋନୀଙ୍କ ହୃଦୟରେ ଚେନ୍ନାଇ ସୁପର କିଙ୍ଗ୍ସ ଫ୍ରାଞ୍ଚାଇଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ସେ ଏହାକୁ ଅନେକ ଥର ସାର୍ବଜନୀନ କରିଛନ୍ତି। ଧୋନୀ ପୁଣି ଥରେ ଦଳ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଧୋନୀ ଆଇପିଏଲ ୨୦୨୫ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସରୁ ମାତ୍ର ୬ କୋଟି ଟଙ୍କା ନେବେ।

ଚେନ୍ନାଇ ସୁପର କିଙ୍ଗସ ଆଇପିଏଲ ୨୦୨୫ ପାଇଁ ରବିନ୍ଦ୍ର ଜାଡ଼େଜା, ରୁତୁରାଜ ଗାଇକ୍ୱାଡ, ଶିବମ୍ ଦୁବେ ଏବଂ ମାଥିଶା ପାଥିରାନାଙ୍କୁ ବଜାୟ ରଖିବେ। ଯଦିଓ ଧୋନୀଙ୍କୁ ଜଣେ ଅନ୍‌କ୍ୟାପ୍ଡ ଖେଳାଳି ଭାବରେ ରଖାଯାଏ ତେବେ ଏହା ଘଟିବ। ଯଦି ଧୋନୀଙ୍କୁ ଜଣେ ଅନ୍‌କ୍ୟାପ୍ଡ ଖେଳାଳି ଭାବରେ ରଖିବାକୁ ଅନୁମତି ନ ମିଳେ, ତେବେ ଚେନ୍ନାଇ ଏହାର ଯୋଜନା ବଦଳାଇପାରେ।

ସମସ୍ତ ୧୦ଟି ଆଇପିଏଲ ଦଳକୁ ନଭେମ୍ବର ୧୫ ପୂର୍ବରୁ ସେମାନଙ୍କ ରଖାଯାଇଥିବା ଏବଂ ମୁକ୍ତ ଖେଳାଳିଙ୍କ ତାଲିକା ପ୍ରକାଶ କରିବାକୁ ପଡ଼ିବ। ନିୟମ ଅନୁଯାୟୀ, ସମସ୍ତ ଦଳ ମେଗା ନିଲାମ ପୂର୍ବରୁ କେବଳ ଚାରିଜଣ ଖେଳାଳିଙ୍କୁ ରଖିପାରିବେ। ଅନ୍ୟ ସମସ୍ତ ଖେଳାଳିଙ୍କୁ ମୁକ୍ତ କରିବାକୁ ପଡ଼ିବ। ତଥାପି ଏଥର ଏହି ନିୟମରେ ପରିବର୍ତ୍ତନ ହୋଇପାରେ। କୁହାଯାଉଛି ଯେ ବର୍ତ୍ତମାନ ସମସ୍ତ ଦଳ ଚାରିଜଣ ପରିବର୍ତ୍ତେ ୫ ଜଣ ଖେଳାଳିଙ୍କୁ ବଜାୟ ରଖିବେ, କିନ୍ତୁ ଏପର୍ଯ୍ୟନ୍ତ ଏହା ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ।

# ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୬୩ ରନରେ ହରାଇଲା ଶ୍ରୀଲଙ୍କା

**ଗାଲେ**



ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଭାରତ ତା'ର ସ୍ଥିତିକୁ ମଜବୁତ କରିବାରେ ଲାଗିଛି। ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନରେ ହରାଇବା ପରେ ଭାରତ ଡବ୍ଲ୍ୟୁଟିସି ଫାଇନାଲ ଖେଳିବା ଦିଗରେ ଆଉ ପାଦେ ଆଗକୁ ବଢ଼ିଛି। ସେହିପରି ଶ୍ରୀଲଙ୍କା ସୋମବାର ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ଚମତ୍କାର ଢଙ୍ଗରେ ହରାଇ ଦେଇ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରଖିଛି। ଭାରତର ବିଜୟ ପ୍ରତିଶତ ପଏଣ୍ଟ ୭୧.୬୭ ରହିଥିବା ବେଳେ ଶ୍ରୀଲଙ୍କା ୫୦% ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୬୨.୫୦ ରହିଛି।

ଗାଲେରେ ଖେଳା ଯାଉଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟକୁ ଶ୍ରୀଲଙ୍କା ୬୩ ରନରେ ଜିତି ନେଇଛି। ଶେଷ ଦିନରେ ଧନଞ୍ଜୟ ଡି'ସିଲଭାଙ୍କ ଦଳ ବିଜୟ ହାସଲ କରିଛି। ଶ୍ରୀଲଙ୍କା ପାଇଁ ପ୍ରଭାତ ଜୟସୂରିୟା ମ୍ୟାଚ୍‌ରେ ୨୦୪ ରନରେ ୯ଟି ୱିକେଟ ନେଇ ବିଜୟର ନାୟକ ସାଜିଛନ୍ତି। ଶ୍ରୀଲଙ୍କା ପ୍ରଥମ ଇନିଂସରେ କାମିନ୍ଦୁ ମେଣ୍ଡିସଙ୍କ ୧୧୪ ରନ ବଳରେ ସମସ୍ତ ୱିକେଟ ହରାଇ ୩୦୫ ରନ କରିଥିଲା। ଏହାର ଜବାବରେ ନ୍ୟୁଜିଲାଣ୍ଡ ୩୪୦ ରନ କରି ଗୁରୁତ୍ୱପୂର୍ଣ୍ଣ ୩୫ ରନର ଲିଡ୍ ପାଇଥିଲା। ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ୩୦୯ ରନ କରିବାକୁ ମ୍ୟାଚ୍ ଜିତିବା ପାଇଁ ନ୍ୟୁଜିଲାଣ୍ଡକୁ ୨୭୫ ରନର ଟାର୍ଗେଟ ମିଳିଥିଲା।

ହେଲେ ଶ୍ରୀଲଙ୍କାର ସ୍ପିନ ଜାଲରେ ଭ୍ରମଣକାରୀ ଦଳର ବ୍ୟାଟରମାନେ ଫସି ଯାଇଥିଲେ। ରଚିନ ରବୀନ୍ଦ୍ର ଶେଷ ଯାଏ ୯୨ ରନ କରି ଲଢ଼ିଥିଲେ ହେଁ ଦଳକୁ ଜିତାଇ ପାରି ନଥିଲେ। ସୋମବାର ଶେଷ ଦିନରେ ସେ ନ୍ୟୁଜିଲାଣ୍ଡର ୯ମ ବ୍ୟାଟର ଭାବେ ଆଉଟ ହୋଇଥିଲେ। ତାଙ୍କ ୱିକେଟ ମଧ୍ୟ ପ୍ରଭାତ ନେଇଥିଲେ। ସେହିପରି ଶେଷ ବ୍ୟାଟର ଭାବେ ୱିଲିୟମ ଓରୌରକେ ମଧ୍ୟ ପ୍ରଭାତଙ୍କ ଶିକାର ବନିଥିଲେ। ପ୍ରଥମ ଇନିଂସରେ ସେ ୪ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ୫ ସଫଳତା ପାଇଛନ୍ତି।

ଏହି ବିଜୟ ପରେ ଶ୍ରୀଲଙ୍କା ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡକୁ ତଳକୁ ଠେଲି ତୃତୀୟ ସ୍ଥାନରେ ପହଞ୍ଚିଯାଇଛି। ନ୍ୟୁଜିଲାଣ୍ଡର ବିଜୟ ପ୍ରତିଶତ ପଏଣ୍ଟ ୪୨.୮୬କୁ ଖସିଯାଇଛି। ଇଂଲଣ୍ଡ ୪୨.୧୯ ସହ ୫ମ, ବାଂଲାଦେଶ ୩୯.୨୯ସହ ୬ଷ୍ଠ, ୩୮.୮୯ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ୭ମ, ପାକିସ୍ତାନ ୮ମ ଓ ୱେଷ୍ଟଇଣ୍ଡିଜ ୯ମ ସ୍ଥାନରେ ରହିଛି।

# ଚଳିତବର୍ଷ ସର୍ବାଧିକ ରନ୍ କରିଛନ୍ତି ଯଶସ୍ୱୀ ଜୟସ୍ୱାଲ

**ନୂଆଦିଲ୍ଲୀ**



ଚେନ୍ନାଇ ଟେଷ୍ଟରେ ବାଂଲାଦେଶ ବିପକ୍ଷ ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୫୬ ରନ ସ୍କୋର କରିଥିଲେ। ଦ୍ୱିତୀୟ ଇନିଂସରେ ସେ ୧୦ ରନ ସ୍କୋର କରି ଆଉଟ୍ ହୋଇଥିଲେ। ଚଳିତ ବର୍ଷ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସର୍ବାଧିକ ସ୍କୋର କରିଛନ୍ତି ଜଶସ୍ୱୀ ଜୟସ୍ୱାଲ। ଚଳିତ ବର୍ଷ ଏପର୍ଯ୍ୟନ୍ତ ଜଶସ୍ୱୀ ଭାରତ ପାଇଁ ୨୧ଟି ଇନିଂସରେ ୧୦୯୯ ରନ ସଂଗ୍ରହ କରିଛନ୍ତି।ଏଥି ସହିତ ଜଶସ୍ୱୀଙ୍କ ପରେ ଭାରତୀୟ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରୋହିତ ଶର୍ମା ୨୭ ଇନିଂସରେ ୧୦୦୧ ରନ ସଂଗ୍ରହ କରିଛନ୍ତି। ଜଶସ୍ୱୀ ଏବଂ ରୋହିତ ଶର୍ମାଙ୍କ ପରେ ଶୁଭମନ ଗିଲ ତୃତୀୟ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଶୁଭମନ ଗିଲ ଭାରତ ପାଇଁ ୨୪ଟି ଇନିଂସରେ ୯୪୦ ରନ ସଂଗ୍ରହ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜଶସ୍ୱୀ ବହୁତ ରନ ସଂଗ୍ରହ କରିଥିଲେ। ଏହି ସିରିଜରେ ଜଶସ୍ୱୀ ଏକ ରେକର୍ଡ ୭୧୨ ରନ କରିଥିଲେ। ଏଥିରେ ଦ୍ୱିଶତକ ଅତିକ୍ରମ କରିଥିଲେ। ୧୦ଟି ଟେଷ୍ଟ ମ୍ୟାଚ ବ୍ୟତୀତ ୨୩ ଟି-୨୦ ମ୍ୟାଚରେ ଜଶସ୍ୱୀ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଟେଷ୍ଟ ଫର୍ମାଟରେ ସେ ହାରାହାରି ୬୪.୩୫ରେ ୧୦୯୪ ରନ ସଂଗ୍ରହ କରିଛନ୍ତି। ଟି-୨୦ ଫର୍ମାଟରେ ୧୬୪.୩୨ ଷ୍ଟ୍ରାଇକ ରେଟ୍ ଏବଂ ହାରାହାରି ୩୬.୧୫ରେ ୭୨୩ ରନ ସ୍କୋର କରିଛନ୍ତି। ତେବେ ଚଳିତ ବର୍ଷ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ଜଶସ୍ୱୀ ଶୀର୍ଷରେ ଅଛନ୍ତି, କିନ୍ତୁ ରୋହିତ ଶର୍ମା ମାତ୍ର ୯୮ ରନ ପଛରେ ଅଛନ୍ତି। ତେଣୁ ରୋହିତ ଶର୍ମା କାନପୁର ଟେଷ୍ଟରେ ଜଶସ୍ୱୀଙ୍କୁ ପଛରେ ପକାଇବାର ସୁଯୋଗ ପାଇବେ। ଏଥି ସହିତ ଶୁଭମନ ଗିଲ ରୋହିତ ଶର୍ମାଙ୍କୁ କାନପୁର ଟେଷ୍ଟରେ ମଧ୍ୟ ପଛରେ ପକାଇ ପାରିବେ। ରୋହିତ ଶର୍ମାଙ୍କଠାରୁ ଗିଲ ମାତ୍ର ୬୧ ରନ ପଛରେ ଅଛନ୍ତି।

# ଓଡ଼ିଶା ଜୁନିଅର ଟେନିସ୍‌ବଲ୍ କ୍ରିକେଟ ଦଳ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୩୨ ତମ ଜୁନିଅର ଜାତୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନସିପ୍ ଅକଟୋବର ୧୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ହରିୟାଣାର ପାନିପଥ ଠାରେ ଆୟୋଜିତ ହେବ। ଓଡ଼ିଶାର ସବୁ ଜିଲ୍ଲାରୁ ୬୨ ଜଣ ଖେଳାଳି ସେପ୍ଟେମ୍ବର ୫ ତାରିଖରେ ଏଲଏଲସିସି ପଡ଼ିଆରେ ଚୟନ କ୍ୟାମ୍ପ ରେ ଯୋଗ ଦେଇଥିଲେ ସେଥିମଧ୍ୟରୁ ୧୬ ଜଣ ଙ୍କୁ କୋଚିଂ କ୍ୟାମ୍ପ ପାଇଁ ଚୟନ କରାଯାଇଅଛି, ଟି. ଅମନ କୁମାର, ଏସ. ପ୍ରିୟାଂଶୁ, ରିତେଶ ବାଛା, ଶ୍ରବନ ଦିଗଲ, ଶୁଭମ ଶତପଥି, ଆଶିଷ ମଳିକ, ସାଇ ସତ୍ୟମ, ପ୍ରଭୁଦତ୍ତ ଜେନା, ବିକ୍ରମ ନାୟକ, ରୁଦ୍ରନାରାୟଣ ଲେଙ୍କା, ସଞ୍ଜୟ ସିଆଲ, ପ୍ରବୋଧ କୁମାର ସିଙ୍ଗ, ଜ୍ୟୋତି ରଞ୍ଜନ ରାଉତ, ଦେବାଶିଷ ଜେନା ଚଳିତ ଚାମ୍ପିଅନସିପ୍ ପାଇଁ ଚୟନ କରାଯାଇଛି। ଏହି ଚୟନ ପାଇଁ ସଙ୍ଗର ଅଧକ୍ଷ୍ୟ ସୁରଜ ମିଶ୍ର, ସମ୍ପାଦକ ଶିଥିଳ ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡ଼ା, ମୁଖ୍ୟ କୋଚ୍ ଚକ୍ରଧର ମାଝୀ, ଫେଡେରେସନ ଅମ୍ପାୟାର ସମୀରକାନ୍ତ ମହାପାତ୍ର, ରଞ୍ଜନ ନାୟକ ଏବଂ ସେଲେଟର ଅଫିସିଆଲ ପ୍ରକାଶ ସାହୁ, ପଙ୍କଜ ଦାସ, ସୁନୀଲ ମହାରଣା ପ୍ରମୁଖଙ୍କ ଉପସ୍ଥିତରେ ଚୟନ କରାଯାଇଛି।

# ୨-୧ରେ ସିରିଜ୍ ଜିତିଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ**

ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ବାଜିମାତ୍ କରି ଆଫଗାନିସ୍ତାନ କ୍ରିକେଟ ଟିମ୍ ବେଶ୍ ଚର୍ଚ୍ଚାରେ ରହିଛି। ପ୍ରଥମଥର ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ହରାଇ ଇତିହାସ ସୃଷ୍ଟି କରିଛି।

୩ଟିକିଆ ଦିନିକିଆ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଥିବା ଆଫଗାନିସ୍ତାନ ରବିବାର ଖେଳା ଯାଇଥିବା ଶେଷ ଦିନିକିଆରେ ହାରି ଯାଇଛି। ତଥାପି ଦଳ ୨-୧ରେ ସିରିଜ ଜିତିବାକୁ ସକ୍ଷମ ହୋଇଛି।

ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ମାତ୍ର ୧୬୯ ରନରେ ଦକ୍ଷିଣ ଆଫ୍ରିକା ଅଲଆଉଟ କରିବା ସହ ୧୭୦ ରନର ଟାର୍ଗେଟକୁ ୩ ୱିକେଟ ହରାଇ ହାସଲ କରି ନେଇଥିଲା। ଏଥିସହ ଲଜ୍ଜାଜନକ ସିରିଜ୍‌କ କ୍ଲିନସୁଇପ୍‌ରୁ ଦଳ ବର୍ତ୍ତିଯାଇଛି।

ତେବେ ତୃତୀୟ ମ୍ୟାଚ୍‌ରେ ଆଫଗାନ ବ୍ୟାଟର ରହମତ ଶାହ ଅଜବ ପ୍ରକାରରର ଆଉଟ ହେବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଫଗାନିସ୍ତାନ ଇନିଂସର ୯ମ ଓଭରରେ ପୂରା ଘଟଣା ଘଟିଥିଲା। ଷ୍ଟ୍ରାଇକରେ ଥିବା ଆଫଗାନର ରହମନୁଲ୍ଲା ଗୁରବାଜ ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନଗିଡିଙ୍କ ଗୋଟିଏ ଫୁଲ ଲେନ୍ଥ ଡେଲିଭରୀକୁ ସିଧା ଖେଳିଥିଲେ। ଏହାକୁ ଏନଗିଡି ଧରିବାକୁ ଚେଷ୍ଟା କରିଥିଲେ ହେଁ ବଲ୍‌ଟି କେବଳ ତାଙ୍କ ଅଙ୍ଗୁଳିରେ ବାଜିଥିଲା।

ବଲ ତାଙ୍କ ଅଙ୍ଗୁଳିରେ ବାଜି ନନଷ୍ଟ୍ରାଇକରେ ଥିବା ରହମତଙ୍କ ଆଡ଼କୁ ଯାଇଥିଲା। ଏହି ସମୟରେ ସେ କ୍ରିଜ୍ ଛାଡ଼ି ୧ ରନ ନେବାକୁ ଚେଷ୍ଟା କରୁଥିଲେ। ବଲ୍‌ଟି ଏନଗିଡିଙ୍କ ଅଙ୍ଗୁଳିକୁ ସ୍ପର୍ଶ କରି ରହମତଙ୍କ ଦେହରେ ମାଡ଼ ହୋଇ ସିଧା ବୋଲିଂ ଏଣ୍ଡ ୱିକେଟରେ ବାଜିଥିଲା।

ରହମତ କ୍ରିଜ୍ ବାହାରେ ଥିବାରୁ ତାଙ୍କୁ ନିରାଶ ହୋଇ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲେ। ସେ ୬ ବଲରେ ୧ ରନ କରି ଆଉଟ ହୋଇଥିଲେ। ଏହି ଅଜବ ପ୍ରକାରର ଆଉଟ ହେବାର ଭିଡିଓ ଏବେ ସୋସଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

**ଅଜବ ପ୍ରକାରରେ ଆଉଟ ହେଲେ ରହମତ ଶାହ**



# ଚାମ୍ପିଅନ୍ସ ଟ୍ରଫି ୨୦୨୫ ପୂର୍ବରୁ ପାକିସ୍ତାନକୁ ଝଟ୍‌କା

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଆୟୋଜିତ ହେବ। କିନ୍ତୁ ଏହାର ଠିକ୍ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଏକ ବଡ଼ ଝଟ୍‌କା ଲାଗିଛି। ଅକ୍ଟୋବର ୭ରୁ ପାକିସ୍ତାନ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ଖେଳାଯିବ। କିନ୍ତୁ ଖବର ଅନୁଯାୟୀ, ଏହି ସିରିଜର ମିଡିଆ ରାଇଟ୍ସ ଏପର୍ଯ୍ୟନ୍ତ ବିକ୍ରି ହୋଇନାହିଁ। ଏଭଳି ପରିସ୍ଥିତିରେ ପାକ୍-ଇଂଲଣ୍ଡ ଟେଷ୍ଟ ସିରିଜ୍ ପାକିସ୍ତାନ ବାହାରେ ପ୍ରସାରିତ ହେବ ନାହିଁ।

ମିଡିଆ ରାଇଟ୍ସ ପାଇଁ ପିସିବି ଏକ ବଡ଼ ଡିମାଣ୍ଡ ରଖିଥିଲା, ଯାହାକୁ ଏପର୍ଯ୍ୟନ୍ତ କୌଣସି କମ୍ପାନୀ ପୂରଣ କରିପାରିନାହାନ୍ତି। ଖବର ଅନୁଯାୟୀ, ପିସିବି ତିନି ବର୍ଷ ପାଇଁ ମିଡିଆ ରାଇଟ୍ସ ପାଇଁ ୨୧ ମିଲିୟନ୍ ଡଲାର ଦାବି କରିଛି। ଏହା ପ୍ରାୟ ୧୭୫ କୋଟି ଟଙ୍କା ହେବ। କିନ୍ତୁ ପିସିବି ଏପର୍ଯ୍ୟନ୍ତ ଏତେ ପରିମାଣର ଦେୟ ଦେବାକୁ କ୍ରେତା ପାଇନାହିଁ। ଦୁଇଟି ପାକିସ୍ତାନୀ କମ୍ପାନୀ ମିଳିତ ଭାବେ ୪.୧ ମିଲିୟନ ଡଲାର ପ୍ରସ୍ତାବ ଦେଇଥିଲେ। କିନ୍ତୁ ପିସିବି ରାଇଟ୍ସ ବିକ୍ରୟ କରିବାକୁ ମନା କରିଦେଇଥିଲା।

ସେହିପରି ୱିଲୋ ଟିଭି ୨.୨୫ ମିଲିୟନ ଡ଼ଲାରର ପ୍ରସ୍ତାବ ଦେଇଥିଲା। ଯେତେବେଳେ କି ଏକ ବିଦେଶୀ କମ୍ପାନୀ ସ୍ପୋର୍ଟସ୍ ଫାଇଭ୍ ୭.୮ ମିଲିୟନ୍ ଡଲାର ପ୍ରସ୍ତାବ ଦେଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ପିସିବି କୋଉଥିରେ ବି ରାଜି ହୋଇନାହିଁ। ଉଲ୍ଲେଖ ଥାଉ କି ଅକ୍ଟୋବର ୭ରେ ପାକିସ୍ତାନ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ଖେଳାଯିବ। ଏହାର ପ୍ରଥମ ମ୍ୟାଚ୍ ମୁଲତାନରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୧୫ରୁ ସମାନ ଷ୍ଟାଡିୟମରେ ଖେଳାଯିବ।

ସିରିଜର ତୃତୀୟ ତଥା ଶେଷ ମ୍ୟାଚ୍ ଅକ୍ଟୋବର ୨୪ରୁ ରାୱଲପିଣ୍ଡିରେ ଖେଳାଯିବ। ଉଲ୍ଲେଖ ଥାଉ କି ପିସିବି ଚାମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତି ଚଳାଇଛି। ନିକଟରେ ଆଇସିସି ପାଞ୍ଚଜଣ ଅଧିକାରୀଙ୍କ ଏକ ଟିମ୍ ପାକିସ୍ତାନ ପଠାଇଥିଲା। ଆଇସିସି ପିସିବିକୁ ୩୧ ଜାନୁୟାରୀ ୨୦୨୫ ପୂର୍ବରୁ ଷ୍ଟାଡିୟମ ପ୍ରସ୍ତୁତ କରିବାକୁ ତାଗିଦ କରିସାରିଛି।

# ଦୀର୍ଘ ୬୩ ବର୍ଷ ପରେ ବଦଳିଲା ବ୍ଲକ୍ କାର୍ଯ୍ୟାଳୟର ଫାଟକ

**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଦିନିକିଆ ଗସ୍ତ କରିଛନ୍ତି। ଏହି ଅବସରରେ ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟର ନବ ନିର୍ମାଣ କରାଯାଇଥିବା ମୁଖ୍ୟ ଫାଟକ ଓ ମିଶନଶକ୍ତି କାଫେର ଶୁଭ ଉଦ୍‌ଘାଟନ ହୋଇଛି। ଏହି ଅବସରରେ ଏମ୍‌ପି ସୁକାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଭାଜପା ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ବିଡିଓ ଗଦାଧର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୂଚନା ଯୋଗ୍ୟ ଯେ, ୭ ଲକ୍ଷ ଟଙ୍କା ବିନିମୟରେ ଏହି ମୁଖ୍ୟ ଫାଟକ ନିର୍ମାଣ କରାଯାଇଥିବା ବେଳେ ଏହା ଦୀର୍ଘ ୬୩ ବର୍ଷ ପରେ ବ୍ଲକ କାର୍ଯ୍ୟାଳୟର ମାନଚିତ୍ର ପରିବର୍ତ୍ତନ ହୋଇଛି।

# ଅଙ୍ଗନୱାଡ଼ି ଦିଦିଙ୍କୁ କନ୍‌ଫରେନ୍ସରେ ରଖି ଗର୍ଭବତୀଙ୍କ ଆକାଉଣ୍ଟ ଖାଲି କରିଦେଲେ ସାଇବର ଠକ

**ସୁନ୍ଦରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସାଇବର ଠକଙ୍କ ନୂଆ ଚାଲ୍। ମମତା ଯୋଜନାରେ ଟଙ୍କା ମିଳିବ ବୋଲି କହି ଫୋନ୍ କରୁଛନ୍ତି। ଆଉ ତା'ପରେ ଅଙ୍ଗନୱାଡି ଦିଦିଙ୍କୁ କନ୍‌ଫରେନ୍ସରେ ରଖି ଗର୍ଭବତୀଙ୍କ ଆକାଉଣ୍ଟ ଖୋଳ କରିଦେଉଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ଆସିଛି ଏମିତି ମାଳ ମାଳ ଅଭିଯୋଗ। 'ମମତା ଯୋଜନା'କୁ ଅସ୍ତ୍ର କରି ସାଇବର ଠକ ଗାଁର ଗରିବ ଖଟିଖିଆ ମହିଳାଙ୍କ ଆକାଉଣ୍ଟ ଚଳୁ କରିଦେଉଛନ୍ତି।

ଲହୁଣୀପଡ଼ା ଥାନା ରଜାମୁଣ୍ଡା ଗାଁର ମାଳତୀ କିସାନଙ୍କ ପିଲା ଜନ୍ମ ପରେ ମିଳିନଥିଲା 'ମମତା' ଯୋଜନାର ଟଙ୍କା। ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ବେଳେ ତାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ ରିସିଭ୍ କରିବା ପରେ ଜଣେ ବ୍ୟକ୍ତି ହିନ୍ଦୀରେ ମାଳତୀଙ୍କୁ ନାନା ପ୍ରଶ୍ନ ପଚାରିଥିଲେ। ଅଣ୍ଡା, ଛତୁଆ ଓ ମମତା ଯୋଜନାରେ ଟଙ୍କା ମିଳୁଛି କି ନାହିଁ ପଚାରିଥିଲେ। ହେଲେ ମମତା ଯୋଜନାରେ ଟଙ୍କା ମିଳିନଥିବା ମାଳତୀ କହିଥିଲେ। ଏହା ପରେ ଚତୁର ସାଇବର ଠକ (ଫୋନ୍ କରିଥିବା ବ୍ୟକ୍ତି) ମାଳତୀଙ୍କୁ ଲାଇନ୍‌ରେ ରଖି ରଜାମୁଣ୍ଡା ଅଙ୍ଗନୱାଡ଼ି ଦିଦି ସାରଥି ମହାନ୍ତଙ୍କୁ ଫୋନ୍ କରିଥିଲେ। ଏହାର ଅର୍ଥ ସାଇବର ଠକ, ମାଳତୀ ଓ ଅଙ୍ଗନୱାଡ଼ି ଦିଦି କନ୍‌ଫରେନ୍ସରେ ରହିଥିଲେ।

ଦୀର୍ଘ ସମୟ ଧରି ତିନି ଜଣଙ୍କ ମଧ୍ୟରେ ଚାଲିଲା ଆଲୋଚନା। ଆଲୋଚନା ଭିତରେ ସାଇବର ଠକକୁ ମମତା ଯୋଜନା ସମ୍ପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ ଅଙ୍ଗନୱାଡ଼ି ଦିଦି। ହେଲେ ସେ ସବୁ ପ୍ରଶ୍ନର ଉତ୍ତର ଦେଇଥିଲା। ଆଉ ନିଜକୁ ଜଣେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲା। ତାହାରି ଭିତରେ ମାଳତୀଙ୍କୁ ସାଇବର ଠକ ପଚାରିଥିଲେ, ତୁମ ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ଅଛି ତାହାର ଜବାବରେ ମାଳତୀ କହିଥିଲେ, ୨୫ ହଜାର ଟଙ୍କା ଅଛି। ସାଇବର ଠକ ପୁଣି ଥରେ ମାଳତୀଙ୍କୁ କହିଥିଲେ, ତୁମ ମୋବାଇଲ୍‌କୁ ଗୋଟିଏ ଲିଙ୍କ୍ ଯାଇଛି, ତାକୁ କ୍ଲିକ୍ କରିବା ପରେ ଏକ ଓଟିପି ଆସିବ। ସେହି ଓଟିପି ନମ୍ବର ଦେଲେ ତୁମ ଆକାଉଣ୍ଟରେ ୬ ହଜାର ଟଙ୍କା ଜମା ହୋଇଯିବ।

ସାଇବର ଠକଙ୍କ କଥାକୁ ପ୍ରଥମେ ବିଶ୍ୱାସ କରିନଥିଲେ ମାଳତୀ। ଏନେଇ କନ୍‌ଫରେନ୍ସରେ ଥିବା ଅଙ୍ଗନୱାଡ଼ି ଦିଦିଙ୍କୁ ପଚାରି ଥିଲେ। ଦିଦି ମଧ୍ୟ ସନ୍ଦେହରେ ପଡ଼ିଥିଲେ। ତଥାପି ହଁ କହିଥିଲେ। ଏହା ପରେ ମାଳତୀ ଓଟିପି ନମ୍ବର ଦେଇଥିଲେ। ତା'ପରେ ମାଳତୀଙ୍କ ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ୧୯ ହଜାରରୁ ଅଧିକ ଟଙ୍କା କଟିଯାଇଥିଲା। ଯାହାକୁ ନେଇ ଚିନ୍ତାରେ ପଡ଼ି ଯାଇଥିଲେ ମାଳତୀ। ମମତା ଯୋଜନାରେ ଟଙ୍କା ମିଳିଲାନି, ହେଲେ ବହୁ କଷ୍ଟରେ ଆକାଉଣ୍ଟରେ ଜମା କରିଥିବା ଟଙ୍କା ସବୁ ନେଇଗଲା ସାଇବର ଠକ। ମାଳତୀଙ୍କ ପରି ଆହୁରି ଅନେକ ମହିଳାଙ୍କଠାରୁ ସାଇବର ଠକ୍ ଏମିତି ଫୋନ୍ କରି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି।

ଏନେଇ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ ଲହୁଣୀ ପଡ଼ା ଥାନା ଅଞ୍ଚଳର ଗୁଡ଼ିଆଳି, କପଣ୍ଡ, ଶରଧାପୁର ଆଦି ଅଞ୍ଚଳରେ ଥିବା କିଛି ଗର୍ଭବତୀ ମହିଳାଙ୍କ ପାଖକୁ ପ୍ରତିଦିନ ଫ୍ରଡ୍ ଫୋନ୍ ଆସୁଛି। ଡାକ୍ତର ପରିଚୟ ଦେଇ ଫୋନ କରାଯାଉଛି। ମମତା ଯୋଜନାରେ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଟଙ୍କା ଲୁଟି ନେଉଛନ୍ତି।

E-Mail I.D.-eepwdcuttack@gmail.com
Tel./ Fax No.(0671 ) -2304128

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK
GOVERNMENT OF ODISHA "e" procurement Notice
B-331
e-procurement Notice for Building (E.I.) works
Bid Identification No. S.E. CTC(R&B) - 25 of 2024-25

The Superintending Engineer, Cuttack (R&B) Division No. I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (Fire Fighting) as mentioned below.

1. No. of the Work :- **12 (Twelve) Nos. of E.I Works**
2. Date & time of availability of bid document in the portal :- **From dt.03/10/2024 to 5PM of dt.17/10/2024**
3. Last date / time of receipt of bids in the portal :- **5PM of dt.17/10/2024**
4. Date & time of opening of bids :- **11 A.M of dt.18/10/2024**
5. Name and address of the Officer Inviting Bid :- **Superintending Engineer, Cuttack (R&B) Division No. I, Cuttack**

Further details can be seen from the e-procurement portal **"https://tendersodisha.gov.in**

(Er. P.K. Majhi
Superintending Engineer,
Cuttack (R&B) Division No. I
OIPR-34091/11/0027/2425

OFFICE OF THE NOTIFIED COUNCIL AREA : BARPALI
C-647
No. 1486 / Date - 21.09.2024
Corrigendum to Quotation Call Notice No.1468 / Dt. 13.09.2024

Due to some typographical mistake, the quotation schedule (financial Bid) i.e Item, specification, unit and Quoted rate of Animal Sculpture in (PART-A] have not been added in the quotation call notice. Now the specification with all details has been included in quotation paper for bidder's reference. The last date of submission of quotation is extended up to dated 26.09.2024 up to 5.30 PM and the quotation will be opened on dated 27.09.2024 at 11.30 AM.

All others item and specification are remain unchanged.

Sd/- Executive Officer
NAC, Barpali
OIPR-13127/11/0005/2425

PANCHAYAT SAMITI, ANANDAPUR
COMPETITIVE BIDDING THROUGH e-Procurement
NOTICE INVITING TENDER
No. 2808 /Dev dt.21.09.2024
i-189

On behalf of the Governor of Odisha, Block Development Officer, Panchayat Samiti Anandapur invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in **Single Bid system** (**General & Technica**l) Bid from intending bidders fulfilling the eligibility criteria mentioned in this Notice. The bid should be submitted online in the website www.tendersorissa.gov.in by eligible Contractors with CDMS registration. The bidders should have necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bid.

1. Total No. of works for which Tenders invited: **4Nos**.
2. Place of Execution: Different locations in Panchayat Samiti Anandapur area.
3. Estimated Cost of Individual Work:**Rs. 12,48,159/- to Rs. 13,74,169/-**
4. Class of Contractor -: **'D','C' Class**
5. Intending bidders have to participate through "**On-Line**" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from**11.00 AM on Dt.24.09.2024 to 5.00 PM on Dt.01.10.2024**for online bidding.
7. Last date & time of bidding on-line **Dt. 01.10.2024 at 5.00 PM.**
8. Last date & time for submission of official documents on offline **01.10.2024at 5.00 PM**
9. The Technical bid received online will be opened at **11.00 A.M on Dt.03.10.2024**
10. In case of any stipulation arise, the lottery will be held on **11.00 A.M on Dt. 08.10.2024.**
11. Any corrigendum will be displayed in the websites https://www.tendersodisha.gov.in.

Further details can be seen from the **e-Procurement portal**https://www.tendersodisha.gov.in.

Sd/- Block Development Officer
Anandapur, Block
OIPR-19096/11/0002/2425

GOVERNMENT OF ODISHA
B-316
OFFICE OF THE CHIEF CONSTRUCTION ENGINEER
PHULBANI (R&B) CIRCLE, PHULBANI
Phone: - 06842 254004
INVITATION FOR BIDS (IFB)
Email: sernbphulbanl@gmail.com
Bid Identification No. CCE_R and B_PLB_03 of 2024_25
No. 1389 Dated. 19.09.2024

| | | | |
|---|---|---|---|
| 1 | The Chief Construction Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors. | | |
| 2 | Nature of work | :- | Road Works |
| 3 | No. of tenders | :- | Three Nos |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | B & A class |
| 6 | Date & Time of sale & receipt of bids | :- | 10.00 AM of 30.09.2024 to 5.00PM of 15.10.2024 |
| 7 | Date of Opening of bid | :- | 11.00 AM of 17.10.2024 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd/- Chief Construction Engineer,
Phulbani (R&B) Circle, Phulbani
OIPR-34129/11/0004/2425





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୫୦୦ ଜିହାଦୀଙ୍କୁ ...

କରୁଛନ୍ତି। ସ୍ଥାନୀୟ ଯୁବକଙ୍କୁ ଜେହାଦୀ ଶିକ୍ଷା ଦିଆଯାଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହି ମଦ୍ରାସାଗୁଡ଼ିକ ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ଆଇଏସଆଇ ଏବଂ ଅନ୍ୟାନ୍ୟ ଆତଙ୍କବାଦୀ ସଂଗଠନ ପାଇଁ ଏକ ବେସ ପାଲଟିଛି । ଏହା ବ୍ୟତୀତ ନେପାଳଗଞ୍ଜରେ ପାକିସ୍ତାନ ଏବଂ ଅନ୍ୟ ମୁସଲମାନ ଦେଶଗୁଡ଼ିକର ଆର୍ଥିକ ଅନୁଦାନରେ ୧୩୦ଟି ମଦ୍ରାସା ଚାଲିଛି, ଯାହା ମାଧ୍ୟମରେ ଭାରତ-ନେପାଳ ସମ୍ପର୍କକୁ ନଷ୍ଟ କରିବାକୁ ଷଡଯନ୍ତ୍ର ରଚିଛି। ସୂଚନା ବିଭାଗର ଏସପି ରିପୋର୍ଟରେ ଲେଖିଛନ୍ତି ଯେ ବାଙ୍କେ ଜିଲ୍ଲାରେ ସମୁଦାୟ ୧୩୦ଟି ମଦ୍ରାସା ଅଛି। ସେଥିମଧ୍ୟରୁ ନେପାଳଗଞ୍ଜରେ ୬ଟି ଏବଂ ଜୟସପୁରରେ ୫ଟି ମଦ୍ରାସା ରହିଛି । ଏହି ମଦ୍ରାସାଗୁଡ଼ିକରେ ୱାହାବି ଏବଂ ଆଇଏସଆଇ କାର୍ଯ୍ୟକଳାପ ଯୋଗୁ ନେପାଳର ଜମାତ-ଇ-ମିଲି-ଇସଲାମିଆ, ନେପାଳ ଇସଲାମ ଯୁଥ ୟୁନିୟନ, ନେପାଳ ମୁସଲିମ ଇଟେହାଦ ସାଙ୍ଗ, ଇସଲାମିକ ସଂଗଠନ ନେପାଳ ଭଳି ମୁସଲମାନ ସଂଗଠନର ପୃଷ୍ଠପୋଷକତା ଥିବାର ସୂଚନା ରହିଛି। ଇସଲାମର ପ୍ରଚାର ପାଇଁ ଫୁଲନାକରା ମଦ୍ରାସାରୁ ରୁପାଇଡିହାଙ୍କ କିଛି ମସଜିଦକୁ ମୌଲାନା ଆସିବା ଏବଂ ଯିବାର ସୂଚନା ରହିଛି। ପୋଲିସ ତଦାରଖ ପାଇଁ ଅପରେସନ କବଚ ଜାରିରହିଛି । ଉତ୍ତରପ୍ରଦେଶର ମହାରାଜଗଞ୍ଜ, ସିଦ୍ଧାର୍ଥନଗର, ବଳରାମପୁର, ଶ୍ରାବସ୍ତୀ, ବହରାଇଚ୍, ଲକ୍ଷ୍ମୀପୁର ଖେରୀ ଏବଂ ପିଲିଭିତ ଜିଲ୍ଲା ସହିତ ପ୍ରାୟ ୫୭୦ କିଲୋମିଟର ସୀମା ନେପାଳ ସହିତ ରହିଛି। ସୋନାଉଲି, ଖୁନା, ରୁପାଇଡିହା ସୀମା ବ୍ୟତୀତ ଦୁଇ ଦେଶ ମଧ୍ୟରେ ୩୦୦ରୁ ଅଧିକ ପାଦଚଲା ରାସ୍ତା ଅଛି। ଏସବୁ ରାସ୍ତା ଉପରେ ଭାରତୀୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ କଡ଼ା ନଜର ରଖାଯାଇଛି।

## ପରଲୋକରେ ସାହିତ୍ୟ ...

ହରିହର ମିଶ୍ର ଓଡ଼ିଆ ଚଳଚ୍ଚିତ୍ର 'ଚିଲିକା ତୀରେ'ର ସଂଳାପ ରଚନା କରିବା ସହ ଏଥିରେ ସହ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ସେ ଅଭିନୟ ବି କରିଥିଲେ । ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜିତ ତଥା ନଗେନ ରାୟଙ୍କ ନିର୍ଦ୍ଦେଶିତ 'ତପସ୍ୟା' (୧୯୮୦) ଛବିରେ ତାଙ୍କ ରଚିତ ଢାଳିଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା...ଆଜି ବି ଖୁବ ଲୋକପ୍ରିୟ। ପ୍ରଫୁଲ୍ଲ କର ଥିଲେ ଏହାର ସ୍ୱରକାର ଓ ଏଥିରେ ଚିତ୍ତ ଜେନା ଓ ବାଣୀ ଜୟରାମ କଣ୍ଠଦାନ କରିଥିଲେ। ସେ ଉଭୟ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ହରିହର ମିଶ୍ରଙ୍କର ପରଲୋକ ଖବର ପାଇବା ପରେ ଜଣାଶୁଣା ସାହିତ୍ୟିକ ତଥା ସମାଜସେବୀ ବଦ୍ରି ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ ପାଇଁ ବାସଭବନରେ ପହଞ୍ଚିଥିଲେ। ତାଙ୍କର ଅନ୍ତିମସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି। ଶ୍ରୀ ମିଶ୍ରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ସମସ୍ୟାର ସମାଧାନ...

ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥି ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ୍ୟ ତତ୍ପରତାର ସହ ଲୋକଙ୍କ ଅଭିଯୋଗକୁ ସଂପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଥାନ୍ତି । ଏ ଥିଲା ସୋମବାରର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦୃଶ୍ୟ। ଯେଉଁଠି ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ନଥିଲା କୌଣସି ପ୍ରତିବନ୍ଧକ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଭିନ୍ନକ୍ଷମ, ରୋଗୀ ଓ ବରିଷ୍ଠ ନାଗରିକମାନଙ୍କ ପ୍ରତି ଅଭିଯୋଗ ପ୍ରକୋଷ୍ଠରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିଲା। ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ସୋମବାର ଚତୁର୍ଥ ଦିନରେ ପହଞ୍ଚିଲା । ମୁଖ୍ୟମନ୍ତ୍ରୀଙ୍କ ସହିତ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସକାଳ ୧୧ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ। ସମୁଦାୟ ୧୦୦୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ସମସ୍ତ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ଆସିଥିବା ବିଭିନ୍ନ ଅଭିଯୋଗକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ଅନୁଗୋଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶଙ୍କର ଦାସ । ଚାକିରୀ କାଳରେ ତାଙ୍କ ପ୍ରତି ବହୁ ଅନ୍ୟାୟ ଓ ଅବହେଳା କରାଯାଇଛି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଭରା ଅଭିଯୋଗ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କ ଅଭିଯୋଗକୁ ଗୁରୁତର ସହ ଶୁଣି, ଅଧୈର୍ଯ୍ୟ ନହେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ତାଙ୍କୁ ନ୍ୟାୟ ଦେବା ପାଇଁ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଭଦ୍ରକ ଜିଲ୍ଲାର ୨୨ ବର୍ଷର ଭିନ୍ନକ୍ଷମ ଯୁବକ ନିରାକାର ନାୟକ। ସାଙ୍ଗରେ ଥିଲେ ତାଙ୍କ ବାପା ଓ ମା । ଜାପାନୀ ଜ୍ୱରରେ ପୀଡ଼ିତ ହୋଇ ଯୁବକ ଜଣକ ଭିନ୍ନକ୍ଷମ ହୋଇଯାଇଛନ୍ତି। ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ହେଲେଣି । ଚିକିତ୍ସା ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଚିକିତ୍ସା ବାବଦରେ ଆଶ୍ୱାସନା ଭରା ପ୍ରତିଶ୍ରୁତି ଶୁଣି ସେମାନେ ଖୁସି ମନରେ ଫେରିଥିଲେ। ଅନ୍ୟ ଜଣେ କୋରାପୁଟ ଜିଲ୍ଲାର ଅଭିଯୋଗକାରୀ ରମେଶ ଧଳ, ଗାଁରେ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିଷୟ ନେଇ ସପତ୍ନୀକ ଆସିଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣି ଜିଲ୍ଲା ଏସ୍.ପିଙ୍କୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଉ ଜଣେ ଅଭିଯୋଗକାରୀ ଥିଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅଞ୍ଚଳର ସରୋଜିନୀ ଦାସ। ସେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ହତ୍ୟା କରାଯାଇଛି। ହତ୍ୟାକାରୀଙ୍କୁ ଆଜି ସୁଦ୍ଧା ପୋଲିସ ଧରୁନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତୁରନ୍ତ ଜିଲ୍ଲା ଏସ୍.ପିଙ୍କୁ ନିର୍ଦ୍ଦେଶ ଦେଲେ ଏବଂ କହିଲେ ନ୍ୟାୟ ମିଳୁଛି କି ନାହିଁ ମୋତେ ଆସି ଜଣାଇବ। ଅଭିଯୋଗକାରୀ ମହିଳା ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଶୁଣି କହିଲେ ଯେ ମୁଖ୍ୟମନ୍ତ୍ରୀ ମୋ ମନରେ ଭରସା ସୃଷ୍ଟି କଲେ ଯେ ମୁଁ ନିଶ୍ଚିତ ରୂପେ ନ୍ୟାୟ ପାଇବି । ଏହି ଭଳି ପ୍ରତ୍ୟେକଙ୍କ କିଛି ନା କିଛି ଅଭିଯୋଗ ଥିଲା । ଆଉ ସମସ୍ତେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପାଖରେ ପାଇ ସିଧାସଳଖ ଅଭିଯୋଗ ଦେଇ ଆତ୍ମସନ୍ତୋଷର ସହ ଫେରିଥିଲେ। ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ ସୁଦୂର କେନ୍ଦ୍ରାପଡା ଜିଲ୍ଲା ରାଜକନିକାରୁ ୧୭ଜଣ ଚାଷୀ ତାଙ୍କ ଅଞ୍ଚଳର ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଆର୍ଥିକ ହେରଫେର ବିଷୟରେ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ପଦଯାତ୍ରାରେ ଆସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ ସମିତିର ଦୁଇ ଜଣ ଅଧିକାରୀ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଆର୍ଥିକ ସହାୟତାକୁ ଚଞ୍ଚକତା କରି ନେଇଯାଇଛନ୍ତି । ସେମାନଙ୍କ ବିରୁଦ୍ଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । କୃଷକମାନେ ସେମାନଙ୍କ ଉଚିତ ସରକାରୀ ପ୍ରାପ୍ୟ ପାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଅଭିଯୋଗ ନେଇ ଆସିଥିଲେ । ମୁଖ୍ୟମନ୍ତ୍ରୀ ନିଜେ ସେମାନଙ୍କ ପାଖକୁ ଆସି ସେମାନଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏ ସରକାର ହେଉଛି ଚାଷୀଙ୍କ ସରକାର । ଚାଷୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ । ଯଥାଶୀଘ୍ର ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ମିଳିବା ସହିତ ଆପଣମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କର ଏହି ଆଶ୍ୱାସନା ଭରା କଥା ଶୁଣି ଖୁସି ମନରେ ସମସ୍ତେ ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ ଧ୍ୱନୀ ଦେଇ ଫେରିଥିଲେ।

## କଟକରେ ସୀମା ...

କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ କେବଳ ଅପରିଷ୍କାର ପରିବେଶରେ ଉତ୍ପାଦିତ ହେଉନଥିଲା ବରଂ ସୋଡିୟମ ହାଇଡ୍ରକ୍ସାଇଡ୍, ଲୁଣ ଏବଂ ଦୂଷିତ ଜଳ ପରି ରାସାୟନିକ ପଦାର୍ଥରେ ମଧ୍ୟ ଅପମିଶ୍ରଣରେ ବ୍ୟବହାର ହେଉଥିବା ଜଣାପଡିଥିଲା। ଏହି ଉତ୍ପାଦଗୁଡିକ ଅନ୍ୟ ସ୍ଥାନ ମଧ୍ୟରେ କଟକ, ଯାଜପୁର, ପୁରୀ ଏବଂ କେନ୍ଦ୍ରାପଡାରେ ବିକ୍ରି ହେଉଥିଲା ବୋଲି ଏଡିସିପି କହିଛନ୍ତି। ବ୍ୟବସାୟୀ ଜଣକ ମହାରାଷ୍ଟ୍ରରୁ କଞ୍ଚାମାଲ କିଣି ଏଠାରେ ବିକ୍ରି କରୁଥିବା ପୋଲିସ କହିଛି। ଏଡ଼ିସିପି ଏହା ମଧ୍ୟ କହିଛନ୍ତି ଯେ, ଆମେ କାରଖାନାରୁ ନମୁନା ଜବତ କରିଛୁ ଏବଂ ବ୍ୟବସାୟ ଲାଇସେନ୍ସ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଯାଞ୍ଚ କରିବୁ ନମୁନା ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯିବ। ମାଲିକଙ୍କୁ ଅଟକ ରଖାଯାଇଛି ଏବଂ କାରଖାନା ସିଲ କରାଯାଇଛି । ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଲେବାନନରେ...

ଚାଲିଯିବାକୁ ପରାମର୍ଶ ଦେଇଥିଲା ଇସ୍ରାଏଲ ସେନା। ଏପରିକି ଇସ୍ରାଏଲ ସେନା ଦକ୍ଷିଣ ଲେବାନନର ୧୭ଟି ଗାଁ ଏବଂ ସହରକୁ ଦର୍ଶାଇ ଏକ ମାନଚିତ୍ର ମଧ୍ୟ ପ୍ରକାଶ କରିଥିଲା। ମାନଚିତ୍ର ଅନୁସାରେ, ସେହି ଅଞ୍ଚଳ ଛାଡ଼ିଦେବାକୁ କୁହାଯାଇଥିଲା। କିନ୍ତୁ ନିର୍ଦ୍ଦିଷ୍ଟ କେଉଁ ଅଞ୍ଚଳରେ ଇସ୍ରାଏଲ ଆକ୍ରମଣ କରିବାକୁ ଚାହୁଁଛି ସେନେଇ କୌଣସି ଇଙ୍ଗିତ କରିନଥିଲା। ଲେବାନନରେ ବଡ଼ ଧରଣର ଆକ୍ରମଣ କରିଛି ଇସ୍ରାଏଲ, ଯେଉଁଥିରେ ଶତାଧିକ ଲୋକଙ୍କ ଜୀବନ ଗଲାଣି । ସେପଟେ ଲେବାନନ ପକ୍ଷରୁ କୁହାଯାଇଛି ଯେ, ତାଙ୍କ ଦେଶର ଲୋକଙ୍କୁ ପ୍ରାୟ ୮୦ ହଜାରରୁ ଅଧିକ ଫୋନ କଲ ଆସିଥିଲା। କିଛି ସନ୍ଦିଗ୍ଧ ବ୍ୟକ୍ତି କଲ କରି ଅନ୍ୟତ୍ର ଚାଲିଯିବାକୁ କହିଥିଲେ।

## ୩୪ ମାମଲାରେ ...

ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ସିଭିସିଙ୍କର ପରାମର୍ଶକୁ ଅଣଦେଖା କରିବା ପାଇଁ ସିକ୍ୟୁରିଟି ପ୍ରିଣ୍ଟିଂ ଆଣ୍ଡ ମେଣ୍ଟିଂ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ୍, ଇଲେକ୍ଟ୍ରୋନିକ୍ସ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ (ଇସିଆଇଏଲ), ନ୍ୟାସନାଲ ଫର୍ଟିଲାଇଜର ଲିମିଟେଡ୍, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ୟୁନାଇଟେଡ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ ବିରୋଧରେ ମଧ୍ୟ ଗୋଟିଏ ଲେଖାଏଁ ମାମଲା ରହିଥିଲା। କମିଶନଙ୍କ ପରାମର୍ଶକୁ ପ୍ରତ୍ୟାଖାନ କରିବା ସଜାଗତା ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ଏବଂ ଭିଜିଲାନ୍ସ ପ୍ରଶାସନର ନିରପେକ୍ଷତାକୁ କ୍ଷୁଣ୍ଣ କରିଥାଏ ବୋଲି ପ୍ରକାଶିତ ରିପୋର୍ଟରେ କୁହାଯାଇଛି। କୋଇଲା ମନ୍ତ୍ରଣାଳୟର ପରାମର୍ଶକୁ ପାଳନ ନ କରିବାର ଏକ ବିସ୍ତୃତ ବିବରଣୀ ଦେଇ ସିଭିସି କହିଛି ଯେ ଭାରତ କୋକିଂ କୋଇଲା ଲିମିଟେଡ (ବିସିସିଆଇ)ର ଜଣେ ଅଧିକାରୀ, ଜଣେ ମୁଖ୍ୟ ପରିଚାଳକ, ତିନିଜଣ ପରିଚାଳକ ଏବଂ ଜଣେ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଥିଲା। ସେମାନେ ଆର୍ଥ ମୁଭିଂ ଯନ୍ତ୍ରାଂଶ ନିୟୋଜନ ଚୁକ୍ତି ବନ୍ଦ, ପୁନଃଟେଣ୍ଡର ଏବଂ ଚୁକ୍ତିନାମା ପ୍ରଦାନରେ ଅନିୟମିତତା ପାଇଁ ଦାୟୀ ବୋଲି ଜଣାପଡିଛି । ଏହି ଅଧିକାରୀଙ୍କ ବିରୋଧରେ ବଡ଼ ଦଣ୍ଡବିଧାନ ପ୍ରକ୍ରିୟା ଆରମ୍ଭ କରିବାକୁ ଅଗଷ୍ଟ ୨୦୧୮ ରେ ଆୟୋଗ ପରାମର୍ଶ ଦେଇଥିଲେ। ଏହି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦଣ୍ଡିତ ହୋଇଥିବା ସ[illegible]ୱ ପ୍ରକଳ୍ପ ଅଧିକାରୀ, ମୁଖ୍ୟ ପରିଚାଳକ, ତିନିଜଣ ପରିଚାଳକ ଏବଂ ନିର୍ଦ୍ଦେଶକ ସମ୍ପୃକ୍ତ ଆପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଜୁନ ୨୦୨୨ରୁ ଜୁନ ୨୦୨୩ମଧ୍ୟରେ ଜାରି କରାଯାଇଥିବା ନିର୍ଦ୍ଦେଶ ମାଧ୍ୟମରେ ସମସ୍ତ ଅଧିକାରୀଙ୍କୁ କ୍ଷମା ଦିଆଯାଇଥିଲା। ଏହି ରିପୋର୍ଟରେ କୁହାଯାଇଛି ଯେ ଅଧିକାରୀମାନଙ୍କୁ ଦୋଷମୁକ୍ତ କରିବା ଆୟୋଗଙ୍କ ପରାମର୍ଶର ଚରମ ଉଲ୍ଲଂଘନ। ଅଧିକନ୍ତୁ ଏସବିଆଇ କ୍ଷେତ୍ରରେ, ବ୍ୟାଙ୍କର ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ନୂତନ / ବିଦ୍ୟମାନ ଶାଖାଗୁଡ଼ିକର ସ୍ଥାନାନ୍ତର / ନବୀକରଣ / ମରାମତି କାର୍ଯ୍ୟ ଏବଂ ନିର୍ଦ୍ଧାରିତ ପଦ୍ଧତି ଅନୁସରଣ ନ କରି ସ୍ଥିର ସମ୍ପତ୍ତି କ୍ରୟ କରିବାରେ ବିପୁଳ ଖର୍ଚ୍ଚ କରିଛି। ବିଭାଗୀୟ ଅନୁସନ୍ଧାନ ପରେ ଅନୁଶାସନ କର୍ତ୍ତୃପକ୍ଷ ଉଭୟ ଅଧିକାରୀ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଏବଂ ଜଣେ ମୁଖ୍ୟ ପରିଚାଳକ)ଙ୍କ ଉପରେ ଏକ ବଡ଼ ଦଣ୍ଡବିଧାନ କରିଥିଲେ, ଯାହା ବିରୁଦ୍ଧରେ ଅକ୍ଟୋବର ୨୦୨୦ରେ ଆୟୋଗର ମୁଖ୍ୟ ଦଣ୍ଡବିଧାନ ପ୍ରକ୍ରିୟା ଆରମ୍ଭ କରିବାକୁ କମିଶନ ପରାମର୍ଶ ଦେଇଥିଲେ। ଆବେଦନକାରୀ କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କର ଦୋଷକୁ ଗମ୍ଭୀର ବୋଲି ବିବେଚନା କରିଥିଲେ ଏବଂ ଉଭୟ ଅଧିକାରୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ପ୍ରକାଶ ଥାଉକି, ସମୀକ୍ଷା କମିଟି ପକ୍ଷରୁ ସେପ୍ଟେମ୍ବର ୨୦୨୨ରେ ଜାରି କରାଯାଇଥିବା ଆଦେଶ ଜରିଆରେ ପ୍ରଶାସନିକ ଚେତାବନୀକୁ ପରିବର୍ତ୍ତନ କରାଯାଇଥିଲା। ଡିଜେବି ମାମଲାକୁ ଦର୍ଶାଇ ରିପୋର୍ଟରେ ଦର୍ଶାଯାଇଛି ଯେ କେତେକ କାର୍ଯ୍ୟର କାର୍ଯ୍ୟକାରିତା ସମୟରେ ଅସମ୍ପୂର୍ଣ୍ଣ / ଅବ୍ୟବହୃତ କାର୍ଯ୍ୟକୁ ଗ୍ରହଣ କରିବା, ଅତିରିକ୍ତ ସାମଗ୍ରୀ ବୁକିଂ, ଅଧିକ ଦେୟ ପ୍ରଦାନ ଏବଂ କଣ୍ଟ୍ରାକ୍ଟରଙ୍କୁ ଠକାମୀର ଦେୟ ଭଳି ଅନିୟମିତତା ହୋଇ ରାଜକୋଷର ବହୁତ କ୍ଷତି ହୋଇଥିଲା। ଜୁନିଅର ଇଞ୍ଜିନିୟର (ଜେଇ)ଙ୍କ ବିରୋଧରେ ପ୍ରମୁଖ ଦଣ୍ଡବିଧାନ ପ୍ରକ୍ରିୟା ଆରମ୍ଭ କରିବାକୁ ଆୟୋଗ ପ୍ରଥମ ପର୍ଯ୍ୟାୟରେ ପରାମର୍ଶ ଦେଇଥିଲେ, ଯାହା ଜୁନ ୨୦୨୨ ରେ ଜାରି କରାଯାଇଥିବା ନିର୍ଦ୍ଦେଶ ମାଧ୍ୟମରେ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲାଗୁ କରାଯାଇଥିଲା। ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦଣ୍ଡିତ ହୋଇ ଜେଇ ଆପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ, ଯାହା ଶୃଙ୍ଖଳା କର୍ତ୍ତୃପକ୍ଷଙ୍କ ଆଦେଶକୁ ସମର୍ଥନ କରିଥିଲା। ଜେଇ ତାପରେ ସଂଶୋଧନ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ସଂଶୋଧନ ଆବେଦନ କରିଥିଲେ, ଯାହା ଗତ ବର୍ଷ ଜୁଲାଇ ୩ ତାରିଖର ଆଦେଶକୁ ଭିତ୍ତିଓ କରି ବୃହତ ଜରିମାନାକୁ ଏକ ଛୋଟ ଜରିମାନାରେ ପରିଣତ କରିଥିଲା । ରିଭିଜନ ଅଥରିଟି ଦ୍ୱାରା ଏକ ନାମମାତ୍ର ଜରିମାନା ଲାଗୁ କରିବା କମିଶନଙ୍କ ପରାମର୍ଶକୁ ଅଣଦେଖା କରିବା ବୋଲି ରିପୋର୍ଟରେ କୁହାଯାଇଛି। ଦିଲ୍ଲୀ ସରକାରଙ୍କ ରିପୋର୍ଟରେ କୁହାଯାଇଛି ଯେ ଖର୍ଚ୍ଚ ଏବଂ ସିଭିସି ବିଭାଗ ଦ୍ୱାରା ଦିଆଯାଇଥିବା ଗାଇଡଲାଇନକୁ ଉଲ୍ଲଂଘନ କରି ଏକ ଘରୋଇ କମ୍ପାନୀକୁ ମାନବ ଶକ୍ତି ପାଇଁ ଚୁକ୍ତିନାମା ପ୍ରଦାନରେ ହେରଫେର ପରିଲକ୍ଷିତ ହୋଇଛି । ଦକ୍ଷ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନ ନେଇ ଏବଂ ଫାର୍ମର ଆବଶ୍ୟକୀୟ ଲାଇସେନ୍ସ ନ ଥିବା ଏକ ଘରୋଇ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଥିଲା। ଅଗଷ୍ଟ ୨୦୨୧ରେ ଆୟୋଗ ଜଣେ ପ୍ରଶାସନିକ ଅଧିକାରୀ ତଥା ଏହି ମାମଲାରେ ଜଡ଼ିତ ଅନ୍ୟ ଅଧିକାରୀଙ୍କ ବିରୋଧରେ ବଡ଼ ଦଣ୍ଡବିଧାନ ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ରିପୋର୍ଟରେ ଦର୍ଶାଯାଇଛି ଯେ ଆୟୋଗଙ୍କ ପରାମର୍ଶ ଅନୁଯାୟୀ ଗତ ବର୍ଷ ଜୁଲାଇରେ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ହଟାଇ ଦେଇଥିଲେ।

## ଜିଲ୍ଲାସ୍ତରରେ ଖୋଲିବ ...

କରିଛନ୍ତି । ବିଗତ ଦିନରେ ଅଧିକ ସଂଖ୍ୟାରେ ଲୋକ ଆସୁଥିବାରୁ ସମାଧାନରେ ସମସ୍ୟା ହେଉଥିଲା। ସରଳୀକରଣ ପାଇଁ ନିର୍ଦ୍ଦିଷ୍ଟ ସମୟ ରଖାଯାଇଛି । ଦେଢ଼ ମାସ ବିଧାନସଭା ଥିବାରୁ କାର୍ଯ୍ୟକ୍ରମ ବନ୍ଦ ଥିଲା । ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଏବଂ ତଳସ୍ତରକୁ ଯିବା ପାଇଁ ଆଗାମୀ ଦିନରେ ବ୍ୟବସ୍ଥା ରହିଛି । ଜନସାଧାରଣ ଅଭିଯୋଗ ପତ୍ର ଦାଖଲ କରିବେ । ରବିବାର କେନ୍ଦୁଝରେ ଗସ୍ତ ବେଳେ ବି ଏଭଳି କହିଛନ୍ତି । ବିଗତ ଦିନର ସରକାର ଏବଂ ଏବେର ସରକାର ଭିତରେ ପାର୍ଥକ୍ୟ ହେଉଛି ଲୋକଙ୍କ ସରକାର ମୋହନ ମାଝୀଙ୍କ ସରକାର । ଲୋକଙ୍କ ବ୍ୟବସ୍ଥାକୁ ସମାଧାନ କରୁଥିବା ସରକାର ମୋ ପାଖକୁ ଆସିଥିବା ଅଭିଯୋଗ ସଙ୍ଗେ ସଙ୍ଗେ ସମାଧାନ କଲି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ ସମୟରେ ଶୁଣାଣି କରିବେ ବୋଲି ମନ୍ତ୍ରୀ ରବି ନାୟକ କହିଛନ୍ତି।

## ବଜ୍ରାଘାତରେ...

୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି । ସେହିପରି ଆହତଙ୍କୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ୟୁଟିଆଇ, ଟାଇଫଏଡ...

ଭର୍ତ୍ତି ହୋଇଥିବା ସମସ୍ତ ଡାକ୍ତରଖାନା ଏବଂ କ୍ଲିନିକର ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିପାଇଁ ମୋଟ ୯୯,୪୯୨ ନମୁନା ନିଆଯାଇଥିଲା । ପରୀକ୍ଷଣରେ ଇଶ୍ଚେରିଆ କୋଲି, କ୍ଲେବସିଏଲା ନିମୋନିଆ, ସ୍ୟୁଡୋମାନସ ଏରୁଗିନୋସା ଏବଂ ଷ୍ଟାଫିଲୋକୋକସ ଅରିଅସ ଭଳି ବ୍ୟାକ୍ଟିରିଆ ଉପରେ ଆଣ୍ଟିବାୟୋଟିକର ପ୍ରଭାବ ପରୀକ୍ଷଣ କରାଯାଇଥିଲା। ଏହି ବ୍ୟାକ୍ଟେରିଆଗୁଡିକ ଶରୀରର ବିଭିନ୍ନ ଅଙ୍ଗ ଯେପରିକି ରକ୍ତ, ମୂତ୍ର, ଶ୍ୱାସକ୍ରିୟା ଏବଂ ସଂକ୍ରମଣରୁ ମିଳିଥାଏ। ପରୀକ୍ଷଣରୁ ଜଣାପଡ଼ିଲା ଯେ, କେତେକ ସାଧାରଣ ପ୍ରକାର ଆଣ୍ଟିବାୟୋଟିକ ଏସବୁ ବ୍ୟାକ୍ଟେରିଆ ଉପରେ କାମ କରୁନାହିଁ। ବିଶେଷ କରି ଇଶ୍ଚେରିଆ କୋଲି ବ୍ୟାକ୍ଟିରିଆ, ଯାହା ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନରେ ଚିହ୍ନଟ ହୋଇଥାଏ, ଏଥିରେ ଆଣ୍ଟିବାୟୋଟିକର ପ୍ରଭାବ ଖୁବ କମ୍ । ଭାରତ ବଜାରରେ ଉପଲବ୍ଧ ଥିବା ସେଫୋଟାକ୍ସାଇମ, ସେଫ୍ଟାଜାଇଡିମ, ସିପ୍ରୋଫ୍ଲୋକ୍ସାସିନ ଏବଂ ଲେଭୋଫ୍ଲୋକ୍ସାସିନ ଆଣ୍ଟିବାୟୋଟିକ ଇଶ୍ଚେରିଆ କୋଲି ଉପରେ ୨୦%ରୁ କମ ପ୍ରଭାବ ପକାଉଛି। ସେହିଭଳି, କ୍ଲେବସିଏଲା ନିମୋନିଆ ଏବଂ ସିଉଡୋମାନାସ ଏରୁଗିନୋସା ବ୍ୟାକ୍ଟେରିଆ ପାଇଁ ଦିଆଯାଉଥିବା ପାଇପେରାସିଲିନ୍-ଟାଜୋବ୍ୟାକ୍ଟାମ, ଇମିପେନେମ ଏବଂ ମେରୋପେନେମ ପ୍ରଭାବ ପକାଉ ନାହିଁ। ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ସମୟ ସହିତ ଅନେକ ଆଣ୍ଟିବାୟୋଟିକର ପ୍ରଭାବ ହ୍ରାସ ପାଉଛି। ଉଦାହରଣ ସ୍ୱରୂପ, ପାଇପେରାସିଲିନ୍-ଟାଜୋବ୍ୟାକ୍ଟମ ୨୦୧୭ରେ ୫୬.୮% ପ୍ରଭାବ ଦେଖା ଦେଉଥିଲା । ମାତ୍ର ୨୦୨୩ରେ ଏହା ୪୨.୪%କୁ ଖସି ଆସିଛି । ଏପରିକି ସାଧାରଣତଃ ବ୍ୟବହାର ହେଉଥିବା ଆଣ୍ଟିବାୟୋଟିକ ଯେପରିକି ଆମିକାସିନ ଏବଂ ମେରୋପେନେମ ମଧ୍ୟ ସଂକ୍ରମଣ ସହ ମୁକାବିଲା କରିବାର କ୍ଷମତା ହରାଉଛି। ଆଇସିଏମଆର ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ, ସାଲମୋନେଲା ଟାଇଫ ପରି ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆ ବିରୁଦ୍ଧରେ ଫ୍ଲୋରୋକୁଇନୋଲୋନ୍ସ ୯୫%ରୁ ଅଧିକ ପ୍ରଭାବ ପକାଉଛି। ଏହି ଆଣ୍ଟିବାୟୋଟିକ ସାଧାରଣତଃ ଗୁରୁତର ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହାର ହୁଏ। ଏହି ପରୀକ୍ଷଣ ବ୍ୟାକ୍ଟେରିଆ ଉପରେ ଆଣ୍ଟିବାୟୋଟିକର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥାଏ ବୋଲି ଅନୁସନ୍ଧାନକାରୀମାନେ କହିଛନ୍ତି । ତେଣୁ ଏହାକୁ ଦୂର କରିବା ପାଇଁ ଜରୁରୀ କାର୍ଯ୍ୟାନୁଷ୍ଠାନ ନେବାକୁ ରିପୋର୍ଟରେ ଦର୍ଶାଯାଇଛି। ଏହି ଅଧ୍ୟୟନ ମଧ୍ୟ କୃଷି କ୍ଷେତ୍ରରେ ସାଙ୍ଘାତିକ ଆଣ୍ଟିବାୟୋଟିକ୍ସର ଅପବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛି। କୃଷି କ୍ଷେତ୍ରରେ କ୍ରିଟିକାଲ ଆଣ୍ଟିବାୟୋଟିକର ଅପବ୍ୟବହାର କାରଣରୁ ମାନବ ଶରୀରରେ ପ୍ରତିରୋଧତା କ୍ଷମତା ହ୍ରାସ ପାଉଛି। ଫଳରେ ଆଣ୍ଟିବାୟୋଟିକ କାମ କରୁନାହିଁ । ତେଣୁ ମାନବ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ଉପରେ ଅତ୍ୟାବଶ୍ୟକ ଆଣ୍ଟିବାୟୋଟିକ୍ସର ପ୍ରଭାବକୁ ବଳବତ୍ତର ରଖିବା ପାଇଁ ଦୃଢ଼ ପଦକ୍ଷେପ ଆବଶ୍ୟକ ବୋଲି ଅନୁସନ୍ଧାନକାରୀମାନେ କହିଛନ୍ତି।

# ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୪ତମ ବାର୍ଷିକୋତ୍ସବ

# ପରିବର୍ତ୍ତନର ସୂତ୍ରଧର ହେଉଛନ୍ତି ପ୍ରଗତିଶୀଳ ଲେଖକ : ବାଚସ୍ପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମାଜକୁ ପରିବର୍ତ୍ତନ କରିବା କ୍ଷେତ୍ରରେ କବି, ଲେଖକ ଓ ସାରସ୍ୱତ ସାଧକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପାରମ୍ପରିକ ଚିନ୍ତାଧାରାରୁ ବାହାରକୁ ଯାଇ ଯେତେବେଳେ ଲେଖକ ଲେଖନୀ ଚାଳନା କରେ, ସେତେବେଳେ ତାକୁ ପ୍ରଗତିଶୀଳ ଲେଖକ ବୋଲି କୁହାଯାଏ । ସାମାଜିକ ଜୀବନରେ ଅନେକ ପ୍ରକାର ପ୍ରସଙ୍ଗ ରହିଛି ଏବଂ ସେଗୁଡ଼ିକ ମଧ୍ୟରୁ ଅନେକର ସଂସ୍କାର କିମ୍ବା ପରିବର୍ତ୍ତନ ଆବଶ୍ୟକ । ଏହି ପରିବର୍ତ୍ତନର ସୂତ୍ରଧର ହେଉଛନ୍ତି ପ୍ରଗତିଶୀଳ ଲେଖକ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି । ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୪ତମ ବାର୍ଷିକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ପ୍ରଗତିଶୀଳ ଲେଖକ ଗୋଷ୍ଠୀ ସମାଜର ଦିଗ୍‌ଦର୍ଶକ ଏବଂ ସମାଜର ଶୁଭ ଚିନ୍ତକ । ସେମାନଙ୍କର କଲମ ମୂନ ବଜ୍ରଠାରୁ ମଧ୍ୟ ଶକ୍ତ । ସମୟକୁ ନେଇ ପରିବର୍ତ୍ତନ ସାମାଜିକ ଜୀବନକୁ ମଧୁମୟ କରେ । ଏ କ୍ଷେତ୍ରରେ ଜଣେ ଲେଖକ ସାଧାରଣ ମଣିଷଠାରୁ ଅଲଗା ଏବଂ ଭିନ୍ନ ଧରଣର ଚିନ୍ତା କରେ । ଆମର ପ୍ରଗତିକୁ ସ୍ୱାଗତ କରିବାକୁ ପଡ଼ିବ । ବର୍ତ୍ତମାନ ସମାଜର ଅନେକ କ୍ଷେତ୍ରରେ ପ୍ରଗତି ଏବଂ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ ଲେଖକମାନେ ବିଭିନ୍ନ ପ୍ରକାରର ଗଣମାଧ୍ୟମର ଉପଯୋଗ କରିବା ସହ ଏକ ନୂତନ ରାଷ୍ଟ୍ର ଗଠନ ଦିଗରେ ଦିଗଦର୍ଶନ ଦେବେ ବୋଲି ଶ୍ରୀମତୀ ପାଢ଼ୀ ଆଶା ପ୍ରକାଶ କରିଥିଲେ । ମହାସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ କହିଲେ ଯେ ପ୍ରଗତିଶୀଳ ଲେଖକମାନେ ଦେଶ ଓ ଜାତିକୁ ଆଗେଇ ନେବାରେ ସହାୟକ ହୋଇପାରିବେ । ପ୍ରଗତି ବିନା ଉନ୍ନତି ଓ ସମୃଦ୍ଧି କଷ୍ଟକର । କଲମ ମୂନର ଧାର, ଖଣ୍ଡାର ଧାରଠାରୁ ଆହୁରି ଶାଣିତ । ଏକ ନିଶାମୁକ୍ତ ତଥା ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ଦିଗରେ ପ୍ରଗତିଶୀଳ ଲେଖକମାନେ ଆଗେଇ ଆସିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଲେ ଯେ ଲେଖକମାନେ ହେଉଛନ୍ତି ସମାଜର ଦିଗ୍‌ଦର୍ଶକ । ସମାଜ ଗଠନ ଦିଗରେ ଲେଖକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଲେଖକମାନେ ନୂତନ ଚିନ୍ତା, ଆଭିମୁଖ୍ୟ ଓ ଲକ୍ଷ୍ୟ ନେଇ ସମାଜରେ ପରିବର୍ତ୍ତନ ଆଣିପାରିବେ । ଲେଖା ଓ ଲେଖକର ସବୁବେଳେ ଗୁରୁତ୍ୱ ରହିଛି ବୋଲି ସେ ପ୍ରକାଶ କରିଥିଲେ । ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସଂପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଅନୁଷ୍ଠାନର ଉପସଭାପତି ପ୍ରଭାତ ବେଉରା, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରଗତିଶୀଳ ଲେଖକମାନଙ୍କର ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିଥିଲେ । ସଂପାଦକ କସ୍ତୁରୀ ଚରଣ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଡ. ନୃସିଂହ ନନ୍ଦ ମହାପାତ୍ରଙ୍କ ରଚିତ 'ହିମାଳୟର ବୈଦିକ ମନ୍ତ୍ରବାଣୀ', ଉପେନ୍ଦ୍ରନାଥ ବଳିୟାରସିଂଙ୍କ 'ପ୍ରଭୁ ଯାହା କୁହନ୍ତି' ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ କବି କୁଞ୍ଜବିହାରୀ ପାଢ଼ୀ, ଡ. ନୃସିଂହ ନନ୍ଦ ମହାପାତ୍ର, ଉପେନ୍ଦ୍ର ନାଥ ବଳିୟାର ସିଂ, ଶ୍ରୀମତୀ ପ୍ରତିମା ମିଶ୍ର, ଶେଖ ଅବ୍‌ଦୁଲ୍ କୁଦ୍ଦୁସ୍, ଶ୍ରୀମତୀ ସାଧନା ପଣ୍ଡା, ବରିଷ୍ଠ ସାମ୍ବାଦିକ ପପୁ ମହାନ୍ତି, ସୌଭାଗ୍ୟ ନାୟକ, ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ, ବିପ୍ଳବ ସାମନ୍ତରାୟ, ଗୋଲକ ବିହାରି ପରିଡ଼ା, ସୁକାନ୍ତ ବିଶ୍ୱାଳ, ଶ୍ରୀମତୀ ଗୌରୀ ପାଢ଼ୀ, ଅରବିନ୍ଦ ପ୍ରଧାନ, ବିନୋଦ ବେହେରା, ବିବେକା ନନ୍ଦ ବା ରିକ, ଦାନିସ୍ ପ୍ରଧାନ ଓ ପୂଜା ହେମ୍ବ୍ରମ୍ ପ୍ରମୁଖ ୧୮ ଜଣଙ୍କୁ ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବି ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି କବିତା ପାଠ କରିଥିବାବେଳେ ଶିକ୍ଷ ବେଣୁ ପତିହାରୀ ଓ ଅଧ୍ୟାପିକା ସୌଦାମିନୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କବି ଗୋଲକ ବିହାରୀ ନାୟକ ଓ ପ୍ରଭାବ ରଞ୍ଜନ ଦାସ ଉପସ୍ଥିତ ଥିଲେ ।

# ଗୋପାଳପୁରରେ ସ୍ୱାସ୍ଥ୍ୟ ସେବା ଶିବିରରେ ଯୋଗ ଦେଲେ ପରିବହନ ମନ୍ତ୍ରୀ ବିଭୁତି ଜେନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଆଜି ଗୋପାଳପୁରରେ ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱାସ୍ଥ୍ୟସେବା ଶିବିରରେ ଯୋଗ ଦେଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଦେଶବ୍ୟାପୀ ଚାଲୁଥିବା ସେବା ସପ୍ତାହ ପାଳନ କରାଯାଉଛି । ଏହି କ୍ରମରେ ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି।

# 'ସୁରଭି' କାର୍ଯ୍ୟକ୍ରମରେ ଯୋଗ ଦେଲେ ଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସ୍ଥିତ ଗୋନା ଗାଁ'ର ଆଂଚଳିକ ସାଧନା କେନ୍ଦ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଓଡ଼ିଶାର ଲୋକକଳା ଓ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ପିଲାମାନଙ୍କୁ ଗୁଣାତ୍ମକ ଉପଦେଶ ପ୍ରଦାନ କରିବା ସହିତ ସେମାନେ ବଡ଼ ହୋଇ କଣ କରିବେ, କିପରି ଆଗକୁ ବଢିବେ ଏବଂ ମୁଖ୍ୟତଃ କିପରି ଭଲ ମଣିଷଟିଏ ହୋଇପାରିବେ ସେ ବିଷୟରେ ତାଙ୍କୁ ବୁଝାଇଥିଲେ । ଏଥିସହିତ ଆୟୋଜିତ ପ୍ରତିଯୋଗୀତାରେ କୃତୀ ପ୍ରତିଭାଙ୍କୁ ସେ ପୁରସ୍କୃତ କରିଛନ୍ତି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗୋଷ୍ଠୀ ସଚେତନତା ଅଭିଯାନ ସହିତ ଅନ୍ତର୍ଜାତୀୟ ଓଜନ ଦିବସ ପାଳନ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**



ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଗୋଷ୍ଠୀ ସଚେତନତା ଅଭିଯାନ ଆରମ୍ଭ କରି ଅନ୍ତର୍ଜାତୀୟ ଓଜନ ଦିବସ ପାଳନ କରିଛି, ଏହା ପରେ ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରାଯାଇଥିଲା ଯାହା ଓଜୋନ ସ୍ତରୀୟ ସୁରକ୍ଷା ଓ ପରିବେଶ ସ୍ଥିରତାକୁ ପ୍ରୋତ୍ସାହିତ ଉଦ୍ଦେଶ୍ୟରେ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ୧୩ ଉପରେ ଏହାର ପ୍ରତିବଦ୍ଧତାର ଏକ ବଳିଷ୍ଠ ପ୍ରମାଣ ସ୍ୱରୂପ।

ଏହି ଅଭିଯାନର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଗୋଷ୍ଠୀ ସହ ସଂପୃକ୍ତ ହୋଇ ପୃଥିବୀର ଜୀବନକୁ ସୁରକ୍ଷିତ ରଖିବାରେ ଓଜୋନ ସ୍ତରର ଗୁରୁତ୍ୱପୂର୍ଣ୍ଣ ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଏହାକୁ କ୍ଷତିକାରକ ଅତିବାଇଗଣୀ ବିକିରଣରୁ କିପରି ରକ୍ଷା କରିଥାଏ ସେବିଷୟରେ ସଚେତନତା ପ୍ରସାର କରିଥିଲା। ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନୀଲ ଗୁପ୍ତା ତାଙ୍କର ମତ ଦେଇ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ସ୍ଥିରତା ପ୍ରତିଶ୍ରୁତି ସହ କାର୍ଯ୍ୟ ପରିସର ଓ ବାହାର ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ଅଛୁ। ଗୋଷ୍ଠୀ ସଚେତନତା ମାଧ୍ୟମରେ ପରିବେଶକୁ ସୁରକ୍ଷିତ ରଖିବା ଲାଗି ଆମେ ଓଜୋନ ସ୍ତରର ସଂରକ୍ଷଣ ପାଇଁ ସାମୁହିକ କାର୍ଯ୍ୟକୁ ପ୍ରେରଣା ଦେବା ଲାଗି ଗୋଷ୍ଠୀ ସହିତ ଜଡ଼ିତ ହେବା ଆବଶ୍ୟକ, ଯାହା ପୃଥିବୀର ପରିବେଶ ସନ୍ତୁଳନ ବଜାୟ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

ବେଦାନ୍ତ ଆଲୁମିନିୟମ ପରିବେଶ ସ୍ଥିରତା, ନିର୍ଗମନକୁ ହ୍ରାସ କରିବା, ଶକ୍ତି ଦକ୍ଷତା ବୃଦ୍ଧି ଓ ଏହାର ପରିବେଶ ପଦଚିହ୍ନକୁ କମ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ଓ ଓଜନ ସ୍ତରକୁ ସୁରକ୍ଷା ଦେବା ପାଇଁ କମ୍ପାନିର ପଦକ୍ଷେପ ଗୁଡ଼ିକ ବିଶ୍ୱସ୍ତରୀୟ ପ୍ରୟାସ ସହିତ ସମାନ ହୋଇଛି, ସ୍ଥିରତା ଓ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଅଭ୍ୟାସ ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଇ ଆସିଛି। ଏଥିପାଇଁ ଏହା ଆଲୁମିନିୟମ ଶିଳ୍ପ ପାଇଁ ସମ୍ମାନିତ ଏସ ଆଣ୍ଡପି କର୍ପୋରେଟ ସଷ୍ଟେନବିଲିଟି ଆସେସମେଂଟ ର୍ୟାଙ୍କିଙ୍ଗରେ ୨୦୨୩ ରେ ଶୀର୍ଷ ସ୍ଥାନ ଲାଭ କରିଛି।

ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୪ ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମ ଏସଆଣ୍ଡପି ଗ୍ଲୋବାଲ କର୍ପୋରେଟ ସସଟାନବିଲିଟି ଆସସମେଂଟ ୨୦୨୩ରେ ଆଲୁମିନିୟମ ଉଦ୍ୟୋଗ ପାଇଁ ପ୍ରଥମ ର୍ୟାଙ୍କ ଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା। ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନିୟମ ରିଫାଇନାରୀ ଓ ପାୱାରପ୍ଲାଂଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଂଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।


i-185

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପିପିଲି

OFFICE OF THE PANCHAYAT SAMITI, PIPILI

Phone : 06758-240746
: 06758-240745
e-Mail : ori-pipili@nic.in

No : 4325/ "e" Procurement Notice Date 21-09-24

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. Tender Reference No. | : | 11/ PSP/2023-24 |
| 2. Name of the Work | : | Construction of Additional Class Room at Govt. U.G High School , Kamakantia |
| 3. No. of works | : | 1 Nos. |
| 4. Estimated Cost | : | Rs.13,57,615 /- |
| 5. Earnest Money Deposit (EMD) | : | Rs. 13,577/- |
| 6. Period of Completion | : | 90 Days |
| 7. Date &Time of Bidding | : | 23/09/2024 at 11.00 AM |
| 8. Last date & time for receipt Of bids in the portal | : | 03/10/2024 at 5.00 PM |
| 9. Bids received online shall be opened on | : | 05/10/2023 at 10.00 AM |
| 10. Name and address of the Officer inviting Bid | : | O/o-Block Development Officer, Pipili |

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.

Block development Officer, Pipili

OIPR-19373/11/0002/2425



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

Housing & Urban Development Department, Govt. of Odisha

ପାରାଦୀପ ପୌର ପରିଷଦ, ପାରାଦୀପ

OFFICE OF THE PARADEEP MUNICIPALITY, PARADEEP

At/ Po.- Paradeep, Dist.- Jagatsinghpur (Odisha), Pin- 754142

No-3982/ dt 23-09-2024

e-Procurement Notice C-649

| | |
|---|---|
| Tender Call Notice No. | : 3969/ dt.20.09.2024 |
| Bid Identification No. | : EO/PDPM/W_01/2024-25 |
| Tender ID | : 2024_ORULB_105057 |
| Nature of Works | : Civil Works |
| Number of Works | : 37 |
| Tender Value | : ₹2.63 Lakh to₹14.86 Lakh |
| Available Period | : dt.24.09.2024 from 17:00 hrs to dt.08.10.2024 17:00 hrs |
| Tender Opening Date | : dt.09.10.2024 at 11:00 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their Class-II or Class-III DSC before the closing date.

Executive Officer
Paradeep Municipality

OIPR-13120/11/0010/2425


# ଓଡ଼ିଶା ପୋଲିସରେ ଖାଲିଥିବା ପଦବୀ ପାଇଁ ଆବେଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା ପୋଲିସର ବିଭିନ୍ନ ବାଟାଲିୟନରେ ଖାଲିଥିବା ସିପାହୀ / କନଷ୍ଟେବଳ( ୧୩୬୦ ପଦବୀ )ଏବଂ ଡିପିଓ କ୍ୟାଡରରେ ଖାଲିଥିବା କନିଷ୍ଠ କିରାଣୀ( ୧୭୭ ପଦବୀ) ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଚ୍ଛୁକ ତଥା ଯୋଗ୍ୟ ପ୍ରାର୍ଥୀମାନେ ଓଡ଼ିଶା ପୋଲିସ ୱେବସାଇଟରେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ ଓ ଆବେଦନ କରିପାରିବେ।

# ଫରେଷ୍ଟରଙ୍କ ଆତ୍ମହତ୍ୟା ଘଟଣାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଫରେଷ୍ଟରଙ୍କ ଆତ୍ମହତ୍ୟା ଘଟଣାରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ତଦନ୍ତ ନେଇ ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି । ବନବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଘଟଣାର ଡିପାର୍ଟମେଂଟାଲ ଇନକ୍ୱାରୀ ଆରମ୍ଭ ହୋଇଛି । ସୁଇସାଇଡାଲ୍ ନୋଟ୍‌ରେ ଡିଏଫଓଙ୍କ ନାଁ ଥିବାରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସିସିଏଫ୍ ରାଙ୍କର ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଛି ବନ ବିଭାଗ । ଯଥାଶୀଘ୍ର ତଦନ୍ତ ସାରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।


ପୂର୍ବ ତଟ ରେଳପଥ

ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ସଂ.: SDCM/KUR/STBA/Notification/Phase-XXV, ତା.16.09.2024ରିଖ

ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 04 (ଚାରି) ଗୋଟି "NSG-6" ବର୍ଗର ଷ୍ଟେସନଗୁଡ଼ିକ ଠାରେ କମିଶନ ଭିତ୍ତିରେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS)ମାଧ୍ୟମରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ 03 (ତିନି) ବର୍ଷ ପାଇଁ "ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ" (STBA)ଙ୍କ ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଦତ୍ତ ଫର୍ମାଟ୍ ଅନୁଯାୟୀ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍ ମଣ୍ଡଳଙ୍କ କାର୍ଯ୍ୟାଳୟ ଠିକଣାରେ ଦରଖାସ୍ତ କରିପାରିବେ ।

ଷ୍ଟେସନଗୁଡ଼ିକର ନାମ

"NSG-6" ବର୍ଗର ଷ୍ଟେସନ ସମୂହ : (03 ବର୍ଷ ଅବଧି ନିମନ୍ତେ) : ଆବଶ୍ୟକ STBAs ସଂଖ୍ୟା- ଦିବାରାତ୍ର କାର୍ଯ୍ୟକରିବା ପାଇଁ ପ୍ରତ୍ୟେକ ଷ୍ଟେସନଠାରେ କେବଳ ଏକ (01) STBA ।

"NSG-6" ବର୍ଗ : (1) ଖୋର୍ଦ୍ଧା ଟାଉନ୍ (KURT), (2) ଝାଡୁପୁଡ଼ି (JPI), (3) ବରୁଭା (BAV), (4) ଗୁରୁଡ଼ିଝାଟିଆ (GJTA) ।

ଉପରୋକ୍ତ ଷ୍ଟେସନଗୁଡ଼ିକ ପାଇଁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.15.10.2024 ରିଖ 1100 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍ ମଣ୍ଡଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଯଦି ଶେଷ ଦିନ ଅର୍ଥାତ୍ ତା.15.10.2024 ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ ତେବେ ଦରଖାସ୍ତ ଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ ।

ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.15.10.2024 ରିଖ 1100 ଘଟିକା ପର୍ଯ୍ୟନ୍ତ ।
ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ : ତା.15.10.2024 ରିଖ 1130 ଘଟିକାରେ ।

କୌଣସି କାରଣ ନଦର୍ଶାଇ ଯେକୌଣସି ଦରଖାସ୍ତକୁ ଗ୍ରହଣ ବା ବାତିଲ କରିବାର ଅଧିକାର ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ଅଟେ ।

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଏବଂ ଦରଖାସ୍ତ ଫର୍ମାଟ ନିମନ୍ତେ ଦୟାକରି ଆମ ୱେବସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ଅବଲୋକନ କରିପାରିବେ କିମ୍ବା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା, ପିନ୍-752050 ଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

PR-543/P/24-25 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

ଭୁବନେଶ୍ୱର
୨୪ ସେପ୍ଟେମ୍ବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ଓଡ଼ିଶାର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ୧୨୨ ତମ ସମାବର୍ତ୍ତନ ଉତ୍ସବରେ 'କବି ଗଙ୍ଗାଧର ମେହେର କବିତା ସମ୍ମାନ' ପାଇବା ଅବସରରେ କବି ଦୁର୍ଗା ଚରଣ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଚିତ୍ତରଞ୍ଜନ ଦାଶ ଓ ଉତ୍କଳ ରତ୍ନ ସମ୍ମାନ ପ୍ରାପ୍ତ ପ୍ରଖ୍ୟାତ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ମଞ୍ଚରେ ଉପସ୍ଥିତ ଅଛନ୍ତି ଅନୁଷ୍ଠାନର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ। (ଫଟୋ : ସମ୍ବାଦ କଳିକା)

# ଆଜି ମୂଳାଷ୍ଟମୀ : ଶାରଦୀୟ ପୂଜା ଆରମ୍ଭ, ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ

**ପୁରୀ,୨୩/୦୯ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଶ୍ରୀମନ୍ଦିରରେ ମୂଳାଷ୍ଟମୀ । ଶ୍ରୀକ୍ଷେତ୍ରସ୍ଥିତ ଦେବୀ ପୀଠ ତଥା ଶ୍ରୀମନ୍ଦିରରେ ମା'ବିମଳାଙ୍କ ଷୋଳ ପୂଜାର ଶୁଭାରମ୍ଭ । ଦେବୀ ଦୁର୍ଗାଙ୍କ ସହସ୍ରକୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହେବ । ପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରୀନହରରେ ବ୍ରାହ୍ମଣମାନେ ବରଣ ହେବେ । ଆସନ୍ତା ମାସ ଅକ୍ଟୋବର ୨ ତାରିଖ ମହାଳୟାରୁ ଶ୍ରୀଦୁର୍ଗାମାଧବଙ୍କ ବାହାର ବିଜେ । ମହାପ୍ରଭୁଙ୍କ ଶାକ୍ତ ଗୁଣ୍ଡିଚା ଆରମ୍ଭ । ଦେବଦେବୀ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀଙ୍କ ମନ୍ଦିରକୁ ବିଜେ କରିବେ । ୯ ତାରିଖ ବୁଧବାର ମା'ବିମଳାଙ୍କ ପୀଠରେ ମହାସପ୍ତମୀ, ୧୦ ତାରିଖ ଗୁରୁବାର ମହାଷ୍ଟମୀ, ୧୧ ତାରିଖ ଶୁକ୍ରବାର ମହାନବମୀ ପୂଜା ଅନୁଷ୍ଠିତ ହେବ । ୧୨ ତାରିଖରେ ମା'ଙ୍କ ବିଶ୍ରାମ ପୂଜା ହୋଇ ୧୩ ତାରିଖ ରବିବାର ଠାକୁରାଣୀଙ୍କ ଦଶହରା ପୂଜା ସମ୍ପନ୍ନ ହେବ ।



ଷୋଳ ପୂଜା ଅବସରରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ରତ୍ନଭଣ୍ଡାରରୁ ମା'ଦୁର୍ଗାଙ୍କର ସ୍ୱର୍ଣ୍ଣ ପ୍ରତିମା ରତ୍ନ ସିଂହାସନରେ ବିଜେ ହେବେ । ମା'ସୁଭଦ୍ରାଙ୍କ ଆଜ୍ଞାମାଳ ମା'ଦୁର୍ଗାଙ୍କୁ ଲାଗି କରାଯିବ । ମା'ଦୁର୍ଗା ସୋମନାଥ (ମାଜଣା) ମଣ୍ଡପକୁ ବିଜେ ହେବେ । ମା'ଦୁର୍ଗାଦେବୀଙ୍କୁ ସହସ୍ରଗରା ଜଳ ଲାଗି କରାଯିବ । ଠାକୁରାଣୀଙ୍କ ବେଶ ଅନୁଷ୍ଠିତ ହୋଇ ଶୀତଳ ଭୋଗ ପ୍ରସାଦ ଲାଗି ହେବ । ଦେବୀ ଦୁର୍ଗା ବାହୁଡ଼ା ବିଜେ କରି ଭଣ୍ଡାର ଦ୍ୱାରକୁ ଆସିବେ । ମାଧବ ଆଜ୍ଞାମାଳ ପାଇ ଭଣ୍ଡାର ଦ୍ୱାରକୁ ଆସିବେ । ଭଦ୍ରାସନରେ ଉଭୟ ଦେବାଦେବୀ ରୁନ୍ଧା ହେବେ । ଦେବାଦେବୀ ମା'ବିମଳା ଠାକୁରାଣୀଙ୍କ ଜଗମୋହନରେ ବିଜେ ହେବେ । ଶୀତଳ ଭୋଗ ଅର୍ପଣ କରାଯାଇ ଆଳତି ଓ ବନ୍ଦାପନା ନୀତି ବଢ଼ିବ । ଠାକୁରଙ୍କ ରାତି ଚନ୍ଦନଲାଗି ନୀତି ବଢ଼ିଲେ ସେବାୟତମାନେ ଦୁର୍ଗାମାଧବଙ୍କୁ ବିଜେ କରାଇ ଆଣି ଭଣ୍ଡାର ଘରେ ସ୍ଥାପନା କରିବେ । ଶାରଦୀୟ ପୂଜାର ଶେଷାର୍ଦ୍ଧରେ ଶ୍ରୀଦୁର୍ଗାମାଧବ ନାରାୟଣୀଙ୍କ ମନ୍ଦିରକୁ ବିଜେ କରି ନୀତି ସମ୍ପନ୍ନ ହେବ । ଏଥିସହ ଶ୍ରୀକ୍ଷେତ୍ରର ପ୍ରାଚୀନ ଦେବୀ ପୀଠରେ ମଧ ମା'ଙ୍କ ଶାରଦୀୟ ପୂଜାର ଶୁଭାରମ୍ଭ ହେବ । ଶ୍ରୀନହର ସିଂହଦ୍ୱାରଠାରେ ବିରାଜିତ ମା'କନକଦୁର୍ଗାଙ୍କଠାରେ ପୂଜାର୍ଚ୍ଚନା କରାଯାଇ ବ୍ରାହ୍ମଣଙ୍କୁ ନୂତନ ବସ୍ତ୍ର, ଚିଟାଉ ଓ ନାରିକେଳ ଆଦି ଅର୍ପଣ କରାଯିବ । ଦେବୀପୀଠମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ଚଣ୍ଡୀପାଠ ଓ ଠାକୁରାଣୀଙ୍କ ସହସ୍ରନାମ ପାଇଁ ବ୍ରାହ୍ମଣମାନେ ସ୍ୱତନ୍ତ୍ର ଦାୟିତ୍ୱ ଗ୍ରହଣ କରିବେ ।

# ଭାରତରେ 'ଫ୍ରି'ରେ ପଢ଼ିବେ ବିଦେଶୀ ଛାତ୍ର

## ସରକାର ଦେବେ ୪ କୋଟିର ସ୍କଲାରସିପ୍



**ନୂଆଦିଲ୍ଲୀ ୨୩।୦୯**

ଭାରତର ଅଧିକାଂଶ ଛାତ୍ର ଆମେରିକା କିମ୍ବା ବିଦେଶରେ ପାଠ ପଢ଼ିବାକୁ ଯାଆନ୍ତି । ଆଉ ସେଠାରେ ସ୍କଲାରସିପ୍‌ରେ ପାଠ ପଢ଼ନ୍ତି । ହେଲେ ଖୁବଶୀଘ୍ର ଆମେରିକା କିମ୍ବା ବିଦେଶର ଛାତ୍ରମାନେ ମଧ ଭାରତ ଆସିବେ। ଆଉ ଭାରତର ସ୍କଲାରସିପ୍‌ରେ ପାଠ ପଢ଼ିବେ । ଖାଲି ଆମେରିକା ନୁହେଁ, ଏହାବ୍ୟତୀତ ଅନ୍ୟ ଦେଶର ଛାତ୍ରଛାତ୍ରୀମାନେ ମଧ ଏହାର ଲାଭ ଉଠାଇ ପାରିବେ । ହିନ୍ଦ-ପ୍ରଶାନ୍ତ କ୍ଷେତ୍ର ପାଇଁ ୫ ଲକ୍ଷ ଡଲାର ( ୪.୧୭ କୋଟି ଟଙ୍କା)ର ୫୦ କ୍ୱାଡ ସ୍କଲାରସିପ୍ ଘୋଷଣା ହୋଇଛି । କ୍ୱାଡ ସ୍କଲାରସିପ୍ ଅଧିନରେ ବିଦେଶୀ ଛାତ୍ରମାନେ ଭାରତ ସରକାରଙ୍କ ଅନୁଦାନପ୍ରାପ୍ତ ଇଞ୍ଜିନିୟରିଂ କଲେଜରେ ୪ ବର୍ଷୀୟା ସ୍ନାତକୋତ୍ତର ପାଠ ପଢ଼ିପାରିବେ । ଭାରତ ପକ୍ଷରୁ ଏପରି ସମୟରେ ଏହି ଯୋଜନାର ଘୋଷଣା କରାଯାଇଛି କି, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଅଛନ୍ତି । ଆଉ କ୍ୱାଡ ଶିଖର ସମ୍ମିଳନୀରେ ଭାଗ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟତୀତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନୋ ଉପସ୍ଥିତ ରହିଥିଲେ। ୪ର୍ଥ ଦେଶ-ଅଷ୍ଟ୍ରେଲିଆ, ଭାରତ, ଜାପାନ ଏବଂ ଆମେରିକା ୨୪ ସେପ୍ଟେମ୍ବର ୨୦୨୧ରେ ୪୦,୦୦୦ ଆମେରିକୀୟ ଡଲାରର କ୍ୱାଡ୍ ଫେଲୋସିପ୍ ଘୋଷଣା କରିଥିଲେ। ଏହି ସ୍କଲାରସିପ୍‌ରେ ଉଦ୍ଦେଶ୍ୟ ହେଉଛି (ବିଜ୍ଞାନ, ବୈଷୟିକ, ଇଞ୍ଜିନିୟରି, ଗଣିତ) ଛାତ୍ରମାନଙ୍କୁ ସମର୍ଥନ କରିବା । ଏହି ଛାତ୍ରବୃତ୍ତି ଅନ୍ତର୍ଜାତୀୟ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ । ଯାହା ଏକ ଅଣ-ଲାଭକାରୀ ସଂସ୍ଥା ଅଟେ । କ୍ୱାଡ ଫେଲୋସିପ୍ ଆମେରିକାରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟିମ୍)ରେ ମାଷ୍ଟର ଏବଂ ଡକ୍ଟରେଟ୍ ଡିଗ୍ରୀ ହାସଲ କରୁଥିବା ଛାତ୍ରମାନଙ୍କୁ ପ୍ରଦାନ କରାଯାଇଥାଏ ।

# ଜିନ୍ ଥେରାପିକୁ ପ୍ରୋତ୍ସାହିତ କଲେ ଚିଫ୍ ଜଷ୍ଟିସ୍

## ବିରଳ ରୋଗ ନେଇ ସଚେତନ କରିବା ଆବଶ୍ୟକ

**ନୂଆଦିଲ୍ଲୀ ୨୩/୦୯**

ବିରଳ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଜେନେଟିକ ରୋଗ ବିଷୟରେ ଆମେ ଅଜ୍ଞ ନରହି ଜାଣିବା ଦରକାର। ଭାରତର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ ସମାଜରେ ବିରଳ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସାଂସ୍କୃତିକ, ଧାର୍ମିକ କିମ୍ବା ପାରମ୍ପରିକ ପ୍ରତିବନ୍ଧକକୁ ଖାତିର ନକରି ସେପରି ପିତାମାତା ଏବଂ ସେମାନଙ୍କ ପରିବାର ପ୍ରତି ସହାନୁଭୂତି ଏବଂ ସମର୍ଥନ ପ୍ରଦର୍ଶନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନାରାୟଣ ନେଥରଲାୟା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଜିନ୍ ଥେରାପି ଏବଂ ସଠିକ୍ ଔଷଧ ଉପରେ ଏକ ଆଲୋଚନାଚକ୍ରରେ



ଜଷ୍ଟିସ୍ ଚନ୍ଦ୍ରଚୁଡ କହିଛନ୍ତି - ଭାରତ ଭଳି ଦେଶରେ, ଯାହାର ବିଶ୍ୱର ସର୍ବାଧିକ ଜନସଂଖ୍ୟା ଅଛି । ଯେଉଁଠି ୪,୬୦୦ରୁ ଅଧିକ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଅନ୍ୟ ସମ୍ପ୍ରଦାୟରେ ବିବାହ କରନ୍ତି, ଆଉ ବିରଳ ରୋଗର ସମ୍ମୁଖୀନ ହୋଇଥାନ୍ତି। ଦୁର୍ଭାଗ୍ୟବଶତଃ ଏହି ଅଭିନବ ଚିକିତ୍ସା ଭାରତ ଏବଂ ଅନ୍ୟାନ୍ୟ ସ୍ୱଳ୍ପ ଏବଂ ମଧ୍ୟମ ଆୟ ଦେଶରେ ସମ୍ଭବ ନୁହେଁ। ଏହା ଏକ ପରିସ୍ଥିତି ଯାହା ପରିବର୍ତ୍ତନ ହେବା ଆବଶ୍ୟକ । ସେ କହିଛନ୍ତି ଜିନ୍ ଥେରାପି ପାଇଁ ସର୍ବଭାରତୀୟ ପ୍ରବେଶକୁ ବାଧା ଦେବା ଏହାର ମୂଳ ମୂଲ୍ୟ ଅଟେ । ସେ କହିଛନ୍ତି, 'ପାଶ୍ଚାତ୍ୟ ଦେଶରେ ଅନୁମୋଦିତ ଜିନ୍ ଥେରାପି ଚିକିତ୍ସା ପାଇଁ ୭ ରୁ ୩୦କୋଟି ଟଙ୍କା ଅଟେ, ଯାହା ଭାରତରେ ଅଧିକାଂଶଙ୍କ ପାଇଁ ଅସହଯୋଗ କରିଥାଏ । ଫଳସ୍ୱରୂପ, ଅନେକ ପରିବାର ଏହି ଗୁରୁତର ଚିକିତ୍ସା ପାଇଁ କ୍ରାଉଡ୍ ଫଣ୍ଡିଂ କରନ୍ତି । ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ଚିକିତ୍ସା ପାଇଁ ବୀମା କଭର ଯୋଗାଇବା ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରୁଥିବାବେଳେ ସିଜେଇ କହିଛିନ୍ତି ଯେ ଆମର ରୋଗୀ ଜନସଂଖ୍ୟା ପାଇଁ ପ୍ରସ୍ତୁତ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ ଦ୍ୱାରା ପରିସ୍ଥିତିର ପ୍ରଭାବଶାଳୀ ସମାଧାନ ହୋଇପାରିବ। ଏହି ରୋଗୀଙ୍କ ପାଇଁ ସାମାଜିକ-ସାଂସ୍କୃତିକ ସହାୟତା ଆଧାର ପାଇଁ ଜେନେଟିକ ବ୍ୟାଧି ବିଷୟରେ ସାମାଜିକ ସଚେତନତା ଜରୁରୀ ବୋଲି ସିଜେଆଇ କହିଛନ୍ତି। ବ୍ୟୟବହୁଳ ଜିନ୍ ଥେରାପିର ବିକାଶ ପାଇଁ ସେ କହିଛନ୍ତି, "କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର)ପଦକ୍ଷେପ କିମ୍ବା ଷ୍ଟାର୍ଟଅପରେ ପ୍ରତ୍ୟକ୍ଷ ବିନିଯୋଗ ମାଧ୍ୟମରେ ଶିଳ୍ପ ଏହାର ସମର୍ଥନକୁ ବୃଦ୍ଧି କରିବାକୁ ପଡିବ । ଅଧିକ ଶିଳ୍ପ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଟିକସ ପ୍ରୋତ୍ସାହନ ଏବଂ ଲାଭ ପାଇଁ ପ୍ରସ୍ତାବ ରହିବା ଉଚିତ, ବିଶେଷ କରି ବିରଳ ରୋଗର ଚିକିତ୍ସା ପାଇଁ ବଜାର ଅପେକ୍ଷାକୃତ ଛୋଟ। ଶେଷରେ, ସେ ଜେନେଟିକ୍ ଥେରାପି କ୍ଲିନିକାଲ୍ ଟ୍ରାଏଲ୍ ପାଇଁ କହିଛନ୍ତି, ଏପରି ଚିକିତ୍ସା କରାଯିବ କି ନାହିଁ ତାହା ସ୍ଥିର କରିବାର ବ୍ୟକ୍ତିର ମୌଳିକ ଅଧିକାରକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ରୋଗୀଙ୍କୁ ସମ୍ଭାବ୍ୟ ଫଳାଫଳ, ବିପଦ ଏବଂ ବିକଳ୍ପ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ସ୍ୱାଧୀନତା ସର୍ବଦା ସମ୍ମାନିତ ହେବା ନିଶ୍ଚିତ ନକରି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।



ଶଙ୍ଖ ଭବନରେ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ବିଜୁଜନତା ଦଳ ନେତା ଓ କର୍ମୀମାନଙ୍କ ସହ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଓ ଜନତାଙ୍କ ସେବା ଅବ୍ୟାହତ ରଖିବା ସମ୍ପର୍କରେ ଆଲୋଚନା କରୁଛନ୍ତି ଦଳର ସଭାପତି ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ଆତ୍ମସମର୍ପଣ କଲେ ୩ ହାର୍ଡକୋର ମାଓବାଦୀଙ୍କ ସହ ୮ ନକ୍ସଲ

**ମାଲକାନଗିରି,୨୩/୦୯ ନ୍ୟୁଜ ବ୍ୟୁରୋ**

ସୁରକ୍ଷା ବାହିନୀକୁ ମିଳିଲା ବଡ ସଫଳତା । ବିଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କଲେ ୩ଜଣ ହାର୍ଡକୋର ମାଓବାଦୀଙ୍କ ସହ ମୋଟ ୮ ଜଣ ନକ୍ସଲ । ମାଲକାନଗିରି ଛତିଶଗଡ ସୀମାନ୍ତ ବିଜାପୁରରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ବିଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କଲେ ୩ଜଣ ହାର୍ଡକୋର ମାଓବାଦୀଙ୍କ ସହ ମୋଟ ୮ ଜଣ ନକ୍ସଲ । ଆତ୍ମସମର୍ପଣ କରିଥିବାମାଓବାଦୀଙ୍କ ଉପରେ ୧୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ଛତିଶଗଡ ସରକାର । ତେବେ ଏମାନଙ୍କ ନାଁରେ ହତ୍ୟା, ଆଇଇଡି ବିସ୍ଫୋରଣ, ସୁରକ୍ଷାକର୍ମୀଙ୍କ ଉପରେ ଗୁଳି ଚାଳନା କରିବା ଭଳି ଅନେକ ସଙ୍ଗିନ ଅଭିଯୋଗ ରହିଛି । ଆତ୍ମସମର୍ପଣ ପରେ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ବିଜାପୁର ପୋଲିସ କହିଛି ।



ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର ସଭା ଗୃହରେ ବିଶିଷ୍ଟ ଐତିହାସିକ, ସାହିତ୍ୟିକ, ଶିକ୍ଷାବିତ୍ ତଥା ସମାଜସେବୀ ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ୨୨ତମ ସ୍ମୃତି ସମାରୋହ ପାଳନ ଅବସରରେ ପ୍ରଫେସର ଡ. ନିହାର ପଟ୍ଟନାୟକଙ୍କ ଲିଖିତ ପୁସ୍ତକ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ'କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ଅଶୋକ କୁମାର ଦାସ, ପ୍ରଫେସର ହରେକୃଷ୍ଣ ଶତପଥୀ, ପୂର୍ବତନ ବରିଷ୍ଠ ପ୍ରଶାସକ ଡ. ରବିନାରାୟଣ ସେନାପତି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ରାଜ୍ୟରେ କମିଲା ବାର୍ଡ ଫ୍ଲୁ ଭୟ : କେବଳ ପୁରୀ ଓ କେନ୍ଦ୍ରାପଡାରେ କଟକଣା

**ଭୁବନେଶ୍ୱର ୨୩/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ନିୟନ୍ତ୍ରଣରେ ଅଛି ବାର୍ଡ ଫ୍ଲୁ । ପୁରୀ ଓ କେନ୍ଦ୍ରାପଡାକୁ ଛାଡି ଅନ୍ୟ କେଉଁ ଜିଲ୍ଲାରେ ନାହିଁ ପ୍ରତିବନ୍ଧକ । ଅନ୍ୟ ଜିଲ୍ଲାର ଲୋକେ କୁକୁଡା ଓ ଅଣ୍ଡା ଖାଇପାରିବେ। ବ୍ୟବସାୟୀମାନେ ମଧ ବେପାର କରିପାରିବେ । କେହି ଭୟଭୀତ ନହେବାକୁ ଅପିଲ କରିଛନ୍ତି ମତ୍ସ୍ୟ ଓ ପଶୁ ସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ ଆହୁରି କହିଛନ୍ତି ତେବେ ଅନ୍ୟ ରାଜ୍ୟକୁ କୁକୁଡା ଓ ଅଣ୍ଡା ରପ୍ତାନୀ ନେଇ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେ ସଂପର୍କରେ ବିଚାର ବିମର୍ଶ ଚାଲିଛି, ଖୁବ୍ ଶୀଘ୍ର ସମାଧାନ ହେବ ।



# ବିଲ୍‌ଡିଂ ଅଛି :ପାଣି ନାହିଁ କି ବିଜୁଳି ନାହିଁ

- ଶତାଧିକ ଛାତ୍ରୀନିବାସରେ ରହୁନାହାନ୍ତି ଛାତ୍ରୀ
- ଖାଲି ପଡ଼ିଛି ୨୨୨ ଛାତ୍ରୀନିବାସ



**ଭୁବନେଶ୍ୱର, ୨୩।୯ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରୁ ଅଳ୍ପ ଦୂରରେ ଜଟଣୀ ବ୍ଲକ ଷଣ୍ଢପୁରରେ ଥିବା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀନିବାସ ନୂତନ ବିଲଡିଂ ନିର୍ମାଣ ସରିଛି, କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇପାରୁନି । ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ ମାଲୁଦରେ ରହିଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ । ବ୍ଲକ୍ ଅଧୀନରେ ଥିବା ୨୧ଟି ପଞ୍ଚାୟତରୁ ଛାତ୍ରଛାତ୍ରୀ ପଢ଼ିବାକୁ ଆସୁଛନ୍ତି । କାହା ଘର ୧୦ କିଲୋମିଟର ଦୂର ତ ଆଉ କାହାର ୩୦ କିଲୋମିଟର ଦୂର । ଛାତ୍ରୀମାନେ ରହିବା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରେ ନିର୍ମାଣ ହୋଇଛି ନୂତନ ଛାତ୍ରୀନିବାସ। କିନ୍ତୁ ଏଠାରେ ଜଣେ ବି ଛାତ୍ରୀ ରହୁନାହାନ୍ତି । ସେହିପରି ସାକ୍ଷୀଗୋପାଳ ବ୍ଲକ୍ ପଟ୍ଟନାୟିକିଆ ଛକ ପାଖେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସମାନ ଅବସ୍ଥା । ହଷ୍ଟେଲ ନ ଥିବାରୁ ୧୦/ ୧୫ କିଲୋମିଟର ଦୂରରୁ ପ୍ରତିଦିନ ଛାତ୍ରଛାତ୍ରୀ ଆସି ପାଠ ପଢୁଛନ୍ତି । ହଷ୍ଟେଲ ନଥିବାରୁ ଅଭିଭାବକମାନେ ମିଶି ଘରୋଇ ବସ୍, ଟ୍ୟାକ୍ସି କରି ପିଲାଙ୍କୁ ପଠାଉଛନ୍ତି । ଏପରିକି ସ୍କୁଲ ପାଖରେ ଖୋଲିଥିବା ଘରୋଇ ହଷ୍ଟେଲରେ ରହୁଛନ୍ତି । ସରକାର ସିନା ମାଗଣାରେ ପାଠ ପଢ଼ାଉଛନ୍ତି । ହେଲେ ପ୍ରତିଦିନ ଘରୁ ସ୍କୁଲ ଯିବା ଆସିବା ଖର୍ଚ୍ଚ ମୁଣ୍ଡ ବିନ୍ଧା କରୁଛି । ରାଜ୍ୟରେ ୩୧୪ ବ୍ଲକ୍‌ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୨୨୨ଟି ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ସରିଛି । ହେଲେ ଏଥିରୁ ଶହେରୁ ଅଧିକ ଛାତ୍ରୀନିବାସ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନି । କାରଣ ହେଲା କେଉଁଠି ବିଜୁଳି ସଂଯୋଗ ଯାଇନି ତ ଆଉ କେଉଁଠି ପିଇବା ପାଣି ବ୍ୟବସ୍ଥା ନାହିଁ । ହଷ୍ଟେଲ ଚାଲିବା ପାଇଁ ଆବଶ୍ୟକ ଆସବାବପତ୍ର ଯୋଗାଇ ଦିଆଯାଇନି । କର୍ମଚାରୀ ମଧ ନିଯୁକ୍ତି କରାଯାଉନି । ତେଣୁ ଚକାଚକ୍ ବିଲଡିଂ ତିଆରି ହୋଇଥିଲେ ମଧ ସେଥିରେ ଭୂତ ରହୁଛନ୍ତି । ଏ ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ନିର୍ମାଣ ସରିଥିବା ଛାତ୍ରୀନିବାସ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି । ହଷ୍ଟେଲରେ ଯେଉଁ ଛାତ୍ରୀମାନେ ରହିବେ ସେମାନେ ଜଣ ପିଛା ମାସିକ ଦୁଇ ହଜାର ଟଙ୍କା ଦେବେ ବୋଲି ସରକାର କହୁଛନ୍ତି । ମାତ୍ର ଆଗରୁ କାର୍ଯ୍ୟକ୍ଷମ ଛାତ୍ରୀନିବାସଗୁଡିକରେ ଛାତ୍ରୀମାନେ ଏହି ଟଙ୍କା ଦେଉନାହାନ୍ତି । ସେଗୁଡ଼ିକୁ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ସହ ସଂଯୁକ୍ତ କରାଯାଇଛି। ତେଣୁ ଅଧା ସ୍କୁଲ ଝିଅ ମାଗଣା ହଷ୍ଟେଲରେ ରହିବେ ଓ ଆଉ ଅଧା କିପରି ଟଙ୍କା ଦେବେ ତାହା ସମସ୍ୟା ହୋଇଛି । ଏ ନେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି । ୨୦୧୬ ମସିହାରେ ରାଜ୍ୟର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଏକ ଉଚ୍ଚମାନର ଇଂରାଜୀ ମାଧ୍ୟମ ସ୍କୁଲ୍ 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' କରିବାକୁ ଘୋଷଣା କରାଯାଇଥିଲା । ଅର୍ଥାତ୍ ୨୦୧୬-୧୭ ଶିକ୍ଷା ବର୍ଷରେ ୧୦୦ଟି ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ କରାଯାଇଥିଲା । ୨୦୧୭-୧୮ ବର୍ଷରେ ୬୦ଟି, ୨୦୧୮-୧୯ରେ ଆଉ ୩୦ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ କରାଯାଇଥିଲା । ପର୍ଯ୍ୟାୟକ୍ରମେ ୩୧୪ ବ୍ଲକ୍‌ରେ ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଥିବା ବେଳେ କୋଟିଆରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ୫ଟି ମାଇନିଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ରାଜ୍ୟରେ ମୋଟ୍ ୩୨୦ ଆଦର୍ଶ ବିଦ୍ୟାଳୟ ରହିଛି । ସମସ୍ତ ବିଦ୍ୟାଳୟ କେନ୍ଦ୍ରୀୟ ମାଧ୍ୟମିକ ବୋର୍ଡ ପରିଷଦ ଅନୁବନ୍ଧିତ ହୋଇଛି । ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ବ୍ୟବସ୍ଥା ରହିଛି। ପ୍ରତି କ୍ଲାସ୍‌ରେ ୮୦ ଜଣ ପିଲା ପଢ଼ିବା କ୍ଷମତା ରହିଛି । ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଉଭୟ ଛାତ୍ରାବାସ ଓ ଛାତ୍ରୀନିବାସ ଏଠାରେ ରହିବା କଥା । ୩୧୪ଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୨୯୭ଟିର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏପର୍ଯ୍ୟନ୍ତ ଆହୁରି ୧୭ଟି ସ୍କୁଲର ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଏପର୍ଯ୍ୟନ୍ତ ମାତ୍ର ସବୁ ସ୍କୁଲରେ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇନି । ୩୧୪ ବ୍ଲକ୍‌ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୨୨୨ଟି ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ସରିଛି । ୮୨ଟିରେ ଛାତ୍ରୀନିବାସ ନିର୍ମାଣ ହୋଇନି । ଯେତିକି ତିଆରି ହୋଇଛି, ସବୁଥିରେ ଛାତ୍ରୀ ରହୁନାହାନ୍ତି । ସେହିପରି ମାତ୍ର ୩୨ଟି ସ୍କୁଲରେ ପୁଅ ପିଲାଙ୍କ ପାଇଁ ଛାତ୍ରାବାସ ନିର୍ମାଣ ହୋଇଛି । ୨୮୨ଟି ବାଳକ ହଷ୍ଟେଲ୍ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇନି।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଡିପିଜି, କ୍ରାଇମବ୍ରାଞ୍ଚ ଏଡିଜି

**ଭୁବନେଶ୍ୱର, ୨୩/୯ ନ୍ୟୁଜ ବ୍ୟୁରୋ**

ଭରତପୁର ଥାନାରେ ମେଜର ଓ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଭେଟିଛନ୍ତି ପୁଲିସ ଡିପିଜି ୱାଇ.ବି ଖୁରାନିଆ। ଡିଜିପିଙ୍କ ସହ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ମାମଲାର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଜଣାଇଛନ୍ତି। କିଛି ସେନା ଅଧିକାରୀ ମଧ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ମାମଲା ସମ୍ପର୍କରେ ଆଲୋଚନା କରିଥିବା ସୂଚନା ମିଳିଛି।

# ୨୫ରେ ରମାଦେବୀ ବିଶ୍ୱବିଦ୍ୟାଳୟକୁ ଆସୁଛି ନାକ୍ ଟିମ୍

**ଭୁବନେଶ୍ୱର,୨୩/୦୯ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୫ ତାରିଖ (ବୁଧବାର) ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିବେ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେସନ୍ କାଉନସିଲ୍ (ନାକ୍) ଟିମ୍ । ୩ ଦିନିଆ ଗସ୍ତରେ ଆସୁଥିବା ଏହି ଟିମ୍ ବିଶ୍ୱବିଦ୍ୟାଳୟର ସମସ୍ତ ଦିଗକୁ ଯାଞ୍ଚ କରିବେ । ଏନେଇ ଜୋରଦାର ପ୍ରସ୍ତୁତ ହେଉଛି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ । ରବିବାରରେ ବି ବିଶ୍ୱବିଦ୍ୟାଳୟକୁ ଆସୁଛନ୍ତି କର୍ମଚାରୀ ଓ ଅଧ୍ୟାପକ । ବିଶ୍ୱବିଦ୍ୟାଳୟକୁ ସଜ୍ଜା ଯାଉଛି। ପରିସରର ସୌନ୍ଦର୍ଯ୍ୟକରଣ ଚାଲିଛି । ତେବେ ବିଶ୍ୱବିଦ୍ୟାଳୟ ପାଇଁ ଆହ୍ୱାନ ପାଲଟିଛି ଭିତ୍ତିଭୂମି । କ୍ରୀଡ଼ା ଭିତ୍ତିଭୂମି, କ୍ଲାସରୁମ୍, ଷ୍ଟାଫ୍ କ୍ୱାର୍ଟର ଆଦି ପ୍ରମୁଖ ଆହ୍ୱାନ ରହିବ। ତେବେ ଏହାକୁ ମୁକାବିଲା କରିବାକୁ କର୍ତ୍ତୃପକ୍ଷ ମଧ ପ୍ରସ୍ତୁତ ହେଉଛନ୍ତି । ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ନାକ୍ ଟିମ୍ ଆଲୋଚନା କରିବେ । କୁଳପତି ବିଶ୍ୱବିଦ୍ୟାଳୟ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନ କରିବେ । ଏହାପରେ ଇଣ୍ଟରନାଲ୍ କ୍ୱାଲିଟି ସେଲ୍ (ଆଇକ୍ୟୁସି) ଉପସ୍ଥାପନା କରାଯିବ । ବିଭାଗରେ ପାଠପଢ଼ା, ଗବେଷଣା ଆକ୍ଟିଭିଟି, କ୍ଲାସରୁମ୍‌ର ଭିତ୍ତିଭୂମି, ଛାତ୍ରୀଙ୍କ ପ୍ରୋଫାଇଲ୍ ଦେଖିବେ । ପରୀକ୍ଷା ପରିଚାଳନା, ଅର୍ଥ କାରବାର, କାର୍ଯ୍ୟାଳୟ ସଂପର୍କିତ କାର୍ଯ୍ୟ ଆଦି ବିଷୟରେ ଆଲୋଚନା କରିବେ। ଦ୍ୱିତୀୟ ଦିନରେ ବିଭିନ୍ନ ବିଭାଗ, ହଷ୍ଟେଲ୍, ଗବେଷଣାଗାର, କ୍ୟାଣ୍ଟିନ୍, ଗେଷ୍ଟ ହାଉସ୍, ପ୍ରେକ୍ଷାଳୟ ଆଦି ପରିଦର୍ଶନ କରିବେ । ପିଲାଙ୍କ ସହିତ ଆଲୋଚନା କରିବେ । ଶେଷ ଦିନ ପ୍ରସ୍ଥାନ ବୈଠକ ହେବ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଡକ୍ୟୁମେଣ୍ଟ ଆଦି ପ୍ରସ୍ତୁତ କରିବେ । ନାକ୍ ପରିଦର୍ଶନ ସମୟରେ ସଂଧ୍ୟାରେ ଓଡ଼ିଶା ପରମ୍ପରା ଥିମକୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇପାରେ । ଉଲ୍ଲେଖଯୋଗ୍ୟ, ରମାଦେବୀ ମହିଳା ମହାବିଦ୍ୟାଳୟ ଥିବା ସମୟରେ ଶେଷ ଥର ପାଇଁ ୨୦୧୪ ମସିହାରେ ନାକ୍ ପରିଦର୍ଶନ କରିଥିଲା । ଏହିସମୟରେ କଲେଜକୁ ନାକ୍-ଏ ଗ୍ରେଡ୍ ମାନ୍ୟତା ମିଳିଥିଲା । ମାତ୍ର ୨୦୧୫ ମସିହାରେ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ନାକ୍ ପରିଦର୍ଶନ ହେଉଛି ଏହା ପ୍ରଥମ ।